ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୦/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, December 10/2025 | Page 14 | ₹ 7.00 | BALASORE
୫୨ଶ ଭାଗ ୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 17 | ମୂଲ୍ୟ ₹୭/-


# ବାରବାଟୀରେ ଭାରତର ଦମ୍‌ଦାର ବିଜୟ

କଟକ,୯।୧୨(ଅନାଦି କର)

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ରୁତ ଅର୍ଦ୍ଧଶତକ ପରେ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚରେ ଦମ୍‌ଦାର ବିଜୟ ହାସଲ କରିଛି। ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୫ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ୭୪ ରନକରି ଅଲ୍‌ଆଉଟ ହୋଇଛି। ଫଳରେ ଭାରତ ୪୫ ବଲ୍ ବାକିଥାଇ ୧୦୧ ରନରେ ମ୍ୟାଚ ଜିତିଛି। ଏଥିସହ ବାରବାଟୀରେ ଦକ୍ଷିଣ ଆଫ୍ରିକାଠାରୁ ପରାଜୟଧାରା ଭାଙ୍ଗିଛି ଟିମ୍ ଇଣ୍ଡିଆ। ପୂର୍ବରୁ ଏଠାରେ ଅନୁଷ୍ଠିତ ୨ଟି ଯାକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ଭାରତୀୟ ବୋଲରଙ୍କୁ ମୁକାବିଲା କରି ନ ପାରି କ୍ୱିଣ୍ଟନ ଡି'କକ୍ ଖାତା ଖୋଲିପାରି ନ ଥିବାବେଳେ ☞ପୃଷ୍ଠା-୪



ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଟି୨୦ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାଟିଂ ପ୍ରଦର୍ଶନ। **(ଫଟୋ: ରାଜକିଶୋର ମହାନ୍ତି)**

# ଏସ୍‌ଆଇଆର୍: ସମାଧାନ ନ କଲେ ଅରାଜକତା ହେବ

## କାର୍ଯ୍ୟଚାପରେ ବିଏଲ୍‌ଓଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

ସମ୍ପ୍ରତି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ଦ୍ୱିତୀୟ ପର୍ଯ୍ୟାୟ ପଶ୍ଚିମବଙ୍ଗ ସମେତ ୯ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଛି। ଏହି ଦାୟିତ୍ୱ ତୁଲାଇବାରେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ବିଫଳ ହେଲେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିର୍ବାଚନ କମିଶନ (ଇସି)ଙ୍କ ଅଧିକାରୀମାନେ ଧମକ୍ ଦେଉଥିବା ଅଭିଯୋଗ ଆସୁଛି। ଏପରିକି ଅନେକ ସ୍ଥଳେ ବିଏଲ୍‌ଓ ଭାବେ ନିୟୋଜିତ ଶିକ୍ଷୟିତ୍ରୀ/ଶିକ୍ଷକ ଓ ଅଙ୍ଗନୱାଡି କର୍ମୀ ଆତ୍ମହତ୍ୟା କରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ସୁପ୍ରିମକୋର୍ଟ ମଙ୍ଗଳବାର ଏ ସମ୍ପର୍କିତ ଆବେଦନର ଶୁଣାଣି କରି ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏସ୍‌ଆଇଆର୍ କାର୍ଯ୍ୟଚାପଜନିତ ସ୍ଥିତିର ମୁକାବିଲା ସହ ଏହାର ସମାଧାନ ନ କଲେ ଅରାଜକତା ସୃଷ୍ଟି ହେବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଇସିଙ୍କୁ କଡ଼ା ଚେତାବନୀ ଦେଇଛନ୍ତି।

ନୂଆଦିଲ୍ଲୀ,୯।୧୨(ପି.ଟି./ଲାଇଭ୍‌ଲ)

ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ବେଳେ ପର୍ଯ୍ୟାପ୍ତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ମୁତୟନ ପାଇଁ ସନାତନୀ ସଂସଦ ନାମକ ଏକ ସଙ୍ଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ବିଏଲ୍‌ଓ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଧମକ ଦିଆଯିବା ସହ ସେମାନଙ୍କ ଉପରେ ହିଂସାତ୍ମକ ଆଚରଣ ମଧ୍ୟ କରାଯାଉଛି। ତେଣୁ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଇସିଙ୍କୁ ନିର୍ଦ୍ଦେଶ ଦେବା ସକାଶେ ସନାତନୀ ସଂସଦର ଓକିଲ ଭି. ଗିରି ଅଦାଲତଙ୍କୁ ନିବେଦନ କରିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ବେଳେ କହିଛନ୍ତି, ତୃଣମୂଳସ୍ତରରେ ଭୋଟର ତାଲିକାର ତ୍ରୁଟିଶୂନ୍ୟ ଏସ୍‌ଆଇଆର୍ ସୁନିଶ୍ଚିତ କରାଇବାକୁ ଆମେ ଚାହୁଁଛୁ। ତେବେ ଏସ୍‌ଆଇଆର୍ କାର୍ଯ୍ୟ ଚାଲିଥିବା ସମୟରେ ବିଏଲ୍‌ଓମାନଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ ଆମ ଦୃଷ୍ଟିକୁ ଅଣାଯାଇଛି। ସହଯୋଗର ଅଭାବ ଯୋଗୁ ବିଏଲ୍‌ଓମାନଙ୍କ କାର୍ଯ୍ୟରେ ବାଧା ଉପୁଜୁଥିବା ଜାଣିବାକୁ ମିଳିଛି। ଏହାର ତ୍ୱରିତ ସମାଧାନ କରା ନ କଲେ ଅରାଜକତା ସୃଷ୍ଟିହେବ। ଏହାକୁ ଏଡ଼ାଇବା ପାଇଁ ସୁପ୍ରିମକୋର୍ଟ ଉପଯୁକ୍ତ ରାୟ ପ୍ରକାଶ କରିବେ ବୋଲି ଇସିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀଙ୍କୁ ଖଣ୍ଡପୀଠ ତାଗିଦ୍ କରିଛନ୍ତି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ଗାନ୍ଧୀ ବିଭାଜନକାରୀ


# ବଢ଼ିବ ବିଧାୟକ, ମନ୍ତ୍ରୀଙ୍କ ଦରମା

## ଗୃହରେ ବିଲ୍ ପାରିତ, ରାଜ୍ୟପାଳଙ୍କ ମୋହରକୁ ଅପେକ୍ଷା

ବିଧାୟକ, ମନ୍ତ୍ରୀ ଓ ବାଚସ୍ପତିଙ୍କ ଦରମା ବଢ଼ିବ। ଦରମା ବୃଦ୍ଧି ନେଇ ଦୀର୍ଘଦିନ ଧରି ହୋଇଆସୁଥିବା ଦାବି ସମ୍ପର୍କିତ ବିଲ୍ ମଙ୍ଗଳବାର ଓଡ଼ିଶା ବିଧାନସଭାରେ ପାରିତ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୃହରେ ସଦସ୍ୟଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲ୍ ଉପସ୍ଥାପନ କରିବା ପରେ ଏହାକୁ ସବୁ ଦଳର ସଦସ୍ୟମାନେ ସମର୍ଥନ ଜଣାଇଥିଲେ। ତେବେ ରାଜ୍ୟପାଳଙ୍କ ମୋହର ବାଜିବା ପରେ ଏହାକୁ ଲାଗୁ କରାଯିବ। ବିଧାୟକ, ମନ୍ତ୍ରୀ, ବାଚସ୍ପତି ଏବଂ ଉପବାଚସ୍ପତିଙ୍କ ଦରମା ସହ ଭତ୍ତା, ପେନ୍‌ସନ ଆଦି ବୃଦ୍ଧି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ଦ୍ଧିତ ଦରମା ଅନୁସାରେ ଏବେ ବିଧାୟକମାନେ ୩ଲକ୍ଷ ୪୫ହଜାର ଟଙ୍କା ଦରମା ପାଇବେ। ଏହି ବିଲ୍ ପାରିତ ହେବା ପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଛି।

### ବର୍ଦ୍ଧିତ ମୋଟ ଦରମା

- ବିଧାୟକ – ୩ ଲକ୍ଷ ୪୫ ହଜାର
- କ୍ୟାବିନେଟ୍ ମନ୍ତ୍ରୀ – ୩ ଲକ୍ଷ ୬୨ ହଜାର
- ରାଷ୍ଟ୍ରମନ୍ତ୍ରୀ – ୩ ଲକ୍ଷ ୫୬ ହଜାର
- ବାଚସ୍ପତି – ୩ ଲକ୍ଷ ୬୮ ହଜାର
- ଉପବାଚସ୍ପତି – ୩ ଲକ୍ଷ ୫୬ ହଜାର
- ମୁଖ୍ୟମନ୍ତ୍ରୀ – ୩ ଲକ୍ଷ ୭୪ ହଜାର
- ଉପମୁଖ୍ୟମନ୍ତ୍ରୀ– ୩ ଲକ୍ଷ ୬୮ ହଜାର
- ବିରୋଧୀ ଦଳ ନେତା – ୩ ଲକ୍ଷ ୬୨ ହଜାର
- ସରକାରୀ ମୁଖ୍ୟ ସଚେତକ – ୩ ଲକ୍ଷ ୬୨ ହଜାର
- ଉପ ମୁଖ୍ୟ ସଚେତକ – ୩ ଲକ୍ଷ ୫୦ ହଜାର
- ପୂର୍ବତନ ବିଧାୟକ – ୧ ଲକ୍ଷ ୨୦ ହଜାର



ଭୁବନେଶ୍ୱର,୯।୧୨(ରବିନାରାୟଣ ଜେନା)

ବିଧାନସଭାରେ ମଙ୍ଗଳବାର ମଧ୍ୟାହ୍ନରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମହାଲିଙ୍ଗ ପ୍ରଥମେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନ୍‌ସନ ସଂଶୋଧନ ପ୍ରସ୍ତାବ ବିଧେୟକ-୨୦୨୫ ଆଗତ କରିଥିଲେ। ଏହାପରେ ବାଚସ୍ପତି, ଉପବାଚସ୍ପତି ଓ ମନ୍ତ୍ରୀଗଣଙ୍କ ଦରମା ଏବଂ ଭତ୍ତା ସଂଶୋଧିତ ବିଧେୟକ ଆଗତ କରିଥିଲେ। ଏହିସବୁ ବିଧେୟକ ଆଗତ କରି ମନ୍ତ୍ରୀ କହିଥିଲେ, ରାଜ୍ୟରେ ଶେଷଥର ପାଇଁ ୨୦୧୭ରେ ସଦସ୍ୟମାନଙ୍କ ଦରମା, ଭତ୍ତାର ସଂଶୋଧନ କରାଯାଇଥିଲା। ବର୍ତ୍ତମାନର ମୁଦ୍ରାସ୍ଫୀତି ହାର ବୃଦ୍ଧି, ଦରମା ଓ ଭତ୍ତାକୁ ଦୃଷ୍ଟିରେରଖି ଉପଦେଷ୍ଟା କମିଟିର ସୁପାରିସ୍‌କ୍ରମେ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଏହା ପାରିତ ହେଲେ ସଦସ୍ୟ ଓ ଅନ୍ୟମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ପୂର୍ବତନ ବିଧାୟକମାନେ ଚିକିତ୍ସା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହାଦ୍ୱାରା ସେମାନେ ଉପକୃତ ହେବେ। ସଂଶୋଧିତ ବିଧେୟକ ଉପରେ ମତ ରଖି ଶାସକ ଦଳ ବିଧାୟକ ଭାସ୍କର ମଢ଼େଇ କହିଥିଲେ, ସରକାର ଯେଉଁ ପ୍ରସ୍ତାବ ଆଣନ୍ତି, ତାହା ସ୍ୱାଗତଯୋଗ୍ୟ। ବିଧାୟକମାନେ ତୃଣମୂଳସ୍ତରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀ ସମୟରେ ଲୋକଙ୍କୁ ସହାୟତା କରିପାରୁନାହାନ୍ତି। ସରକାର ଯେଉଁ ନିଷ୍ପତ୍ତିନେଇଛନ୍ତି, ଏହାଦ୍ୱାରା ସାଧାରଣ ଲୋକେ ବିଶେଷ ଭାବେ ଉପକୃତ ହେବେ। ଆଲୋଚନାରେ ଭାଗନେବା ସହିତ ବିଧେୟକକୁ ସମର୍ଥନ ଜଣାଇ ସଦସ୍ୟ ସନାତନ ବିଜୁଳି ଓ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଣେଶ୍ୱର ବେହେରା, ଦାଶରଥି ଗମାଙ୍ଗ, ରାମଚନ୍ଦ୍ର କାଡାମ, ପ୍ରମିଳା ମଲ୍ଲିକ ପ୍ରମୁଖ କହିଥିଲେ, ଅର୍ଥନୈତିକ ଓ ସାମାଜିକ ପରିସ୍ଥିତିରେ ଏହା ବଢ଼ିବାର ଆବଶ୍ୟକତା ରହିଛି। ସରକାରଙ୍କ ଏହି ନିଷ୍ପତ୍ତି ସମୟୋଚିତ ବୋଲି ସଦସ୍ୟମାନେ କହିଥିଲେ। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ଗୃହରେ ଗୋଟି ଗୋଟି କରି ବିଧାନସଭା ସଦସ୍ୟ, ବାଚସ୍ପତି, ଉପବାଚସ୍ପତି ଓ ମନ୍ତ୍ରୀମାନଙ୍କ ଦରମା, ଭତ୍ତା ବିଧେୟକକୁ ପାରିତ କରିଥିଲେ। ସେଥିମଧ୍ୟରେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନ୍‌ସନ(ସଂଶୋଧନ)ବିଲ୍-୨୦୨୫ ପାରିତ ହୋଇଛି। ପୂର୍ବରୁ ସଦସ୍ୟମାନେ ୩୬ ହଜାର ମୂଳ ଦରମା ପାଉଥିବାବେଳେ ଏବେ ସେହି ସ୍ଥାନରେ ୯୦ ହଜାର ଟଙ୍କା ପାଇବେ। ଏହାବାଦ୍ ଗାଡ଼ିଖର୍ଚ୍ଚ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବଢ଼ା ଭତ୍ତା ମିଶାଇ ୩ଲକ୍ଷ ୪୫ହଜାର ଟଙ୍କା ପାଇବେ। ସେହିପରି ଓଡ଼ିଶା ବିଧାନସଭା ମନ୍ତ୍ରୀଙ୍କ ଦରମା ଓ ଭତ୍ତା (ସଂଶୋଧନ) ଅଧିନିୟମ ବିଲ୍-୨୦୨୫ ପାରିତ ହୋଇଛି। ପୂର୍ବରୁ ରାଷ୍ଟ୍ର ମନ୍ତ୍ରୀମାନେ ୪୦ହଜାର ମୂଳ ଦରମା ପାଉଥିବାବେଳେ ଏବେ ତାହା ୯୪ ହଜାର ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଦରମା ଓ ଭତ୍ତା ☞ପୃଷ୍ଠା-୪

# ଶିକାରୀ ଫାଶରେ ପଡ଼ି କଲରାପତରିଆ ବାଘ ମୃତ

ବନ୍ତଲା,୯।୧୨(ସୁଶିତ ସାହୁ)


ଅନୁଗୋଳ ରେଞ୍ଜ ପୁରୁଣାଗଡ଼ ସେକ୍ସନ କରତପଟା ବିଟ୍ ଅନ୍ତର୍ଗତ ଜଙ୍ଗଲରେ ଶିକାରୀ ଫାଶରେ ପଡ଼ି ଏକ କଲରାପତରିଆ ବାଘର ମଙ୍ଗଳବାର ମୃତ୍ୟୁ ହୋଇଛି। ସୋମବାର ରାତିରେ ବାଘଟି ଶିକାରୀ ଫାଶରେ ପଡ଼ିଥିବା ଖବରପାଇ ସକାଳେ ବନବିଭାଗ କର୍ମଚାରୀମାନେ ପହଞ୍ଚି ଟ୍ରାଙ୍କୁଲାଇଜ କରି ଉଦ୍ଧାର କରିଥିଲେ। ହେଲେ ଚିକିତ୍ସା ଚାଲିଥିବା ବେଳେ ବାଘର ମୃତ୍ୟୁ ଘଟିଥିଲା। ସୂଚନା ଅନୁଯାୟୀ, କରତପଟା ସେକ୍ସନର ଡିମିରିପାଳ ଜଙ୍ଗଲରେ ଅନେକ ☞ପୃଷ୍ଠା-୪



ଶିକାରୀଙ୍କ ଫାଶରେ ପଡ଼ିଥିବା କଲରାପତରିଆ ବାଘ।





# ନ୍ୟୁୟର୍କ ଟାଇମ୍ସ ଷ୍ଟାଇଲିଶ୍ ପିପୁଲ ତାଲିକାରେ ଶାହରୁଖ୍

ନୂଆଦିଲ୍ଲୀ,୯।୧୨(ପି.ଟି.)

ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍ ନ୍ୟୁୟର୍କ ଟାଇମ୍ସର ୬୭ ମୋଷ୍ଟ ଷ୍ଟାଇଲିଶ୍ ପିପୁଲ ତାଲିକାରେ ସ୍ଥାନିତ ହୋଇଛନ୍ତି। ୨୦୨୫ ବର୍ଷ ପାଇଁ ପ୍ରକାଶିତ ଏହି ତାଲିକାରେ ସବ୍ରିନା କାର୍ପେଣ୍ଟର, ଦୋଏଚି, ଭିଭିଆନ୍ ୱିଲ୍‌ସନ, ନିକୋଲେ ସ୍କେର୍ଜିଙ୍ଗର, ୱାଲ୍ଟନ ଗୋଗିନ୍ସ, ଜେନିଫର ଲରେନ୍ସ, ଶାଇଗିଲ୍‌ଗେଅସ୍-ଆଲେକ୍‌ଜାଣ୍ଡାର, କୋଲେ ଏସ୍କୋଲା ଏବଂ ନୋଆହ ୱିଲେ ପ୍ରମୁଖ ସେଲିବ୍ରିଟି ରହିଥିବାବେଳେ ଭାରତରୁ କେବଳ ଶାହରୁଖ୍ ସ୍ଥାନ ପାଇଛନ୍ତି।

୬୦ ବର୍ଷୀୟ ସୁପରଷ୍ଟାର କିଙ୍ଗ୍ ଖାନ୍ ଚଳିତବର୍ଷ ଆୟୋଜିତ ମେଟ୍ ଗାଲାରେ ନଜର ଆସିଥିବାରୁ ତାଙ୍କୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ମେଟ୍ ଗାଲା ଇଭେଣ୍ଟରେ ଯୋଗଦାନ ବେଳେ ଶାହରୁଖ୍ ଜଣାଶୁଣା ଡିଜାଇନର ସବ୍ୟସାଚୀ ମୁଖାର୍ଜୀଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପରିଧାନ କରିଥିଲେ। ବଲିଉଡ୍ ତଥା ବିଶ୍ୱର ଅନ୍ୟତମ ବଡ଼ ତାରକା ଭାବେ ପରିଚିତ ଏସ୍‌ଆର୍‌କେଙ୍କ ବହୁ ପ୍ରଶଂସକ ରହିଛନ୍ତି। ଏଥର ମେଟ୍ ଗାଲାରେ ତାଙ୍କୁ ଅତିଥି ଭାବେ ଦେଖିବାକୁ ମିଳିଥିଲା। ସେ ପିନ୍ଧିଥିବା ନେକ୍‌ଲେସ୍‌ରେ 'କେ' ଅକ୍ଷର ରହିଥିଲା। ଶାହରୁଖ୍‌ଙ୍କୁ ଆଗାମୀ ଫିଲ୍ମ 'କିଙ୍ଗ୍'ରେ ଦେଖିବାକୁ ମିଳିବ। ଏଥିରେ ତାଙ୍କ ଝିଅ ସୁହାନା ଖାନ୍ ଓ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମଧ୍ୟ ଅଭିନୟ କରୁଛନ୍ତି। ୨୦୨୩ରେ ପଠାନ୍‌ର ନିର୍ଦ୍ଦେଶନା ଦେଇଥିବା ସିଦ୍ଧାର୍ଥ ଆନନ୍ଦ ଏହାର ଡାଇରେକ୍ଟର। ରେଡ୍ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ ଓ ମାର୍‌ଫ୍ଲିକ୍ସ ପିକ୍ଚର୍ସ ବ୍ୟାନରରେ ଏହି ହିନ୍ଦୀ ସିନେମା ନିର୍ମାଣ କରାଯାଉଛି।

## ଦିଲ୍ଲୀରେ ଆଜି



ରାଜାଜୀ, କୋର୍‌ବେଟ୍ ଏବଂ ଆମେର ଦୁର୍ଗରେ ହାତୀ ସବାର ପଛର ନିଷ୍ଠୁରତାକୁ ବିରୋଧ କରି ଏହାକୁ ପ୍ରତ୍ୟାଖ୍ୟାନ ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ପେଟା ଇଣ୍ଡିଆ ଏବଂ ଗୋଶାର୍ପନରର ସମର୍ଥକମାନେ ହାତୀମୁଖା ପିନ୍ଧି, ପାପୁଲିରେ ଲାଲ୍‌ରଙ୍ଗ ମାଖି ଓ ନିଜକୁ ଶିକୁଳିରେ ବାନ୍ଧି ଦେଶବାସୀଙ୍କୁ ଆହ୍ୱାନ ଦେଉଛନ୍ତି। (ଫଟୋ: ଚମନ ଗୌତମ)

# ୧୦% ଉଡ଼ାଣ ହ୍ରାସ ପାଇଁ ଇଣ୍ଡିଗୋକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୯।୧୨**

ସପ୍ତାହେରୁଉର୍ଦ୍ଧ୍ୱସମୟଧରିବିମାନସେବାରେ ବିଭ୍ରାଟର ସମ୍ମୁଖୀନ ହୋଇଥିବା ଦେଶର ସର୍ବବୃହତ୍ ଏୟାରଲାଇନ୍ସ ଇଣ୍ଡିଗୋକୁ ଶୀତଋତୁରେ ଏହାର ଉଡ଼ାଣ ୧୦ ପ୍ରତିଶତ ହ୍ରାସ କରିବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ମଙ୍ଗଳବାର ମନ୍ତ୍ରଣାଳୟର ସଚିବ ସମୀର ସିହ୍ନା ଏବଂ ଇଣ୍ଡିଗୋ ସିଇଓ ପିଟର ଏଲ୍‌ବର୍ସଙ୍କୁ ଭେଟିବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

ପାଇଲଟ୍ ଓ କର୍ମଚାରୀ ସଙ୍କଟକୁ ନେଇ ଗତ ୨ ତାରିଖରୁ ବିଭିନ୍ନ ଘରୋଇ ରୁଟ୍‌ରେ ଇଣ୍ଡିଗୋର ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବିତ ହୋଇଆସୁଛି। ଫଳରେ ଦେଶବ୍ୟାପୀ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଚଳିତ ବର୍ଷ ଶୀତଋତୁ ପାଇଁ ଇଣ୍ଡିଗୋ ଦୈନିକ ୨,୨୦୦ରୁ ଉର୍ଦ୍ଧ୍ୱ ବିମାନ ଉଡ଼ାଣ କରୁଥିବାବେଳେ ବୁଧବାର ସୁଦ୍ଧା ସଂଶୋଧିତ ଉଡ଼ାଉ କାର୍ଯ୍ୟସୂଚୀ ଦାଖଲ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କହିଛି।

ବିମାନ ସେବା ବ୍ୟାଘାତ ନେଇ ସ୍ପଷ୍ଟୀକରଣ ଦେବାକୁ ଡିଜିସିଏ ପୂର୍ବରୁ

### ଯାତ୍ରୀଙ୍କୁ ଅସୁବିଧାରେ ପଡ଼ିବାକୁ ଦିଆଯିବନାହିଁ: ମନ୍ତ୍ରୀ

ଇଣ୍ଡିଗୋ ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ମୁଖ୍ୟ ଅପରେଟିଂ ଅଫିସରଙ୍କୁ କାରଣଦର୍ଶାଅ ନୋଟିସ୍ ପଠାଇଥିଲେ। ବିମାନସେବା ବାଧାପ୍ରାପ୍ତ ପଛର ତ୍ରୁଟି ଖୋଜି ବାହାର କରିବା ପାଇଁ ସରକାର ଏକ ୪ ଜଣିଆ କମିଟି ଗଠନ କରିଛନ୍ତି। ଏୟାରଲାଇନ୍ସ ଯେତେ ବଡ଼ ହୁଅନ୍ତୁ ନା କାହିଁକି କୌଣସି ସ୍ଥିତିରେ ଯାତ୍ରୀମାନଙ୍କୁ ଅସୁବିଧାରେ ପକାଇବାକୁ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ନାଇଡୁ ମଙ୍ଗଳବାର କହିଛନ୍ତି। ବିମାନସେବାରେ ବ୍ୟାଘାତ ପାଇଁ ଇଣ୍ଡିଗୋ ବିରୋଧରେ କଠୋର ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଲୋକ ସଭାରେ କହିଛନ୍ତି। ମଙ୍ଗଳବାର ମଧ୍ୟ ଦେଶର ୬ଟି ମେଟ୍ରୋ ଏୟାରପୋର୍ଟରେ ଇଣ୍ଡିଗୋର ୪୨୨ଟି ବିମାନ ଉଡ଼ାଣ ବାତିଲ ହୋଇଛି। ଦିଲ୍ଲୀରେ ୧୫୨ ବିମାନ ଉଡ଼ାଣ ବନ୍ଦ ଥିବାବେଳେ ବେଙ୍ଗାଲୁରୁ ଏୟାରପୋର୍ଟରେ ୧୨୧, ହାଇଦ୍ରାବାଦରେ ୫୮, ଚେନ୍ନାଇରେ ୫୦ ଏବଂ ମୁମ୍ବାଇ ଏୟାରପୋର୍ଟରେ ୪୧ ବିମାନ ଉଡ଼ାଣ ବାତିଲ ହୋଇଛି। ସୋମବାର ଇଣ୍ଡିଗୋର ୫୬୦ ବିମାନ ଉଡ଼ାଣ ବାତିଲ ହୋଇଥିଲା।

# ଋଷିଆ ସାମରିକ ବିମାନ ଦୁର୍ଘଟଣା: ୭ ମୃତ ଆଶଙ୍କା

**ମସ୍କୋ,୯।୧୨**

ଋଷିଆ ସେନାର ଏକ ପରିବହନ ବିମାନ ମଙ୍ଗଳବାର କେନ୍ଦ୍ରୀୟ ଇନାନୋଭୋ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଆଣ୍ଟୋନୋଭ ଏଏନ୍-୨୨ ବିମାନରେ ୭ ଜଣ ଥିବାବେଳେ ତାହା ଏକ ଜନଶୂନ୍ୟ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ବିମାନର ଭଗ୍ନାବଶେଷ ଉପକୂଳ ଏବଂ ଜଳରାଶି ମଧ୍ୟରୁ ମିଳିଥିବାବେଳେ ସେଥିରେ ଥିବା ଲୋକମାନଙ୍କ ପତ୍ତା ମିଳିନାହିଁ। ଋଷିଆ ବାୟୁସେନା ଓଜନଦାର ଅସ୍ତ୍ରଶସ୍ତ୍ର ପରିବହନ ପାଇଁ ଏହି ବିମାନକୁ ବ୍ୟବହାର କରୁଥିଲା।

# ୨୦୧୯ରୁ ୨୯ ଶୀର୍ଷ ମାଓବାଦୀ କମାଣ୍ଡର ନିହତ ହେଲେଣି

**ନୂଆଦିଲ୍ଲୀ,୯।୧୨(ପି.ଟି.)**

ଦେଶରେ ୨୦୧୯ରୁ ବର୍ତ୍ତମାନ ସୁଦ୍ଧା ୨୯ ଜଣ ଶୀର୍ଷ ମାଓବାଦୀ କମାଣ୍ଡର ନିହତ ହେଲେଣି, ଯାହା ମାଓବାଦୀମାନଙ୍କୁ ବଡ଼ ଝଟକା ଦେଇଛି। କେବଳ ଚଳିତବର୍ଷ କେନ୍ଦ୍ରୀୟ କମିଟି ଏବଂ ପଲିଟ୍‌ବ୍ୟୁରୋର ୧୪ ଜଣ ସଦସ୍ୟ ନିହତ ହୋଇଥିବା ସରକାରଙ୍କ ତରଫରୁ ମଙ୍ଗଳବାର ଲୋକ ସଭାକୁ ସୂଚନା ଦିଆଯାଇଛି। ପ୍ରଶ୍ନୋତ୍ତର କାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ୨୦୧୪ରେ ମାଓବାଦୀ ଅଧ୍ୟୁଷିତ ରାଜ୍ୟ ସଂଖ୍ୟା ୧୦ ଥିବାବେଳେ ୨୦୨୫ର ଅକ୍ଟୋବର ସୁଦ୍ଧା ଏହା ୫କୁ ହ୍ରାସ ପାଇଛି। ସେହିପରି ବାମଦଳ ମାଓବାଦୀ ପ୍ରଭାବିତ ଜିଲା ସଂଖ୍ୟା ୯୧ ପ୍ରତିଶତ ହ୍ରାସ ପାଇଛି। ଉପରୋକ୍ତ ସମୟ ମଧ୍ୟରେ ଏଭଳି ଜିଲା ସଂଖ୍ୟା ୧୨୬ରୁ ହ୍ରାସ ପାଇ ୧୧ରେ ପହଞ୍ଚିଛି। ସମ୍ପ୍ରତି ମାତ୍ର ୩ଟି ଜିଲା ଅତ୍ୟଧିକ ମାଓବାଦୀ ପ୍ରଭାବିତ ରହିଥିବା ମନ୍ତ୍ରୀ କହିଛନ୍ତି।

# ଭୋଟ ଚୋରି ସବୁଠୁ ବଡ଼ ଦେଶବିରୋଧୀ କାର୍ଯ୍ୟ

**ନୂଆଦିଲ୍ଲୀ,୯।୧୨**

ଭାଜପାର ଭୋଟ ଚୋରି ସବୁଠୁ ବଡ଼ ଦେଶବିରୋଧୀ କାର୍ଯ୍ୟ। ଏଥିରେ ନିର୍ବାଚନ କମିଶନ (ଇସି)ଙ୍କ ସମ୍ପୃକ୍ତି ରହିଛି। ଭାଜପା ଏବଂ ଇସିଙ୍କ ଅସାଧୁ ମେଣ୍ଟ ଭାରତକୁ ନଷ୍ଟ କରୁଛି ବୋଲି ମଙ୍ଗଳବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟର ନିମ୍ନ ସଦନରେ ନିର୍ବାଚନୀ ସଂସ୍କାର ଉପରେ ଆଲୋଚନାରେ ଭାଗନେଇ କଂଗ୍ରେସ ନେତା ରାହୁଲ ୩ଟି ପ୍ରଶ୍ନ କରିଥିଲେ। ଏଥିସହ ଭାରତୀୟ ଗଣତନ୍ତ୍ରକୁ ନଷ୍ଟ କରିବା ପାଇଁ ଭାଜପା ଇସିଙ୍କୁ ନିର୍ଦ୍ଦେଶ ଦେଉଛି ଓ ବ୍ୟବହାର କରୁଛି ବୋଲି କହିଥିଲେ। ରାହୁଲ କହିଥିଲେ, ନିର୍ବାଚନର ମାସକ ପୂର୍ବରୁ ମେଶିନ୍ ପଢ଼ିପାରିବା ଭଳି ଭୋଟର ତାଲିକା ସବୁ ଦଳକୁ ଦେବା, ୪୫ ଦିନ ପରେ ସିସିଟିଭି ଫୁଟେଜ୍‌କୁ ନଷ୍ଟ କରିବା ପାଇଁ ଅନୁମତି ଦେଉଥିବା ଆଇନକୁ ପ୍ରତ୍ୟାହାର କରିବା ଏବଂ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଯାଞ୍ଚ ପାଇଁ ସୁଯୋଗ ଦେବା ସହ ଇସିଙ୍କ ମନମୁଖି କାର୍ଯ୍ୟ ସମ୍ପର୍କିତ ଆଇନରେ

### ଭାଜପା-ଇସି ଅସାଧୁ ମେଣ୍ଟକୁ ରାହୁଲଙ୍କ ସମାଲୋଚନା


ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବକ୍ତବ୍ୟ ରଖୁଛନ୍ତି।

ପରିବର୍ତ୍ତନ ଆଣିବା ଉପରେ ରାହୁଲ ପ୍ରସ୍ତାବ ଦେଇଥିଲେ। ରାହୁଲ ଆହୁରି କହିଥିଲେ, ଭାଜପା ସବୁଠୁ ବଡ଼ ଯେଉଁ ଦେଶବିରୋଧୀ କାର୍ଯ୍ୟ କରିପାରିବ, ତାହା ହେଲା ଭୋଟ ଚୋରି। କାରଣ ସେମାନେ ଭୋଟକୁ ନଷ୍ଟ କରିପାରିବେ। ଦେଶର ଆତ୍ମାକୁ ନଷ୍ଟ କରି ଆଧୁନିକ ଭାରତକୁ ଧ୍ୱଂସ କରିପାରିବେ ବୋଲି ଶାସକ ପକ୍ଷ ଆଡ଼କୁ ଚାହିଁ କହିଥିଲେ। ସେହିପରି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ପ୍ୟାନେଲରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ କାହିଁକି ହଟାଯାଇଛି ବୋଲି ସେ ପ୍ରଶ୍ନ କରିଥିଲେ। ସିଇସି-ଇସି ନିଯୁକ୍ତି ଏକ ତଥାକଥିତ ଗଣତାନ୍ତ୍ରିକ ନିଷ୍ପତ୍ତି। ତାଙ୍କୁ ଚୟନ କରାଯିବାବେଳେ ଗୋଟିଏପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଥିବାବେଳେ ଅନ୍ୟପଟେ ଲୋକ ସଭାର ବିରୋଧୀ ଦଳ ନେତା ବସିଥାନ୍ତି। ସେହି ବୈଠକରେ ବିରୋଧୀ ଦଳ ନେତାଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉନାହିଁ। ସେମାନେ ମନଇଚ୍ଛା ନିଯୁକ୍ତ କରୁଥିବାରୁ ଏପରି ପରିଣାମ ଆସୁଛି। ପରବର୍ତ୍ତୀ ନିର୍ବାଚନ କମିଶନର କିଏ ହେବେ ତାହା ନିର୍ଦ୍ଦିଷ୍ଟ ଭାବେ ସ୍ଥିର କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଏତେ ଆଗ୍ରହୀ କାହିଁକି?

ଭାରତର ଇତିହାସରେ କୌଣସି ପ୍ରଧାନମନ୍ତ୍ରୀ ଏପରି କରିନାହାନ୍ତି। ୨୦୨୩ ଡିସେମ୍ବରରେ ଏହି ସରକାର ନିଶ୍ଚିତ କରିଥିଲେ ଯେ କୌଣସି ନିର୍ବାଚନ କମିଶନରଙ୍କୁ ତାଙ୍କ କୌଣସି କାର୍ଯ୍ୟ ପାଇଁ ଦଣ୍ଡିତ କରାଯାଇପାରିବ ନାହିଁ। ନିର୍ବାଚନୀ ସଂସ୍କାର ଏକ ସରଳ କାମ। କିନ୍ତୁ ବର୍ତ୍ତମାନର ସରକାର ଏହାକୁ ଚାହୁଁ ନାହାନ୍ତି ବୋଲି ରାହୁଲ ସମାଲୋଚନା କରିଛନ୍ତି।

## ତୁମେ ଜିତିଲେ ଇଭିଏମ୍ ଠିକ୍, ହାରିଲେ ଜାଲିଆତି

ସଂସଦର ଶୀତ ଅଧିବେଶନ ବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାର ଏବଂ ଇସିଙ୍କ ବିରୋଧରେ ଆଣିଥିବା ଅଭିଯୋଗକୁ ଶାସକ ଭାଜପା ଖଣ୍ଡନ କରିଛି। ନିର୍ବାଚନ କମିଶନରଙ୍କ ନିଯୁକ୍ତି ବେଳେ ରାହୁଲ ଗଠନମୂଳକ ଭାବେ ସହଯୋଗ କରିବା ପରିବର୍ତ୍ତେ ଡ୍ରାମା କରିବା ସହ ମିଛ କଥା କହୁଛନ୍ତି ବୋଲି ଭାଜପା ପକ୍ଷରୁ 'X' ରେ ସମାଲୋଚନା କରାଯାଇଛି। ସେହିପରି ଉପା ସରକାର ଅମଳରେ କଂଗ୍ରେସ ନେତ୍ରୀ ସୋନିଆ

### ରାହୁଲ ମିଛ କହୁଛନ୍ତି: ଭାଜପା

ଗାନ୍ଧୀ କେଉଁ କ୍ଷମତା ବଳରେ ନବୀନ ଚାୱଲାଙ୍କୁ ନିର୍ବାଚନ କମିଶନର ନିଯୁକ୍ତ କରିଥିଲେ ବୋଲି ଏଥିରେ ପ୍ରଶ୍ନ କରାଯାଇଛି। ଭାଜପାର ସହଯୋଗୀ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମଧ୍ୟ ରାହୁଲଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସ ଜିତିଲେ ଇଭିଏମ୍ ଠିକ୍, ହାରିଲେ ଜାଲିଆତି ବୋଲି ଏନ୍‌ଡିଏର ୨ ପ୍ରମୁଖ ଅଂଶୀଦାର ଓଲଟା ପ୍ରଶ୍ନ କରିଛନ୍ତି।

# ଜାକର୍ତ୍ତାରେ ୭ ମହଲା ବିଲ୍ଡିଂରେ ନିଆଁ: ୨୨ ମୃତ

**ଜାକର୍ତ୍ତା,୯।୧୨**

ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାର ଏକ ୭ ମହଲା ବିଶିଷ୍ଟ ଅଫିସ୍ ବିଲ୍ଡିଂରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟି ଅନ୍ୟୂନ ୨୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ଗର୍ଭବତୀଙ୍କ ସମେତ ୧୫ ମହିଳା ଥିବା ପୋଲିସ କହିଛି। ସମ୍ପୂର୍ଣ୍ଣ ବିଲ୍ଡିଂ ଜଳିବା ସହ ବହଳ କଳାଧୂଆଁ ବହୁ ଉଚ୍ଚ ପର୍ଯ୍ୟନ୍ତ ଉଠୁଥିବା ଦେଖାଯାଇଛି। ମଧ୍ୟାହ୍ନ ସମୟରେ କେମାୟୋରାନ୍‌ସ୍ଥିତ ଉକ୍ତ ବିଲ୍ଡିଂର ପ୍ରଥମ ମହଲାରୁ ନିଆଁ ଲାଗି ପରେ ଅନ୍ୟ ସମସ୍ତ ମହଲାକୁ ବ୍ୟାପିଯାଇଥିବା ବିଶ୍ୱାସ କରାଯାଉଛି। ନିଆଁଲିଭା କାର୍ଯ୍ୟରେ ଶତାଧିକ କର୍ମଚାରୀ ଏବଂ ୨୯ଟି ଅଗ୍ନିଶମ ଗାଡ଼ିକୁ ନିୟୋଜିତ କରାଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ତେବେ ଡ୍ରୋନ୍ ବ୍ୟାଟେରିରେ ଶର୍ଟସର୍କିଟ କିମ୍ବା ଥର୍ମାଲ ଫେଲ୍ୟୁର ଯୋଗୁ ନିଆଁ ଲାଗିଥିବା ବିଶ୍ୱାସ କରାଯାଉଛି। ଏକ ଡ୍ରୋନ୍ କମ୍ପାନୀର ସେଲ୍ସ ଆଣ୍ଡ ଷ୍ଟୋରେଜ୍ ଅଫିସ୍ ଭାବେ ଉକ୍ତ ବିଲ୍ଡିଂ ବ୍ୟବହୃତ ହେଉଥିଲା।

# ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ: ଲୁଥ୍ରା ଭ୍ରାତାଙ୍କ କ୍ଲବ୍ ଭଙ୍ଗାଗଲା



**ନୂଆଦିଲ୍ଲୀ,୯।୧୨**

ଗୋଆ ବିର୍ଚ ବାଇ ରୋମିଓ ଲେନ୍ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହାର ୨ ମାଲିକ ସୌରଭ ଏବଂ ଗୌରବ ଲୁଥ୍ରା ଦେଶ ଛାଡ଼ି ଥାଇଲାଣ୍ଡ ପଳାଇଛନ୍ତି। ଏବେ ସରକାର ଲୁଥ୍ରା ଭ୍ରାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାବେଳେ ସେମାନଙ୍କ ମାଲିକାନାରେ ଗୋଆର ଭାଗାଟର ଉପକୂଳରେ ଥିବା କ୍ଲବକୁ ଭାଙ୍ଗିଦିଆଯାଇଛି। ସରକାରୀ ଜମିରେ ବେଆଇନ ଭାବେ ଉକ୍ତ ଅସ୍ଥାୟୀ ଘର ନିର୍ମାଣ ହୋଇଥିବାବେଳେ ଏହାକୁ ଭାଙ୍ଗିବା ପାଇଁ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ନିର୍ଦ୍ଦେଶ ଦେଇଥିଲେ। ଲୁଥ୍ରା ଭ୍ରାତାଙ୍କ ବିରୋଧରେ ବ୍ଲୁ କର୍ନର ନୋଟିସ ଜାରି ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ତଦନ୍ତକାରୀ ଅଧିକାରୀମାନେ ବିଭିନ୍ନ ଦେଶରୁ ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିବେ। ଅଗ୍ନିକାଣ୍ଡ ପରେ ପ୍ରଶାସନ ଭାଗାଟର ଉପକୂଳ ଘର ଓ ଆସାଗାଓରେ ଥିବା ଲୁଥ୍ରା ଭ୍ରାତାଙ୍କ ଅନ୍ୟ ସମ୍ପତ୍ତିକୁ ସିଲ୍ କରିଥିଲା।

# ଦୁର୍ନୀତି ମାମଲାରେ ଚାଇନାର ପୂର୍ବତନ ବ୍ୟାଙ୍କରଙ୍କୁ ଫାଶୀ

**ନୂଆଦିଲ୍ଲୀ,୯।୧୨(ପି.ଟି.)**

ଚାଇନା ହୁଆରୋଙ୍ଗ ଇଣ୍ଟରନ୍ୟାଶନାଲ ହୋଲ୍ଡିଂସ୍ (ସିଏଚ୍‌ଆଇଏଚ୍)ର ପୂର୍ବତନ ମହାପ୍ରବନ୍ଧକ ବାଇ ଟିଆନହୁଇ ୧୫୬ ନିୟୁତ ଡଲାର ଲାଞ୍ଚ ଗ୍ରହଣ ଅଭିଯୋଗରେ ଗତ ମେ'ରେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଚାଇନାର ସୁପ୍ରିମ ପିପୁଲ୍ସ କୋର୍ଟ ଏହାକୁ ଅନୁମୋଦନ କରିବା ପରେ ଟିଆନଜିନ୍ ସହରର ଏକ ଅଦାଲତ ମଙ୍ଗଳବାର ତାଙ୍କୁ ଫାଶୀ ଦେଇଥିବା ଚାଇନା ସେଣ୍ଟ୍ରାଲ


ବାଇ ଟିଆନହୁଇ

ଟେଲିଭିଜନ ଖବର ପ୍ରକାଶ କରିଛି।

ସିଏଚ୍‌ଆଇଏଚ୍ ହେଉଛି ଚାଇନା ହୌରଙ୍ଗ ଆସେଟ୍ ମ୍ୟାନେଜମେଣ୍ଟର ଉପ ସହକାରୀ ସଂସ୍ଥା। ଏହା ଦେଶର ଅନ୍ୟତମ ବୃହତ୍ ଆସେଟ୍ ମ୍ୟାନେଜମେଣ୍ଟ ଫର୍ମ୍ସ ଭାବେ କାର୍ଯ୍ୟ କରିଥାଏ। ୨୦୧୪ରୁ ୨୦୧୮ ମଧ୍ୟରେ ବିଭିନ୍ନ ପ୍ରକଳ୍ପର ଅଧିଗ୍ରହଣ ଏବଂ ପାଣ୍ଠି ଯୋଗାଣରେ ଅନୁକମ୍ପା ପ୍ରଦାନ ଲାଗି ଏହାର ପୂର୍ବତନ ମହାପ୍ରବନ୍ଧକ ଟିଆନହୁଇ ୧୫୬ ନିୟୁତ ଡଲାରରୁ ଉର୍ଦ୍ଧ୍ୱ ଉତ୍କୋଚ ଗ୍ରହଣ କରିଥିଲେ। ହୌରଙ୍ଗ୍ ବହୁ ବର୍ଷ ହେଲା ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଟାର୍ଗେଟରେ ରହିଆସିଛି। ଏହାର ପୂର୍ବତନ ଅଧକ୍ଷ ଲାଇ ଶିଆଓମିନ୍‌ଙ୍କୁ ୨୫୩ ନିୟୁତ ଡଲାର ଉତ୍କୋଚ ଗ୍ରହଣ ଅଭିଯୋଗରେ ୨୦୨୧ରେ ଫାଶୀ ଦିଆଯାଇଥିଲା।

# ଭାରତୀୟ ଚାଉଳ ଉପରେ ଟାରିଫ୍ ଲଗାଇବାକୁ ଟ୍ରମ୍ପଙ୍କ ଧମକ

**ୱାଶିଂଟନ୍,୯।୧୨**

ଭାରତ ସମେତ ବିଭିନ୍ନ ଦେଶରୁ ରପ୍ତାନି ହେଉଥିବା ଚାଉଳ ଉପରେ ଅତିରିକ୍ତ ଟାରିଫ୍ ଲଗାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ଭାରତ ଆମେରିକା ବଜାରରେ ଚାଉଳ ଗଦେଇବା ଉଚିତ ନୁହେଁ। ଟାରିଫ୍ ହିଁ ଏହି ସମସ୍ୟାର ସହଜ ସମାଧାନ ବୋଲି ଟ୍ରମ୍ପ କହିଛନ୍ତି।

ସୋମବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ କୃଷି ସେକ୍ଟରର ପ୍ରତିନିଧି, ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ, କୃଷି ସଚିବ ବ୍ରୁକ୍ ରୋଲିନ୍‌ଙ୍କ ସମେତ ତାଙ୍କ କ୍ୟାବିନେଟ ସଦସ୍ୟମାନଙ୍କ ସହ ଏକ ବୈଠକରେ ଏକାଠି ହୋଇଥିଲେ। ସେ ଦେଶର କୃଷକମାନଙ୍କ ପାଇଁ ୧୨ ବିଲିୟନ ଡଲାର ସଂଘୀୟ ସହାୟତା ଘୋଷଣା କରିଛନ୍ତି। ଅନ୍ୟ ଦେଶଗୁଡ଼ିକର ଚାଉଳ ଆମେରିକା ବଜାରରେ ଭର୍ତ୍ତି ହୋଇଯାଉଥିବାରୁ ଆମେରିକା ଦକ୍ଷିଣ ଭାଗର ଧାନଚାଷୀମାନେ ଅସୁବିଧାରେ ପଡୁଥିବା ଲୁଇସିଆନାର କେନେଡି ରାଇସ୍ ମିଲ୍ ସିଇଓ ମେରିଲ୍ କେନେଡି କହିଥିଲେ। ଭାରତ, ଚାଇନା ଏବଂ ଥାଇଲାଣ୍ଡ ଆମେରିକାକୁ ଅଧିକ ଚାଉଳ ରପ୍ତାନି କରୁଛନ୍ତି। ଆମେରିକାର ସର୍ବବୃହତ୍ ଚାଉଳ ବଜାର ପୁଏର୍ଟୋ ରିକୋକୁ ଚାଇନା ଅଧିକ ଚାଉଳ ପଠାଉଥିବାରୁ ସ୍ଥାନୀୟ ବ୍ୟବସାୟୀମାନେ ଚଳିତବର୍ଷ ସେଠାକୁ ଚାଉଳ ପଠାଇପାରି ନାହାନ୍ତି ବୋଲି କେନେଡି କହିଥିଲେ। ତେଣୁ ଉପରୋକ୍ତ ଦେଶଗୁଡ଼ିକ ଉପରେ ଟାରିଫ୍ ଦୁଇଗୁଣ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଅଧିକ ଚାଉଳ ପଠାଇବା ପାଇଁ ଭାରତକୁ କାହିଁକି ଅନୁମତି ଦିଆଯାଉଛି ବୋଲି ଟ୍ରମ୍ପ ବେସେଣ୍ଟଙ୍କୁ ପ୍ରଶ୍ନ କରିଥିଲେ। ଏହାର ସହଜ ସମାଧାନ ପାଇଁ ଭାରତ ଉପରେ ଟାରିଫ୍ ଲଗାଇବାକୁ ହେବ। ଭାରତ ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମାମଲା ରହିଥିବା କେନେଡି ଟ୍ରମ୍ପଙ୍କୁ କହିଥିଲେ। ତେବେ ଟ୍ରମ୍ପଙ୍କ ଟାରିଫ୍ ଭାରତର ଚାଉଳ ବିଶେଷକରି ବାସମତି ରପ୍ତାନିକାରୀଙ୍କୁ ବିଶେଷ ପ୍ରଭାବିତ କରିବ ନାହିଁ। ବରଂ ଆମେରିକାର ବାସମତୀ ଚାଉଳ ଗ୍ରାହକମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେବେ ବୋଲି ଅଖିଳ ଭାରତ ଚାଉଳ ରପ୍ତାନିକାରୀ ସଂଗଠନର ସାଧାରଣ ସମ୍ପାଦକ ଅଜୟ ଭାଲୋଟିଆ କହିଛନ୍ତି।

## ଫୁରସତ୍

# ବ୍ରୁନେଇରେ ଦେବାକୁ ପଡ଼େନାହିଁ ଆୟକର

**ନୂଆଦିଲ୍ଲୀ**

କୋଭିଡ୍ ମହାମାରୀ ପ୍ରାୟ ପ୍ରତ୍ୟେକ ଦେଶର ଅର୍ଥନୀତିକୁ ଶକ୍ତ ଆଘାତ ଦେଇଥିଲା। ଅନେକ ଦେଶରେ ସରକାର ଖର୍ଚ୍ଚ ବୃଦ୍ଧି, ଋଣ ନେବା ଏବଂ ବଜେଟ ବୃଦ୍ଧି କରିବାକୁ ବାଧ ହୋଇଥିଲେ। ତଥାପି ଏଭଳି ସମୟରେ ଏକ ଛୋଟ ଦେଶ ବ୍ରୁନେଇ ସମ୍ପୂର୍ଣ୍ଣ ଭାବରେ ଅବିଚଳିତ ମନେହେଉଥିଲା। ସାରା ବିଶ୍ୱ ବର୍ଦ୍ଧିତ ଋଣ ସହିତ ଲଢୁଥିବା ବେଳେ ବ୍ରୁନେଇର ସରକାରୀ ଋଣ ଜିଡିପି ତୁଳନାରେ ପ୍ରାୟ ୧.୯% ଥିଲା।

ଦକ୍ଷିଣ ପୂର୍ବ ଏସିଆରେ ଅବସ୍ଥିତ ଏହି




ଦେଶର ଜନସଂଖ୍ୟା ପ୍ରାୟ ୫ଲକ୍ଷ, କିନ୍ତୁ ଏହାର ସୁବିଧା କୌଣସି ବିକଶିତ ରାଷ୍ଟ୍ର ତୁଳନାରେ କମ୍ ନୁହେଁ। ଏହାର ନାଗରିକଙ୍କ ଉପରେ କୌଣସି ଆୟକର ଲାଗୁ ହୁଏନାହିଁ। ଏଠାରେ ଶିକ୍ଷାଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସବୁକିଛି ମାଗଣା। ସରକାର ଅଭାବୀ ପରିବାରକୁ ଜମି ଏବଂ ବାସସ୍ଥାନ ମଧ୍ୟ ଯୋଗାଇ ଦିଅନ୍ତି। ଏହି କାରଣରୁ ବ୍ରୁନେଇର ସୁଲତାନଙ୍କୁ ବିଶ୍ୱର ସବୁଠାରୁ ଧନୀ ଶାସକଙ୍କ ମଧ୍ୟରୁ ଅନ୍ୟତମ ବିବେଚନା କରାଯାଏ। ରାଜଧାନୀ ବନ୍ଦର ସେରି ବେଗୱାନ, ଏହାର ସ୍ୱଚ୍ଛ ଏବଂ ଶାନ୍ତିପୂର୍ଣ୍ଣ ଜୀବନଶୈଳୀ ଯୋଗୁ ବିଶ୍ୱର ଅନ୍ୟତମ ସୁରକ୍ଷିତ ସହର ପରିଗଣିତ ହୁଏ।

ଲଣ୍ଡନ ସ୍କୁଲ ଅଫ ଓରିଏଣ୍ଟାଲ ଆଣ୍ଡ ଆଫ୍ରିକାନ ଷ୍ଟଡିଜ୍‌ର ପ୍ରଫେସର ଉଲରିଚ ୱାଲ୍ଜଙ୍କ ଅନୁଯାୟୀ, ବ୍ରୁନେଇ ଏକ 'ପେଟ୍ରୋ-ଷ୍ଟେଟ', ଯାହାର ଅର୍ଥନୀତିର ପ୍ରାୟ ୯୦% ତେଲ ଏବଂ ପ୍ରାକୃତିକ ଗ୍ୟାସ୍ ଦ୍ୱାରା ପରିଚାଳିତ। ୨୦୧୭ ସୁଦ୍ଧା ଏହାର ତୈଳ ଭଣ୍ଡାର ଏକ ବିଲିୟନ ବ୍ୟାରେଲ ଅତିକ୍ରମ କରିଛି।



'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମଙ୍ଗଳବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟଠାରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ମାଲକାନଗିରିର ଦୀପାରାଣୀ ନାୟକଙ୍କୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍ -୨୦୨୫ର ବ୍ୟକ୍ତିଗତ ସ୍ତରରେ 'କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା ବାବଦରେ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମଙ୍ଗଳବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟଠାରେ ପୁରୀ ଜିଲା ଗୋପର ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା 'ସବୁଜ ସଂକଳ୍ପ'ର ସଭାପତି ରମେଶ ବେହେରାଙ୍କୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍ -୨୦୨୫ର 'କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା ବାବଦରେ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

# ୧୮ ଦିନ ପୂର୍ବରୁ ସରିଲା ଶୀତ ଅଧିବେଶନ

## ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ଗୃହରେ ସୁସ୍ଥ ଗଣତନ୍ତ୍ର ସ୍ଥାପନା କରିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୧୨**
**(ରବିନାରାୟଣ ଜେନା)**

ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତକାଳୀନ ଅଧିବେଶନ ୧୮ ଦିନ ପୂର୍ବରୁ ମଙ୍ଗଳବାର ଅପରାହ୍ଣରେ ଶେଷ ହୋଇଛି। ଗୃହର କୌଣସି ସରକାରୀ କାର୍ଯ୍ୟ ନ ଥିବା ଦର୍ଶାଇ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏନେଇ ପ୍ରସ୍ତାବ ଆଗତ କରିଥିଲେ। ସେ କହିଥିଲେ, କୌଣସି ସରକାରୀ କାର୍ଯ୍ୟ ନ ଥିବା ଯୋଗୁ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିବା ଲାଗି ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରୁଛି। ଏହି ପ୍ରସ୍ତାବକୁ ସମର୍ଥନ କରି ଭାଜପା ସଦସ୍ୟ ଭାସ୍କର ମଢ଼େଇ, ସନାତନ ବିଜୁଳି କହିଥିଲେ, ସରକାରଙ୍କ ପକ୍ଷରୁ ଯେଉଁ ପ୍ରସ୍ତାବ ଆସିଛି ତାହା ଯଥାର୍ଥ। ଗୃହର ସଦସ୍ୟମାନେ ବିଧାନସଭାର ଶୀତ ଅଧିବେଶନ ପାଇଁ ଦୀର୍ଘଦିନ ଧରି ଏଠାରେ ରହିବା ଯୋଗୁ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସମସ୍ୟା ପ୍ରତି ସେତେଟା ଗୁରୁତ୍ୱ ଦିଆଯାଇପାରୁନାହିଁ। ଏହାବାଦ୍ ସରକାରୀ ଅର୍ଥର ଅପବ୍ୟୟ ଯେପରି ନ ହେବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଯେଉଁ ମୁଲତବୀ ପ୍ରସ୍ତାବ ଆସିଛି, ତାହାକୁ ସମର୍ଥନ କରୁଛୁ। ଆଲୋଚନାରେ ଭାଗନେଇ ଭାଜପା ସଦସ୍ୟ ଗୌରୀ ଶଙ୍କର ମାଝୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ସନ୍ତୋଷ ଖଟୁଆ, ବିଜେଡି ସଦସ୍ୟ ଗଣେଶ୍ୱର ବେହେରା, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ପ୍ରସ୍ତାବକୁ ସମର୍ଥନ ଜଣାଇବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ, ସରକାରଙ୍କ ପକ୍ଷରୁ 'ବନ୍ଦେ ମାତରମ୍' ସଂକଳ୍ପ ଯେଉଁ ଆସିଥିଲା ତାକୁ କେବଳ ଆମେ ନୁହେଁ, ସାରା ଦେଶର ପ୍ରତ୍ୟେକ ନାଗରିକ ହୃଦୟରେ ରଖିଛନ୍ତି। ଦେଶର ସମ୍ବିଧାନ ପ୍ରତି ଆମର ଯଥେଷ୍ଟ ସମ୍ମାନ ଓ ଶ୍ରଦ୍ଧା ରହିଛି। ହେଲେ ସମ୍ବିଧାନ ଯେଉଁ ୨ଟି ପଂକ୍ତିକୁ ସ୍ୱୀକୃତି ଦେଇଥିଲା ତାହା ବାଦ୍ ଗୃହରେ ସମସ୍ତ ପଂକ୍ତି ଗାନ କରାଯିବା କଥା ନୁହେଁ, ଏହା ସମ୍ବିଧାନର ଅବମାନନା। ସେଥିପାଇଁ ବିଜେଡି ଗୃହରେ ସେହି କିଛି ସମୟ ପାଇଁ ଅନୁପସ୍ଥିତ ଥିଲା। ତେବେ ଗୃହ ମୁଲତବୀ ପାଇଁ ଯେଉଁ ପ୍ରସ୍ତାବ ଆସିଛି, ତାହାକୁ ସମର୍ଥନ କରୁଛି। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଆଚାର୍ଯ୍ୟ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଏହି ଅଧିବେଶନଟି ଐତିହାସିକ ଥିଲା। ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାର୍ଗଦର୍ଶନ ଯୋଗୁ ଗୃହରେ ସୁସ୍ଥ ପରମ୍ପରା ବଜାୟ ରହିଛି। ରାଷ୍ଟ୍ରପତିଙ୍କ ପ୍ରତ୍ୟେକ ବାଣୀ ସମସ୍ତ ସଦସ୍ୟଙ୍କ ଉପରେ ପ୍ରଭାବ ପକାଇଛି, ଯେଉଁଥିପାଇଁ ଗୃହ ସୁରୁଖୁରୁରେ ଚାଲିପାରିଲା। ଏଥିପାଇଁ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସମସ୍ତ ମନ୍ତ୍ରୀ ଓ ସଦସ୍ୟ, ବିଧାନସଭା ସଚିବ ଏବଂ ଗୃହ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଉଛି। ଶେଷରେ ବାଚସ୍ପତି ସୁରମା ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବୀ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ନଭେମ୍ବର ୨୭ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବାକୁ ବିଜ୍ଞପ୍ତି ଜାରି ହୋଇଥିଲା। ଗୃହ ୨୯ ଦିନ ଚାଲିବାକୁ ସ୍ଥିର ହୋଇଥିବାବେଳେ ୧୮ ଦିନ ପୂର୍ବରୁ ଅର୍ଥାତ୍ ୧୧ ଦିନରେ ବନ୍ଦ ହୋଇଯାଇଛି। ଏହି ଅବଧି ମଧ୍ୟରେ ୧,୫୪୬ଟି ତାରକା ପ୍ରଶ୍ନ ଗ୍ରହଣ ହୋଇଥିବାବେଳେ ୨୮ଟିର ଉତ୍ତର ଗୃହରେ ଦିଆଯାଇଛି। ସେହିପରି ୨୧୩୫ଟି ଅଣତାରକା ପ୍ରଶ୍ନ ନୋଟିସ୍ ବାଚସ୍ପତି ଗ୍ରହଣ କରିଥିବାବେଳେ ୬ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ସେଥିମଧ୍ୟରେ ଚାଷୀ, ଆଇନଶୃଙ୍ଖଳା, ଦାଦନ ଭଳି ବିଭିନ୍ନ ପ୍ରସଙ୍ଗ ରହିଛି। ଏହାବାଦ୍ ୩୧ଟି କାଗଜ ଗୃହରେ ଉପସ୍ଥାପିତ(ଲେ) ହୋଇଥିବାବେଳେ ୪୪ ଜଣ ସଦସ୍ୟ ସମ୍ମିଶନରେ ଭାଗ ନେଇଥିଲେ। ୬ଟି ବିଧେୟକ ଉପସ୍ଥାପିତ ହେବା ସହିତ ସମସ୍ତ ବିଧେୟକ ଗୃହରେ ପାରିତ ହୋଇଛି। ଏହାସହିତ ୨ଟି ସରକାରୀ ସଂକଳ୍ପ ପାରିତ ହୋଇଥିବା ଜଣାପଡ଼ିଛି।

# ୧୨ ଯାଏ ଥରିବ ଓଡ଼ିଶା

**ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)**

## ୭ ଜିଲାକୁ କୋଲ୍ଡ ୱେଭ୍ ପାଇଁ ୟେଲୋ ୱାର୍ନିଂ

ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଆହୁରି ୩ ଦିନ ପର୍ଯ୍ୟନ୍ତ ଶୀତ ଲହରି ବା କୋଲ୍ଡ ୱେଭ୍ ଜାରି ରହିବ। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ୧୨ ତାରିଖ ଯାଏ ଶୀତ ଲହରି ଜାରି ରହିବ। ଏନେଇ ଆସନ୍ତା ୪୮ଘଣ୍ଟା ପର୍ଯ୍ୟନ୍ତ ୭ ଜିଲା ଝାରସୁଗୁଡ଼ା, ଅନୁଗୋଳ, ସୁନ୍ଦରଗଡ଼, ସୋନପୁର, କଳାହାଣ୍ଡି, କନ୍ଧମାଳ ଏବଂ କୋରାପୁଟକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରାଜ୍ୟରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଆସନ୍ତା ୭ ଦିନ ଯାଏ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, କୋଲ୍ଡ ୱେଭ୍ ସହ ଘନ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିବ। ଆସନ୍ତା ୨୪ଘଣ୍ଟା ପାଇଁ ସୁନ୍ଦରଗଡ଼, କନ୍ଧମାଳ ଏବଂ ଝାରସୁଗୁଡ଼ାରେ ଘନ କୁହୁଡ଼ି ଦୃଶ୍ୟମାନ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ୧୦ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରହିଥିବାବେଳେ ସେମିଳିଗୁଡ଼ାରେ ୬.୨ ଡିଗ୍ରୀ, ଫୁଲବାଣୀ ୬.୮, ଚିପିଲିମା ୭.୩, ରାଉରକେଲା ୭.୬, ଦାରିଙ୍ଗବାଡ଼ି ଓ ଝାରସୁଗୁଡ଼ାରେ ୮ଡିଗ୍ରୀ, ଅନୁଗୋଳ ଓ ଭବାନୀପାଟଣାରେ ୯ଡିଗ୍ରୀ ଏବଂ କିରେଇରେ ୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୧୩.୭ ଓ କଟକରେ ୧୨.୬ ଡିଗ୍ରୀ ତାପମାତ୍ରା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ଶ୍ରେଣୀଗୃହରେ ବିଷ ପିଇଲେ ଛାତ୍ରୀ

## ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

**କାଶୀନଗର/ ପାରଳାଖେମୁଣ୍ଡି, ୯।୧୨**
**(ପି.ମୁରଲୀ/ ଗରିଧାରୀ ପରିଚ୍ଛା)**

ଗଜପତି ଜିଲା କାଶୀନଗର ଏନଏସିସ୍ଥିତ ବାରାଣସୀ ସରକାରୀ ହାଇସ୍କୁଲରେ ଜଣେ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ନିକଟସ୍ଥ ଗ୍ରାମର ନବମ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀ ଜଣକ ମଙ୍ଗଳବାର ଶ୍ରେଣୀଗୃହରେ ପାଠପଢ଼ା ଚାଲିଥିବା ବେଳେ ମୂଷାମରା ବିଷ ଖାଇଦେଇଥିଲେ। ସେ ବାନ୍ତି କରିବାରୁ ପାଠ ପଢ଼ାଉଥିବା ଶିକ୍ଷୟିତ୍ରୀ ତାଙ୍କ ପାଖକୁ ଯାଇ ପଚରାଉଚରା କରିଥିଲେ। ସେ ସମୟରେ ତାଙ୍କ ପାଖରେ ମୂଷାମରା ବିଷ ପଲିଥିନ ଜରି ପଡ଼ିଥିବା ଶିକ୍ଷୟିତ୍ରୀ ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ଛାତ୍ରୀଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆତ୍ମହତ୍ୟା ଲାଗି ସେ କରିଥିବା ଉଦ୍ୟମ ସମ୍ପର୍କରେ କିଛି କାରଣ ସ୍ପଷ୍ଟ ହୋଇନହିଁ।

ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଖବରପାଇ ଖବରଦାତାମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେମାନଙ୍କୁ କିଛି ତଥ୍ୟ ଦେବାକୁ ସେଠାରେ ଥିବା ଶିକ୍ଷୟିତ୍ରୀ ମନା କରିଦେଇଥିଲେ। ଛାତ୍ରୀଙ୍କ ଫଟୋ ଉଠାଇବା ଓ ଭିଡିଓ କରିବାକୁ ସେ ମନା କରିଥିଲେ। ଘଟଣାକୁ ଚପାଇ ଦେବାକୁ ବିଦ୍ୟାଳୟ ପକ୍ଷରୁ ଚେଷ୍ଟା କରାଯାଉଛି ବୋଲି ଅଭିଯୋଗ ହେଉଛି। ଏନେଇ ସୂଚନା ପାଇ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ପଚାରି ବୁଝିଛନ୍ତି। ଏସମ୍ପର୍କରେ ଏବିଇଓ ନର୍ମଦା ଦାଶଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ବିଦ୍ୟାଳୟକୁ ଯାଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସହ ଘଟଣା ନେଇ ଆଲୋଚନା କରିଥିବା କହିଛନ୍ତି। ଏ ବିଷୟରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ମାୟାଧର ସାହୁଙ୍କୁ ଅବଗତ କରାଯାଇଛି। ତେବେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଆର. ଦିଲିପ କୁମାରଙ୍କୁ ପଚାରିବାରୁ ସେ କହିଲେ, ଆଜି ମୁଁ ବିଦ୍ୟାଳୟରେ ନ ଥିଲି। ଜେଏନ୍‌ଭି ମିଟିଂକୁ ଆସିଥିଲି। ମିଟିଂରେ ଥିବାବେଳେ ଆମ ବିଦ୍ୟାଳୟରେ ଜଣେ ଛାତ୍ରୀ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଖବର ପାଇଲି। ମିଟିଂ ପରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସମ୍ପୃକ୍ତା ଛାତ୍ରୀଙ୍କୁ ଦେଖିଥିଲି। ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କୁ ପଚାରିଥିଲି। ପରେ ଛାତ୍ରୀଙ୍କ ଘରକୁ ଯାଇ ତାଙ୍କ ମା'ଙ୍କୁ ଘଟଣା ବିଷୟରେ ସୂଚନା ଦେଇ ଏ ସମ୍ପର୍କରେ ପଚାରିଥିଲି। ଛାତ୍ରୀଙ୍କ ମାଆ କହିଥିଲେ, ସୋମବାର ରାତିରେ ମାଆ ଝିଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ସେ ଆଜି ସକାଳୁ ଘରେ ନ ଖାଇ ଘରୁ ପଇସା ମାଗି ନେଇ ବିଦ୍ୟାଳୟକୁ ପଢ଼ିବାକୁ ଯାଇଥିଲା। ସେହି ପଇସାରେ ମୂଷା ମରା ଔଷଧ କିଣି ନେଇ ଖାଇଦେଇଥିବ ବୋଲି ଛାତ୍ରୀଙ୍କ ମାଆ କହିଥିଲେ ବୋଲି ପ୍ରଧାନଶିକ୍ଷକ କୁମାର କହିଛନ୍ତି।

ଏ ସମ୍ପର୍କରେ ଡିଇଓ ସାହୁଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ଛାତ୍ରୀଙ୍କ ଘରେ ସୋମବାରଠାରୁ କୌଣସି କାରଣରୁ ବଚସା ହୋଇଥିଲା। ଏଥିଯୋଗୁ ସେ ସ୍କୁଲ ନିକଟରେ ଥିବା ଏକ ଦୋକାନରୁ ମୂଷା ମରା ଔଷଧ କିଣି ଆଣି ଖାଇ ଦେଇଛନ୍ତି। ଏହାର ତଦନ୍ତ ଚାଲିଛି ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।




# ଯୁକ୍ତ୨ ପରୀକ୍ଷା ସୂଚୀରେ ପରିବର୍ତ୍ତନ

## ମାର୍ଚ୍ଚ ୧୧ ଓ ୨୧ ପରୀକ୍ଷା ୨୩ ଓ ୨୫ରେ ହେବ

**ଭୁବନେଶ୍ୱର,୯।୧୨(ସୁଚିସ୍ମିତା ସାହୁ)**

ଯୁକ୍ତ୨ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିବର୍ତ୍ତିତ ସୂଚୀ ଅନୁଯାୟୀ, ମାର୍ଚ୍ଚ ୧୧ରେ ହେବାକୁ ଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ୨୩ ତାରିଖରେ ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ୨୧ରେ ହେବାକୁ ଥିବା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ୨୫ ତାରିଖରେ ହେବ। ତେବେ ପୂର୍ବରୁ ପ୍ରକାଶିତ ଅବଶିଷ୍ଟ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି। ପରୀକ୍ଷା ସୂଚୀରେ ଏହି ପରିବର୍ତ୍ତନ ହେବା ପରେ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ୨୫ରେ ସରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ଜାନୁଆରୀ ୨ରୁ ଯୁକ୍ତ୨ ପ୍ରାକ୍ଟିକାଲ ଆରମ୍ଭ ହୋଇ ୧୫ ତାରିଖ ଯାଏ ଚାଲିବ। ସେହିପରି ଫେବୃଆରୀ ୧୮ରୁ ଯୁକ୍ତ୨ ଥିଓରି ପରୀକ୍ଷା ଆରମ୍ଭ ହେବ।

# ଆଜିଠାରୁ ଯୁକ୍ତ୨ ଚତୁର୍ଥ ପର୍ଯ୍ୟାୟ ନାମଲେଖା ଆବେଦନ

**ଭୁବନେଶ୍ୱର,୯।୧୨(ସୁଚିସ୍ମିତା ସାହୁ)**

ଯୁକ୍ତ ୨ ନାମଲେଖା ପାଇଁ ବିଦ୍ୟାର୍ଥୀଙ୍କୁ ପୁଣି ଥରେ ସୁଯୋଗ ଦିଆଯାଇଛି। ଚତୁର୍ଥ ପର୍ଯ୍ୟାୟ ନାମଲେଖା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ବିଦ୍ୟାର୍ଥୀମାନେ ନାମଲେଖାଇ ପାରିନାହାନ୍ତି ସେମାନେ ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନ କରିବାରେ ୩ ଦିନ ଅର୍ଥାତ୍ ୧୭ ତାରିଖରେ ମେଧା ତାଲିକା ସହ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ୧୮ ଓ ୧୯ ତାରିଖରେ ନାମଲେଖାଇବେ। ୱେଟିଂ ଲିଷ୍ଟରେ ଥିବା ଅବଶିଷ୍ଟ ପ୍ରାର୍ଥୀ ୨୦ରୁ ୨୨ ତାରିଖ ମଧ୍ୟରେ ପଞ୍ଜୀକରଣ କରିବେ ଏବଂ ସେମାନଙ୍କ ମେଧା ତାଲିକା ୨୨ ତାରିଖରେ ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ପୂର୍ବରୁ ଆବେଦନ କରି ନାମଲେଖାଇ ନ ଥିବା ସମସ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ ବୋଲି କୁହାଯାଇଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ରାଇଟ୍ସ ଏଜୁକେଶନ୍ ଏବଂ ସିଭିଲ୍ ସୋଶାଇଟି ଫୋରମ୍ ପକ୍ଷରୁ ଇଣ୍ଟର୍‌ନାଶନାଲ ହ୍ୟୁମାନ୍ ରାଇଟ୍ସ ଡେ' ପାଳନ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମାନବାଧିକାର ଉଲଂଘନ ଉପଲକ୍ଷେ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ର୍‍ୟାଲି, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଇଣ୍ଟର୍‌ନାଶନାଲ ହ୍ୟୁମାନ୍ ରାଇଟ୍ସ ଡେ ପାଳନ, ସ୍ଥାନ: ସିଓ୍ୱାଇଏସ୍‌ଡି, ଫର୍ଚ୍ୟୁନ୍ ଟାଓ୍ୱାର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ମାନବାଧିକାର ମଞ୍ଚ' ଆନୁକୂଲ୍ୟରେ ବିଶ୍ୱ ମାନବାଧିକାର ଦିବସ ପାଳନ, ସ୍ଥାନ: ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା।
- କାବ୍ୟଲୋକ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଦ୍ୱିତୀୟ ଦିବସ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ଦ୍ୱିତୀୟ ଦିବସ, ସ୍ଥାନ: ବସୁନ୍ଧରା ପଡ଼ିଆ, ବିଡ଼ାନାସୀ, ସମୟ: ସକାଳ ୯ଟା।
- ଅଭୀପ୍‌ସା ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳନ, ସ୍ଥାନ: ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, ବଜ୍ରକବାଟି ରୋଡ୍, ସମୟ: ଅପରାହ୍ନ ୨ଟା।
- ଉଦୟ ଓଡ଼ିଶା ଫାଉଣ୍ଡେସନ ପକ୍ଷରୁ କଟକ ଦିବସ, ସ୍ଥାନ: ସାରଳା ଭବନ, ସମୟ: ଅପରାହ୍ନ ୫ଟା ୩୦।

**ଭଦ୍ରକ**
- ଲିଙ୍ଗଭିତ୍ତିକ ହିଂସା ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୯ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ମାନବାଧିକାର ଦିବସ ପାଳନ, ସ୍ଥାନ:ମାଟକାମବେଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ବିଲ,ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ଲେଟ୍‌କେଟ୍ କ୍ଲବ ଆନୁକୂଲ୍ୟରେ ୩୧ତମ ସର୍ବ ଭାରତୀୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନ ବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରଡ଼ା-କାକୁଡିହା ପ୍ରିମିୟର ଲିଗର କ୍ୱାଲିଫାୟର ମ୍ୟାଚ, ସ୍ଥାନ:ଚିତ୍ରଡ଼ା-କାକୁଡିହା କ୍ରିକେଟ ପଡ଼ିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ମାଧ୍ୟମିକ ବିଦ୍ୟାଳୟ କୁଆମରାର ବାର୍ଷିକ ଉତ୍ସବ,ସ୍ଥାନ:କୁଆମରା କଲେଜ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ବାବୁଲାଲ ଅଗ୍ରଓ୍ୱାଲଙ୍କ ସ୍ମୃତିରେ ଚାଷୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଆଇଓସିଏଲ୍ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ସର୍କିଟ ହାଉସ, ବାରିପଦା, ସମୟ: ଅପରାହ୍ନ ୧ଟା।
- ମୟୂରଭଞ୍ଜ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।
- ରବି ଫସଲ ପାଇଁ ଜିଲା କମିଟିର ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୪ଟା।
- ବଲିଉଡ୍ ସୁପରଷ୍ଟାର ଭାଗ୍ୟଶ୍ରୀ ଓ କଣ୍ଠଶିଳ୍ପୀ କୁମାର ରାଠୋରଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ:ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା,ସମୟ:ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଭିଭି ଗିରି ସ୍କୁଲ, ସମୟ: ଅପରାହ୍ନ ୩ଟା।

**କନ୍ଧମାଳ**
- ଦାରିଙ୍ଗବାଡି ବ୍ଲକସ୍ତରୀୟ କ୍ରୀଡା ଉତ୍ସବ, ସ୍ଥାନ: ହେଲିପ୍ୟାଡ଼ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- କବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଦାରିଙ୍ଗବାଡି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ମାନବାଧିକାର ଦିବସ ପାଳନ, ସ୍ଥାନ: ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

**ଯାଜପୁର**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଯାଜପୁର ରୋଡ୍ କାଳୀମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ବରୀ ଲୋକ ମହୋତ୍ସବ -୨୦୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିଧାନ ଚନ୍ଦ୍ର ଏକାଡେମୀ ବାଲିଆପାଳ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା। ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ ଟା ୩୦।
- ଆୟଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କଣ୍ଟିଲୋର ଭୂମି ପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ:କଣ୍ଟିଲୋ, ସମୟ:ପୂର୍ବାହ୍ନ ୧୦ଟା।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୬ଷ୍ଠ ଦିବସରେ ବାଣପୁର ବନାମ କଣ୍ଟିଲୋ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜାର ସପ୍ତମ ଦିବସରେ ମହିଳା ବାଦିରାସ ସଂକୀର୍ତ୍ତନ, ସ୍ଥାନ:ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ:ଅପରାହ୍ନ ୩ ଟା।
- ସୁନାଖଳା ମହୋତ୍ସବର ୩ୟ ଦିବସ, ସ୍ଥାନ:ସିଟି ସ୍କୁଲ ପଡିଆ ସୁନାଖଳା, ସମୟ:ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ଚଇତି କ୍ରୀଡା ମହୋତ୍ସବ ଉପଲକ୍ଷେ ଗଣଦୌଡ, ସ୍ଥାନ: ରିଲାଏନ୍ସ ମାର୍ଟ ଛକ, ସମୟ: ସକାଳ ୬ଟା।
- ଚଇତି ଉପଲକ୍ଷେ ବାସ୍କେଟ ବଲ ପ୍ରତିଯୋଗିତା, ସ୍ଥାନ: ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ, ରାୟଗଡ଼ା, ସମୟ: ସକାଳ ୭ଟା।
- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ମାନବାଧିକାର ଦିବସ ପାଳନ, ସ୍ଥାନ: ଯୁକ୍ତ ଦୁଇ ଆୟାରାମା ମହିଳା ମହାବିଦ୍ୟାଳୟ, ଗୁଣପୁର, ସମୟ: ଅପରାହ୍ନ ୪ଟା ୩୦।

**ନବରଙ୍ଗପୁର**
- ବ୍ଲକ୍‌ସ୍ତରୀୟ ମଣ୍ଡେଇ ଉତ୍ସବ, ସ୍ଥାନ: ହାଇସ୍କୁଲ ପଡିଆ, ଝରିଗାଁ, ତେନ୍ତୁଳିଖୁଣ୍ଟି, ସମୟ: ସକାଳ ୯ଟା।

**କୋରାପୁଟ**
- ଆଞ୍ଚଳିକ ବିକାଶ ମଞ୍ଚ ପକ୍ଷରୁ ଯାତ୍ରୀବାହୀ ରେଳ ରୋକୋ, ସ୍ଥାନ: କାକିରିଗୁମ୍ମା ରେଲଓ୍ୱେ ଷ୍ଟେଶନ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ସକାଳ ୮ଟା।
- ମାନବ ଅଧିକାର ଦିବସ ଅବସରରେ ସଚେତନତା ବୈଠକ, ସ୍ଥାନ: ନନ୍ଦପୁର ସର୍ବେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଆଦିବାସୀ ବାଦ୍ୟ ପ୍ରତିଯୋଗିତା, ସ୍ଥାନ: ନିଶାଣିମୁଣ୍ଡା, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଯ୍ୟଟନ ବିକାଶ ପରିଷଦର ବୈଠକ, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

- ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳନ, ସ୍ଥାନ: ମହିଳା ମହାବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରାର ଆଲୋଚନା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- .ଲଜପତ ରାୟ ଆଇନ ମହାବିଦ୍ୟାଳୟ ପକ୍ଷରୁ ମାନବ ଅଧିକାର ଦିବସ କାର୍ଯ୍ୟକ୍ରମ, ସ୍ଥାନ : ମହାବିଦ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ମେହେରସ ମୋବାଇଲ ପକ୍ଷରୁ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମେହେର ସ୍ଥିତ ଶୋରୁମ, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- କୁଚ୍ ବିହାର ଟ୍ରଫି ଓଡ଼ିଶା-କର୍ଣ୍ଣାଟକ ମ୍ୟାଚ୍‌ର ଦ୍ୱିତୀୟ ଦିବସ, ସ୍ଥାନ ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ସମ୍ପର୍କିତ କର୍ମଶାଳା, ସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।

**ରାଉରକେଲା**
- ସାଂସଦ ଖେଳ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ସାଧନା ଶିବିରର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବି ୯ମ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

**ବରଗଡ଼**
- ଜିଲାସ୍ତରୀୟ ଯୁବୋତ୍ସବ,ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସକାଳ ୯ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ,ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର (ଓଡ଼ିଆ), କେଶବ ନଗର, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ପଦ୍ମପୁର ଲୋକମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା, ବାଣିଜ୍ୟ ମେଳା, ସ୍ଥାନ: ଅଶୋକ ପଡିଆ ପଦ୍ମପୁର,ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ:ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ସାଂସଦ ଖେଳ ଅଭିଯାନ, ସ୍ଥାନ: ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଯତରା ପଡିଆ ଓ ଭବାନୀଭବନ ଷ୍ଟାଡିୟମ, ସମୟ: ସକାଳ ୮ଟା।।
- ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର, ସ୍ଥାନ: କରମଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ୧୧ଟା।

**କଳାହାଣ୍ଡି**
- ଗ୍ରାମସଭା ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝୀଙ୍କ ଶହୀଦ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ବାନ୍ଦପଲା ଆଦିବାସୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ମାନବ ଅଧିକାର ଦିବସ ପାଳନ, ସ୍ଥାନ: ପଞ୍ଚାୟତ ମହାବିଦ୍ୟାଳୟ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବ ଶୁଭାରମ୍ଭ, ସ୍ଥାନ: ଭୈରବୀ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସନ୍ତୋଷୀ ମନ୍ଦିରର ବାର୍ଷିକ ଉତ୍ସବରେ ସୁନ୍ଦରାକାଣ୍ଡ ପରାୟଣ, ସ୍ଥାନ: ବିନିକା ଶିଶୁମନ୍ଦିର ସାମ୍ନା ସନ୍ତୋଷୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ବ୍ଲକ ଛକ ସ୍ଥିତ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନୂଆପଡ଼ା**
- ଲିଙ୍ଗଭିତ୍ତିକ ହିଂସା ଦିବସରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ-୨ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଲାଞ୍ଜି ପଞ୍ଚାୟତ ଡୁମେରଯୋର ଗାଁ, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଝାରସୁଗୁଡ଼ା ମନମୋହନ ସ୍କୁଲପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

# ୭ ମାସରେ ୮,୬୧୧ ସୂଚନା ଅଧିକାର ମାମଲା ସମାଧାନ

ଭୁବନେଶ୍ୱର,୯।୧୨(ତ୍ରିନାଥ ମହାନ୍ତି)

ରାଜ୍ୟ ସୂଚନା ଆୟୋଗ ଦ୍ୱାରା ରେକର୍ଡ ସଂଖ୍ୟକ ୮,୬୧୧ ମାମଲାର ସମାଧାନ ହୋଇଛି। ଗତ ୭ ମାସରେ ଆୟୋଗରେ ବିଚାରାଧୀନ ଅଭିଯୋଗ ସଂଖ୍ୟା ୨୨ ହଜାର ୬୧୧ରୁ କମି ୧୪ ହଜାରରେ ପହଞ୍ଚିଛି। କୋଭିଡ୍ ମହାମାରୀ ବେଳେ ମାମଲାର ଶୁଣାଣି ଧିମା ପଡ଼ିଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ପଦବୀ ଖାଲିପଡ଼ିବା ଓ ଆୟୋଗରେ କେବଳ ଦୁଇଜଣ ସୂଚନା କମିଶନର ଥିବାରୁ ଶୁଣାଣିରେ ସମସ୍ୟା ହୋଇଥିଲା। ତେବେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଏପ୍ରିଲ ୨୦୨୫ରେ ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ସହ ଚାରିଜଣ ସୂଚନା କମିଶନର ନିଯୁକ୍ତି ପ୍ରଦାନ କରିଥିଲେ। ଫଳରେ ମାମଲାଗୁଡିକର ଦ୍ରୁତ ସମାଧାନ ପାଇଁ ଆୟୋଗ ବିଶେଷ ଅଭିଯାନ ଆରମ୍ଭ କରିଥିବା ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି।

ଆୟୋଗର ସୂଚନା ଅନୁସାରେ, ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ଓପିଏସ୍‌ସି ଦ୍ୱାରା ପରିଚାଳିତ ସମସ୍ତ ପରୀକ୍ଷାର ସାକ୍ଷାତ୍‌କାର ମାର୍କ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଦେବାକୁ ଆଦେଶ ଦେଇଛନ୍ତି। ଅତୀତରେ ଓପିଏସ୍‌ସି କେବଳ କିଛି ସୀମିତ ପରୀକ୍ଷାର ସାକ୍ଷାତ୍‌କାର ମାର୍କ ପ୍ରାର୍ଥୀମାନଙ୍କୁ ଦେଉଥିଲେ। ଏପରି ନିର୍ଦ୍ଦେଶ ଷ୍ଟାଫ୍ ସିଲେକ୍ସନ କମିଶନକୁ ମଧ ଦିଆଯାଇଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଆର୍‌ଟିଆଇ ଆଇନକୁ ଦୁରୁପଯୋଗ କରି ଶହ ଶହ ମାମଲା ଆବେଦନ କରୁଥିବା ବ୍ୟକ୍ତିଙ୍କୁ ପ୍ରତିବନ୍ଧ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ କିଛିବର୍ଷ ମଧ୍ୟରେ ଆୟୋଗ ନିର୍ଦ୍ଦେଶକୁ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ୧ କୋଟି ୪୭ ଲକ୍ଷ ୭୬ ହଜାର ୨୫୦ଟଙ୍କାର ଜରିମାନା ଲାଗୁ କରାଯାଇଛି। ୧୮୫୭ଜଣ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିସ କରିବା ସହ ୧୬ ଲକ୍ଷ ୫୪ ହଜାର ଟଙ୍କାର କ୍ଷତିପୂରଣ ଦେବାକୁ ଆୟୋଗ ଆଦେଶ କରିଛନ୍ତି। ପଦକ୍ଷେପକୁ ଉଚ୍ଚ ନ୍ୟାୟାଳୟ ନ୍ୟାୟୋଚିତ ତଥା ଯଥାର୍ଥ ବୋଲି କହିଛନ୍ତି। ଏହାଦ୍ୱାରା ସୂଚନା ପାଇଁ ଆବେଦନକାରୀଙ୍କ ପ୍ରତୀକ୍ଷା ସମୟ ୩୦ ଦିନ ଅତିକ୍ରମ କରିବ ନାହିଁ ବୋଲି ଆୟୋଗ ପକ୍ଷରୁ କୁହାଯାଇଛି।

## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅରୁଆ ଚାଉଳ ପେଯ**
**କାଲି ଖାଇନାହିଁ ରହିଛି ଆଜି**
**ମୁଖରେ ନାହିଁ ତ ତେଜ।**

ଖାଦ୍ୟ ମଣିଷକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଦେଇଥାଏ। ବିନା ଖାଦ୍ୟପେୟରେ ମଣିଷ ସୁସ୍ଥ ସବଳ ରହିବା ନିହାତି ଅସମ୍ଭବ। ଏଭଳି ସ୍ଥିତିରେ ଭୋକ ଉପାସରେ ରହିଥିବା ବ୍ୟକ୍ତି ଦୁର୍ବଳ ଦିଶିବା ସହ ତେଜ ଓ ଶ୍ରୀହୀନ ହୋଇପଡ଼ିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅବଧାନିଆଣୀ, ବଡ଼ ମାଆ,**
**ମାଉସୀ, ପିଉସୀ, ଶାଶୁ, ମାଇଁ,**
**ନାନୀ, ଭାଉଜ**
**ଏ ଆଠ ମାନ୍ୟ ଯାହା।**

ଭାରତୀୟ ସଂସ୍କୃତିରେ ନାରୀମାନଙ୍କୁ ଉଚ୍ଚାସନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଉପର ବର୍ଣ୍ଣିତ ମହୀୟସୀ ତଥା ସମ୍ମାନାସ୍ପଦା ମହିଳାଙ୍କୁ ମାଆର ମାନ୍ୟତା ଦିଆଯିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଡଗଡମାଳି ଓ ଲୋକଗୀତ**
**- ଫ୍ରେଣ୍ଡସ ପବ୍ଲିଶର୍ସ**



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଏସ୍‌ଆଇଆର୍: ସମାଧାନ...

ଦ୍ୱିବେଦୀ ଯୁକ୍ତି ବାଢ଼ିଛନ୍ତି, ରାଜ୍ୟ ସରକାରମାନେ ଇସିଙ୍କୁ ସହଯୋଗ କରି ସୁରକ୍ଷା ଦେବା ଉଚିତ। ରାଜ୍ୟ ସରକାର ଏପରି ନ କଲେ ସ୍ଥାନୀୟ ପୋଲିସର ସହଯୋଗ ନେବା ବ୍ୟତୀତ ଆମ ପାଖରେ ଅନ୍ୟ ବିକଳ୍ପ ନାହିଁ। ଏହାସତ୍ତ୍ୱେ ସ୍ଥିତିରେ ଉନ୍ନତି ନ ଆସିଲେ ଆମେ କେନ୍ଦ୍ରୀୟ ବଳକୁ ଡକାଇବୁ। ଏହା ଶୁଣିବା ପରେ ଜଷ୍ଟିସ୍ ବାଗ୍‌ଚୀ କହିଥିଲେ, ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନ ହେବା ପର୍ଯ୍ୟନ୍ତ ଇସି ପୋଲିସକୁ ନିଜ ଅଧୀନକୁ ନେଇପାରିବେ ନାହିଁ। ଏସ୍‌ଆଇଆର୍ କରାଇବା ପାଇଁ ବିଏଲ୍‌ଓ ଏବଂ ଅନ୍ୟ ଅଧିକାରୀମାନଙ୍କ କ୍ଷେତ୍ରରେ ଉପୁଜୁଥିବା ଅବ୍ୟବସ୍ଥାର ସମାଧାନ ଲାଗି ଇସିଙ୍କ ସାମ୍ବିଧାନିକ କ୍ଷମତା ରହିଛି। ଏହା ଶୁଣିବା ପରେ ସିଜେଆଇ ସୂର୍ଯ୍ୟକାନ୍ତ ଦ୍ୱିବେଦୀଙ୍କୁ କହିଥିଲେ, ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି। ଏହାର ସମାଧାନ କରନ୍ତୁ। ନଚେତ୍ ଅରାଜକତା ସୃଷ୍ଟି ହେବ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଏସ୍‌ଆଇଆର୍ ଅଧୀନରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପର୍ଯ୍ୟନ୍ତ ରାଜ୍ୟ ପୋଲିସ ମୁତୟନ କରାଇବା ଉପରେ ଇସି, କେନ୍ଦ୍ର ସରକାର ଓ ପଶ୍ଚିମବଙ୍ଗ ସରକାରଙ୍କୁ ଖଣ୍ଡପୀଠ ଜବାବ ମାଗିଛନ୍ତି।

### ଶିକାରୀ ଫାଶରେ...

ସମୟରେ ଶିକାରୀ ଫାଶ ବସାଇ ଜନ୍ତୁ ଶିକାର କରୁଥିବା ଅଭିଯୋଗ ହୋଇଆସୁଛି। ସୋମବାର ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନେ ଜିଆଇ ତାରରେ ଫାଶ ବିଛାଇଥିବା ବେଳେ ଡିମିରିପାଳ ଗାଁ ନିକଟ ଛଣମଳିଆ ନାଳଠାରେ ଏକ କଲରାପତରିଆ ବାଘ ଫାଶରେ ପଡ଼ିଯାଇଥିଲା। ମଙ୍ଗଳବାର ସକାଳୁ ବାଘର ଗର୍ଜନ ଶୁଣି ସ୍ଥାନୀୟ ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଫାଶରେ ପଡ଼ିଥିବା ବାଘର ସ୍ଥିତି ଅନୁଧ୍ୟାନ କରିଥିଲେ। ଫାଶରୁ ମୁକୁଳିବାକୁ ଉଦ୍ୟମ କରୁଥିବା ବାଘଟି ଅଚେତ ହୋଇଯିବା ପରେ ଟ୍ରାଙ୍କୁଲାଇଜ କରାଯାଇ ଉଦ୍ଧାର କରାଯାଇଥିଲା। ପରେ ଆହତ ବାଘକୁ ପୁରୁଣାଗଡ଼ ନିକଟ କୁଲାସିଙ୍ଗା ନର୍ସରୀକୁ ଅଣାଯାଇ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ବାଘଟିର ମୃତ୍ୟୁ ହୋଇଥିବା ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର ସ୍ପଷ୍ଟ କରିଛନ୍ତି। ବ୍ୟବଚ୍ଛେଦ କରିଥିବା ବନ୍ତଳା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବାଶିଷ ପଣ୍ଡା କହିଛନ୍ତି, ମଧ୍ୟବୟସ୍କ ଅଣ୍ଡିରା ବାଘଟି ଫାଶରୁ ମୁକୁଳିବାକୁ ଟାଣିଓଟାରି ହୋଇଥିଲା। ଅଣ୍ଟା ପାଖରେ ଚାପିହୋଇ ଭିତରେ ଅଧିକ ରକ୍ତସ୍ରାବ ହେବାରୁ ପ୍ରାଣ ହରାଇଛି।

### ବଢ଼ିବ ବିଧାୟକ...

ମିଶାଇ ୩ ଲକ୍ଷ ୫୬ ହଜାର ଟଙ୍କା ପାଇବେ। ଓଡ଼ିଶା ବିଧାନସଭା ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଓ ଭତ୍ତା(ସଂଶୋଧନ)ବିଲ୍-୨୦୨୫ ପାରିତ ହୋଇଛି। ବାଚସ୍ପତି ୯୮ ହଜାର ମୂଳ ଦରମା ସହିତ ୩ ଲକ୍ଷ ୬୮ ହଜାର ଟଙ୍କା ପାଇବାକୁ ରହିଥିବାବେଳେ ଉପବାଚସ୍ପତି ୯୪ ହଜାର ମୂଳ ଦରମା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଭତ୍ତା ମିଶାଇ ୩ ଲକ୍ଷ ୫୬ ହଜାର ଟଙ୍କା ପାଇବେ। ଏହାବାଦ୍ ଉପମୁଖ୍ୟମନ୍ତ୍ରୀ ୯୮ ହଜାର ମୂଳ ଦରମା ସହିତ ଅନ୍ୟାନ୍ୟ ଭତ୍ତା ମିଶାଇ ୩ ଲକ୍ଷ ୬୮ ହଜାର ଟଙ୍କା ପାଇବାକୁ ରହିଥିବାବେଳେ ମୁଖ୍ୟମନ୍ତ୍ରୀ ୧ ଲକ୍ଷ ଦରମା ସହିତ ଅନ୍ୟାନ୍ୟ ଭତ୍ତା ମିଶାଇ ୩ ଲକ୍ଷ ୭୪ ହଜାର ଟଙ୍କା ପାଇବେ। ପୂର୍ବତନ ସଦସ୍ୟମାନେ ପେନ୍‌ସନ ବାବଦକୁ ୮୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ଭତ୍ତା ପାଇବେ।

ଗୃହରେ ଏହି ବିଧେୟକ ଆଗତ ହେବା ପୂର୍ବରୁ 'ବନ୍ଦେ ମାତରମ୍' ସଂକଳ୍ପ ଆଲୋଚନା ବେଳେ ସରକାରଙ୍କ ପକ୍ଷରୁ ସମସ୍ତ ପଂକ୍ତି ଆବୃତ୍ତ କରାଯାଇଥିବାରୁ ଏହାକୁ ବିରୋଧକରି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ସେମାନଙ୍କୁ ଗୃହକୁ ଅନୁରୋଧ କରିବା ପରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା।

### ବାରବାଟୀରେ ଭାରତର...

ଅଧିନାୟକ ଏଡେନ ମାରକ୍ରମ ୧୪, ଟ୍ରିଷ୍ଟନ ଷ୍ଟବ୍ସ ୧୪, ଡେଭିଡ ମିଲର ୧, ଡୋନୋଭାନ ଫେରିରା ୫, ମାର୍କୋ ଜାନସେନ ୧୨, ଡେଓ୍ୱାଲ୍ଡ ବ୍ରେଭିସ ୨୨ ରନ, ଏନରିଚ୍ ନର୍କିଆ ୧ ଏବଂ କେଶବ ମହାରାଜ ଡକ୍ (୦)ରେ ଆଉଟ ହୋଇଛନ୍ତି। ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଯଶପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ୍ ଦୁବେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ବେକଜନିତ ସମସ୍ୟାରୁ ମୁକୁଳିବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ଜରିଆରେ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଥମ ବଲ୍‌ରେ ଚୌକା ଲଗାଇ ସେ ଖାତା ଖୋଲିଥିଲେ। ହେଲେ ଦ୍ୱିତୀୟ ବଲ୍‌କୁ ବୋଲରଙ୍କ ମୁଣ୍ଡ ଉପରେ ମାରିବାକୁ ଯାଇ ଲଙ୍ଗ ଅଫ୍ ଅଞ୍ଚଳରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ତାଙ୍କ ପରେ ଭଲ ଫର୍ମରେ ଜଣାପଡୁଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ଖରାପ ଶଟ୍ ସିଲେକ୍ସନର ଶିକାର ହୋଇଥିଲେ। ତୃତୀୟ ଓଭରରେ ଲଗାତର ଦୁଇ ବଲ୍‌ରେ ଚୌକା ଓ ଛକା ଲଗାଇବା ପରେ ସୂର୍ଯ୍ୟ ତୃତୀୟ ବଲ୍‌ରେ ମଧ୍ୟ ଶଟ୍ ଖେଳିବାକୁ ଉଦ୍ୟମ କରିଥିଲେ। ହେଲେ ସେ ୩୦ ୟାର୍ଡ ସର୍କଲ ମଧ୍ୟରେ ଲଙ୍ଗଅନ୍‌ରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୨ ରନ୍ କରିଥିଲେ। ଦୁଇ ବ୍ୟାଟର ଲୁନ୍‌ଗି ଏନ୍‌ଗିଡିଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ପ୍ରଥମ ୩ ଓଭରରେ ଦୁଇ ଉଇକେଟ୍‌ର ପତନ ଘଟିବାରୁ ଭଲ ଫର୍ମରେ ଥିବା ଭାରତୀୟ ଦଳର ବିସ୍ଫୋରକ ଓପନର ଅଭିଷେକ ଶର୍ମାଙ୍କଠାରୁ ଅଧିକ ଆଶା କରାଯାଉଥିଲା। ହେଲେ ପାଓ୍ୱାରପ୍ଲେ ଶେଷହେବା ପରେ ସପ୍ତମ ଓଭରରେ ଲଗାତର ଦୁଇ ଚୌକା ଲଗାଇବା ପରେ ଲୁଥୋ ସିପମଲାଙ୍କ ବଲ୍‌ରେ ଫାଇନ ଲେଗ୍ ଅଞ୍ଚଳରେ ମାର୍କୋ ଜାନସେନଙ୍କ ହାତରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୨ ବଲ୍‌ରେ ୨ ଚୌକା ଓ ୧ ଛକା ସହିତ ୧୭ ରନ୍ କରିଥିଲେ। ତାଙ୍କ ପରେ କ୍ରିଜ୍‌ରେ ସେଟ୍ ହୋଇସାରିଥିବା ତିଲକ ବର୍ମା ପାଭିଲିଅନ ଫେରିଥିଲେ। ସେ ୩୨ ବଲ୍‌ରେ ୨ ଚୌକା ଓ ୧ ଛକା ସହ ୨୬ ରନ୍‌କରି ଏନ୍‌ଗିଡିଙ୍କ ବଲ୍‌ରେ ଆଉଟ୍ ହୋଇଯାଇଥିଲେ। ସେହିଭଳି ୧ ଛକା ସହ ୨୧ ବଲ୍‌ରେ ୨୩ ରନ୍‌କରି ସେଟ୍ ଜଣାପଡୁଥିବା ଅକ୍ଷର ଖରାପ ଶଟ୍ ଖେଳି ପଏଣ୍ଟରେ ଫେରିରାଙ୍କ ହାତରେ କ୍ୟାଚ୍‌ଆଉଟ୍ ହୋଇଥିଲେ।

### ଏକାକୀ ଲଢ଼ିଲେ ହାର୍ଦ୍ଦିକ

ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ହାର୍ଦ୍ଦିକ ୧୩ତମ ଓଭରରେ କେଶବ ମହାରାଜଙ୍କୁ ଦୁଇ ଛକା ଲଗାଇ ମୋମେଣ୍ଟମ୍‌କୁ ଭାରତୀୟ ଦଳ ସପକ୍ଷକୁ ଆଣିଥିଲେ। ସେହିଭଳି ଏନ୍‌ରିଚ ନର୍କିଆଙ୍କ ୧୫ତମ ଓଭରରେ ହାର୍ଦ୍ଦିକ ୨ ଚୌକା ସହିତ ୧୭ ରନ୍ ଆଦାୟ କରିଥିଲେ। ୧୬ତମ ଓଭରରେ ହାର୍ଦ୍ଦିକଙ୍କ ବ୍ୟାଟ୍‌ରୁ ଏକ ଚୌକା ସତ୍ତ୍ୱେ ଭାରତ ମାତ୍ର ୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ୧୭ତମ ଓଭରର ପ୍ରଥମ ବଲ୍‌ରେ ଶିବମ ଦୁବେ(୧୧ ରନ୍, ୨ ଚୌକା) କ୍ଲିନ୍‌ବୋଲ୍ଡ ହୋଇଥିଲେ। ୧୯ତମ ଓଭରରେ ପାଣ୍ଡ୍ୟା ଛକା, ଚୌକା ଲଗାଇ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଏପରିକି ପୂରା ଷ୍ଟାଡିୟମରେ ହାର୍ଦ୍ଦିକ୍... ହାର୍ଦ୍ଦିକ୍... ନାରା ଗୁଞ୍ଜରିତ ହୋଇଥିଲା। ୧୯ତମ ଓଭରରେ ଭାରତ ୧୮ ରନ୍ କରିଥିବା ବେଳେ ଅନ୍ତିମ ଓଭରରେ ୧୨ ରନ୍ କରିଥିଲା। ହାର୍ଦ୍ଦିକ ୨୮ ବଲ୍‌ରେ ୬ ଚୌକା ଓ ୪ ଛକା ସହ ୫୯ ରନ୍ କରିଥିଲେ। ଜୀତେଶ ଶର୍ମା ୧୦ ରନ୍‌କରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ଏନ୍‌ଗିଡି ୩ ଓ ସିପ୍‌ମଲା ୨ ଉଇକେଟ ନେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପାପଯୁକ୍ତ ଚନ୍ଦ୍ର କୋଣସ୍ଥାନରେ ରହିଥିବାରୁ ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ। ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟ ଓ ତେଜରାତି ଦୋକାନରୁ ଲାଭବାନ ହେବେ। ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା ସାଙ୍ଗକୁ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ବୃଷ**
ରାଶ୍ୟାଧିପ ଶୁକ୍ର ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଆନୁଷ୍ଠାନିକ କାମ କିମ୍ବା ସ୍ୱତନ୍ତ୍ରଭାବେ ନିମନ୍ତ୍ରିତ ସଭାସମିତିକୁ ଯିବା ସକାଶେ ଦୂରଯାତ୍ରା କରିବେ। ଶିଳ୍ପ, ବ୍ୟବସାୟ, ପରିବହନ, ସରକାରୀ କାମ, ପଦସ୍ଥବ୍ୟକ୍ତିଙ୍କୁ ସାକ୍ଷାତ କରିବା ପାଇଁ ମନ୍ଦ ହେବନି।

**ମିଥୁନ**
ଲାଭାଧିପ ମଙ୍ଗଳ ସପ୍ତମକେନ୍ଦ୍ରସ୍ଥ ଯୋଗୁ ଆଜିର ଯାତ୍ରା, ବାଣିଜ୍ୟ ଏବଂ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ଅଭାବରୁ ବିତର୍କ ଓ ମନାନ୍ତର ସୃଷ୍ଟି ହେବ। ବିବାଦୀୟ ସ୍ଥିତି ଦୂରେଇବାରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କଚେରି ମାମଲାର ପୂର୍ଣ୍ଣଚ୍ଛେଦ ସାମୟିକ ଆଶ୍ୱସ୍ତି ପ୍ରଦାନ କରିବ।

**କର୍କଟ**
ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଥିବାରୁ ମାନସିକ ସ୍ଥିତି ବିଗିଡ଼ିପାରେ। ଅନାବଶ୍ୟକ ଖର୍ଚ୍ଚ ସଙ୍ଗକୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ କାର୍ଯ୍ୟ ହିଁ ଅସୁବିଧାର ସମ୍ମୁଖୀନ କରାଇବ। ଟେନ୍‌ସନର ଲାଘବ ସକାଶେ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଦୂର ହୋଇପାରିବ। ସାମାଜିକ ସ୍ତରରେ କିମ୍ବା ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକ ସୁଧୁରି ଯିବାର ସୂଚନା ରହିଛି।

**ସିଂହ**
ଆଜିର ଗ୍ରହସ୍ଥିତି ଅନୁକୂଳ ଯୋଗୁ କାର୍ଯ୍ୟ ହାସଲରେ ସମର୍ଥ ହେବେ। କିନ୍ତୁ ଚନ୍ଦ୍ର ଓ କେତୁଙ୍କ ସମ୍ପର୍କ ମାନସିକ ଅଶାନ୍ତି ଆପଣଙ୍କୁ ଗୋଳକ ଧନ୍ଦାରେ ପକାଇପାରେ। ଶାଶୁଘର ସମସ୍ୟା ତଥା ଅର୍ଥାଭାବ ହେତୁ ଧାର କରଜଜନିତ ବିବ୍ରତ ରହିବେ। ବନ୍ଧୁଙ୍କ ସହ ଆଳାପ ପରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସକାଶେ ମନସ୍ଥ କରିବେ।

**କନ୍ୟା**
ଭାଗ୍ୟସ୍ଥାନକୁ ତିନୋଟି ଗ୍ରହଙ୍କ ଦୃଷ୍ଟି ତୀର୍ଥାଟନ କିମ୍ବା ଧାର୍ମିକ କାର୍ଯ୍ୟ ସକାଶେ ଅନୁପ୍ରେରିତ କରାଇପାରେ। ଈର୍ଷା ମନୋଭାବ ପୋଷଣ କରୁଥିବା ବ୍ୟକ୍ତି ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଅପରିଚିତ ଲୋକଟିଏ ଯାତ୍ରାକାଳରେ ସାହାଯ୍ୟ କରିବ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ତୁଳା**
ଶନିଙ୍କ କ୍ଷେତ୍ରରେ ରାହୁଙ୍କ ସ୍ଥିତି ଆପଣଙ୍କ ବିଚାରଧାରାକୁ କଳୁଷିତ କରିପାରନ୍ତି। ଏଣେ ଅଧିକାଂଶ ସମୟ ସନ୍ତାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ। ଭଲକାମ କରି ମଧ୍ୟ ପରିବାର କିମ୍ବା ସାମାଜିକ ସ୍ତରରେ ଅଭିଯୋଗର ସମ୍ମୁଖୀନ ହେବେ। ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିପାରନ୍ତି।

**ବିଛା**
ରାଶ୍ୟାଧିପ ଧନସ୍ଥାନରେ ରହି ଧନାଧିପତି ବୃହସ୍ପତି ଦେଖୁଥିବାରୁ ଅର୍ଥଲାଭର ଯୋଗ ରହିଛି। ସପ୍ତମାଧିପ ଶୁକ୍ର ରାଶିରେ ଅବସ୍ଥାନ କରୁଥିବାରୁ ପାରିବାରିକ ଶାନ୍ତି ଅନୁଭବ କରିବେ। ବାଣିଜ୍ୟ, ପ୍ରଶାସନ, କଳା, ସାହିତ୍ୟ ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ବନ୍ଧୁଙ୍କ କଥାକୁ ପ୍ରତିବାଦ କରି ଟେନ୍‌ସନ୍‌କୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ**
ମଙ୍ଗଳଙ୍କ ରାଶ୍ୟାବସ୍ଥାନ ଆପଣଙ୍କୁ ବାତ୍ସଲ୍ୟ ମମତା ପ୍ରଦାନ ସାଙ୍ଗକୁ ବନ୍ଧୁସମ୍ପର୍କ ବୃଦ୍ଧିରେ ସହାୟକ ହେବ। ଭୋଗସ୍ଥାନରେ ଶୁକ୍ରଙ୍କ ସ୍ଥିତିଜନିତ ବ୍ୟବସାୟ, କ୍ରୀଡ଼ା, ସଙ୍ଗୀତାଦି କ୍ଷେତ୍ରରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବା କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ବନ୍ଧୁ ସାହାଯ୍ୟକୁ ମନା କରିପାରିବେ ନାହିଁ।

**ମକର**
ଗ୍ରହଙ୍କ ପ୍ରତିକୂଳସ୍ଥିତି ହେତୁ ଦୁର୍ଭାବନାରେ ମନ ବିଚଳିତ ରହିବାରୁ କୌଣସି କାମ ଶୃଙ୍ଖଳିତ ହେବନାହିଁ। ଅଟକି ରହିଥିବା କାମ ବନ୍ଧୁ କରାଇ ଦେଇପାରନ୍ତି। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବାର ଆଶା ରହିଛି।

**କୁମ୍ଭ**
କର୍ମାଧିପ ଏକାଦଶଭାବରେ ଅବସ୍ଥାନ କରିଥିବାରୁ ଆଶା ନିଶ୍ଚିତ ପୂରଣ ହେବ। କିନ୍ତୁ ନୀଚାରୋହୀ ଶନିଙ୍କ ପ୍ରଭାବରେ ଥଣ୍ଡା ଓ କାଶ ହେତୁକ ଅସୁସ୍ଥତା ଅନୁଭବ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଅବଶ୍ୟ ପାଇବେ।

**ମୀନ**
ବୃହସ୍ପତିଙ୍କ ପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଅର୍ଥଲାଭ ସହ କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ପ୍ରିୟଭାଜନ କରାଇବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତିରୁ ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହିତ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ।

ଆଜି ଡିସେମ୍ବର ୧୦ ତାରିଖ। ବିଶ୍ୱ ମାନବାଧିକାର ଦିବସ, ପୌଷ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର। ରାଶିନକ୍ଷତ୍ର-ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୪ମି. ଗତେ ଘ.୦୮.୨୪ମି. ମଧ୍ୟେ, ଘ.୧୦.୩୪ମି. ଗତେ ଘ.୧୧.୩୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୯ମି. ଗତେ ଘ.୦୧.୦୦ମି. ମଧ୍ୟେ ରାହୁ କାଳ।

# ୧୫୦ ଜଳାଶୟ ନଷ୍ଟ କରିବ ଜେଏସ୍‌ଡବ୍ଲ୍ୟୁ

## ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃର ସ୍ଲରି ପାଇପ୍ ଲାଇନ୍

ଯାଜପୁର,୯।୧୨(ହର୍ଷବର୍ଦ୍ଧନ ବେହେରା)

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃ ଲୁହାପଥର ପରିବହନ ପାଇଁ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରୁ ପାରାଦୀପସ୍ଥିତ ନିଜସ୍ୱ ଷ୍ଟିଲ୍ ପ୍ଲାଣ୍ଟକୁ ସ୍ଲରି ପାଇପ୍ ଲାଇନ ବିଛାଇବା ନିମନ୍ତେ ୨୦୧୯ରେ ରାଜ୍ୟ ଜଳସମ୍ପଦ ବିଭାଗର ଅନୁମତି ପାଇଥିଲା। ଏବେ ଏହି ପାଇପ୍ ଲାଇନ୍‌କୁ ଯୋଡ଼ାଠାରୁ ପଛକୁ ସୁନ୍ଦରଗଡ଼ ଜିଲାର କଳମଙ୍ଗ ପର୍ଯ୍ୟନ୍ତ ବଢ଼ାଯାଇଛି। ଅର୍ଥାତ୍ କଳମଙ୍ଗଠାରୁ ଯୋଡ଼ା ହୋଇ ପାରାଦୀପ ପର୍ଯ୍ୟନ୍ତ ବିଛାଯିବ ସ୍ଲରି ପାଇପ୍ ଲାଇନ। ଏହି ପ୍ରସ୍ତାବକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଥିବାବେଳେ ଅନୁସଚିବ ସସ୍ମିତା ମିଶ୍ର ୫।୧୨।୨୦୨୫ରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଚିଫ୍ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏହି ସ୍ଲରି ପାଇପ୍ ଲାଇନ୍ ଦ୍ୱାରା ୧୫୦ଟି ବିଭିନ୍ନ ଜଳାଶୟ ସିଧାସଳଖ ପ୍ରଭାବିତ ହେବ ବୋଲି ସୂଚନା ମିଳିଛି।

ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ବିଭିନ୍ନ ଖଣି ଓ ଶିଳ୍ପ କାରଖାନା ବୃଦ୍ଧି ସାଙ୍ଗକୁ ମୋରମ ଓ ପଥର ଖାଦାନରେ ବେଆଇନ ବିସ୍ଫୋରଣ ଭୂତଳ ଜଳକୁ ବି ପ୍ରଦୂଷିତ କରିଛି। ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲ୍ୟୁବି) ପକ୍ଷରୁ ଗତ ଜୁନରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ସୁକିନ୍ଦା ଖଣି ଅଞ୍ଚଳର ଭୂତଳ ଜଳରେ ପରମିଶିବୁଲ ଲିମିଟ୍ ଲିଟର ପ୍ରତି ୦.୦୫ ମିଲିଗ୍ରାମ(ଏମ୍‌ଜି)ଠାରୁ ପ୍ରାୟ ୧୪ ଗୁଣ ଅଧିକ ବିଷାକ୍ତ କ୍ରୋମିୟମ ଅଂଶ ରହିଥିବା ପ୍ରମାଣିତ ହୋଇଛି। ଏପରି ସ୍ଥିତିରେ ଜଳାଶୟ କିସମ ଜମି ହ୍ରାସ ପର୍ଯ୍ୟାବରଣ ପାଇଁ ବିପଦ ସୃଷ୍ଟି କରିଛି। ପୋଖରୀ ପୁନରୁଦ୍ଧାର ଅବା ଖୋଳାଯିବା ପରିବର୍ତ୍ତେ ପୁରାତନ ପୋଖରୀକୁ ପୋତା ଚାଲିଛି। ଏପରି କି ବିଭିନ୍ନ ଜଳାଶୟ ପ୍ରଭାବିତ ହେଉ ପଛେ ଶିଳ୍ପପତିମାନଙ୍କ ସ୍ୱାର୍ଥ ଆଗ ନୀତିରେ ସ୍ଲରି ପାଇପ୍ ଲାଇନ୍ ବିଛାଇବାକୁ ଅନୁମତି ଦିଆଯାଉଛି। ସୂଚନା ଅନୁସାରେ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଲିଃର ନାମ ପରିବର୍ତ୍ତନ କରାଯାଇ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃ ରଖାଯାଇଛି। ଏହାର ପାରାଦୀପ ଷ୍ଟିଲ୍ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୧୦ ମେଟ୍ରିକ ଟନ୍‌ରୁ ୧୨ ମେଟ୍ରିକ ଟନ୍‌କୁ ବୃଦ୍ଧି କରାଯାଇଛି। ଏଥିପାଇଁ ଜେଏସ୍‌ଡବ୍ଲ୍ୟୁ ପାରାଦୀପ ପର୍ଯ୍ୟନ୍ତ ପ୍ରାୟ ୩୫୦ କି.ମି. ପାଇପ୍ ବିଛାଇ ଲୁହାପଥର ପରିବହନ କରିବାକୁ ଅନୁମତି ପାଇଛି। ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ବୈତରଣୀ ନଦୀକୂଳ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଗୋବର୍ଦ୍ଧନପୁରରେ ସ୍ଲରି ପମ୍ପ ଷ୍ଟେଶନ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ୧୩୬ଟି ବିଭିନ୍ନ ଜଳାଶୟ ଅତିକ୍ରମ କରି ଯୋଡ଼ା, କେନ୍ଦୁଝରଠାରୁ ପାରାଦୀପ ଷ୍ଟିଲ ପ୍ଲାଣ୍ଟ ପର୍ଯ୍ୟନ୍ତ ସ୍ଲରି ପାଇପ୍ ଲାଇନ୍ ବିଛାଇବାକୁ ୪।୯।୨୦୧୯ରେ ଅନୁମତି ମିଳିଥିଲା। ଏବେ ପୁଣି ଗୋବର୍ଦ୍ଧନପୁରଠାରୁ ବିପରୀତ ଦିଗରେ କେନ୍ଦୁଝର ଜିଲା ନୂଆଗାଁ ଦେଇ ସୁନ୍ଦରଗଡ଼ ଜିଲା କଳମଙ୍ଗ ପର୍ଯ୍ୟନ୍ତ ସ୍ଲରି ପାଇପ୍ ଲାଇନ୍ ବଢ଼ାଯିବା ପ୍ରସ୍ତାବକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁମତି ମିଳିଛି। ଏଥିଲାଗି ଅତିରିକ୍ତ ଭାବେ ୧୪ଟି ବିଭିନ୍ନ ଜଳାଶୟ ଅତିକ୍ରମ କରିବ ବୋଲି ପ୍ରସ୍ତାବ ଦିଆଯାଇଛି। ଏନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ଉପରେ ୩୦ ଦଫା ସର୍ତ୍ତ ରଖାଯାଇଛି। ତଦନୁଯାୟୀ, ଜଳାଶୟ ନିକଟରେ ସ୍ଲରି ପାଇପ୍ ଲାଇନ୍ ଯଦି ଫାଟିଯାଏ, ତେବେ କମ୍ପାନୀ ତୁରନ୍ତ ମରାମତି ସହ ଆଇନ ଅନୁସାରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବ। ପାଇପ୍ ଲାଇନ୍ ବିଛା କାର୍ଯ୍ୟ ସମୟରେ ଜଳସେଚନ ଉପରେ କୌଣସି ବାଧା ଯେପରି ନ ଉପୁଜେ କିମ୍ବା ଜଳସେଚନ ଭିତ୍ତିଭୂମି ଓ ଜଳାଶୟ ଯେପରି ନଷ୍ଟ ନ ହୁଏ, ସେଥିପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଧ୍ୟାନ ରଖିବେ। ଏଭଳି କେତେକ ସର୍ତ୍ତ ରହିଥିଲେ ମଧ୍ୟ ଜଳାଶୟଗୁଡ଼ିକ ନିଶ୍ଚିତ ଭାବେ ପ୍ରଭାବିତ ହେବ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହାବାଦ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ବ୍ୟାପକ ଜଙ୍ଗଲ ଧ୍ୱଂସ ହେବା ସହ ଗରିବ ଆଦିବାସୀ ଲୋକଙ୍କ ଚାଷଜମି ନଷ୍ଟ ହେବ। ପାଇପ୍ ଲାଇନ୍ ପ୍ରାୟ ୭୦ କି.ମି. ସଂରକ୍ଷିତ ଜଙ୍ଗଲ, ୩୦ କି.ମି. ସୁରକ୍ଷିତ ଜଙ୍ଗଲ ଓ ୨୦ କି.ମି. ଅନ୍ୟାନ୍ୟ ଜଙ୍ଗଲ ଦେଇ ଯାଉଥିବା କୁହାଯାଉଛି। ବଡ଼ବିଲ, ରିମୁଳି, କେନ୍ଦୁଝର, ଆନନ୍ଦପୁର, କଳିଙ୍ଗନଗର, ଚଣ୍ଡିଖୋଲ ଦେଇ ପାରାଦୀପକୁ ପାଇପ୍ ବିଛା ହେବ। ଏହି ପ୍ରକଳ୍ପ ପାଇଁ ବୈତରଣୀ ନଦୀରୁ ଦୈନିକ ୧୦ ହଜାରରୁ ଊର୍ଦ୍ଧ୍ୱ କ୍ୟୁବିକ ମିଟର ପାଣି ଆବଶ୍ୟକ।

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଳାଶୟ କିସମ ଜମିକୁ ସୁରକ୍ଷା କରିବାକୁ ୨୦୧୮ରେ ଆରଡିସିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଥିଲା। ଏଥିରେ ଜିଲାପାଳ ଆବାହକ, ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ, ନିର୍ବାହୀ ଅଧିକାରୀ, ଉନ୍ନୟନ ପରିଷଦର ଯୋଜନା ଅଧିକାରୀ ପ୍ରମୁଖ ସଭ୍ୟ ରହିଥିଲେ। ଏହି ନିଷ୍ପତ୍ତିର ୭ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ହେଲେ ସୁରକ୍ଷା ଓ ସଂରକ୍ଷଣ ଦିଗରେ ଧ୍ୟାନ ନ ଦେଇ ସ୍ଲରି ପାଇପ୍ ଲାଇନ୍ ବିଛା ନାମରେ ଜଳାଶୟଗୁଡ଼ିକର ଅସ୍ତିତ୍ୱ ହରାଇବାକୁ ଯୋଜନା କରାଯାଉଛି ବୋଲି ମତପ୍ରକାଶ ପାଇଛି।

Government of Odisha
Department of Water Resources
*****

No. 33951 /WR., Date: 05/12/2025
Irr.-II-WRC-174/2025(Physical File No.)
WR-MAJII-WRC-0009-2019(OSWAS File No.)

From
Smt. Sasmita Mishra.
Under Secretary to Government.

To
The OSD-cum-Engineer-in-Chief,
Water Resources, Odisha, Bhubaneswar

Sub: ROW permission in favour of M/s JSW Utkal Steel Ltd. for laying 32" 86 24" Dia. Iron Ore Slurry pipeline across various water bodies (River/ Nallah/Canal) from its beneficiation plant at Nuagaon, Keonjhar District & Kalamanga to Palashponga in Keonjhar District.

Sir,

In inviting reference to your Letter No. 30101/WE dated 16.10.2025 on the subject noted above, I am directed to say that M/s JSW Utkal Steel Ltd. was given permission for laying slurry pipeline from slurry pump station at Gobardhanpur to steel plant at Paradeep with total 136 nos. of water body crossings from Joda, Keonjhar to Paradeep Plant vide DoWR letter no.19557 dtd.04.09.2019.

In the meantime, M/s JSW Utkal Steel Ltd. shifted the beneficiation plant from Gobardhanpur under Joda block, Keonjhar to Nuagaon, Keonjhar & Kalamanga, Sundergarh for which the industry has sought permission for additional 14 nos. of new water body crossings for laying Iron Ore Slurry pipeline.

The details of the water body crossing location of pipeline are given below.

| Controlling officer | Division Name | Pipeline crossing water bodies: River | Canal | Nalla | Total |
|---|---|---|---|---|---|
| CE&BM, Baitarani Basin | Baitarani Irrigation Division, Salapada | 3 | 0 | 8 | 11nos. |
| CE, Minor Irrigation | M. I. Division, Keonjhar | 0 | 3 | 00 | 3nos. |
| | Total | 3 | 3 | 8 | 14nos. |

"Every drop of water is precious. Use optimally by adopting recycle, reuse and zero discharge technology".

Page 1 of 7

# ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ୍

## ଓଏଏସ୍, ଓଆର୍ଏସ୍ ଅଧିକାରୀଙ୍କ ଆନ୍ଦୋଳନକୁ ନେଇ ମାମଲା

କଟକ,୯।୧୨(କାର୍ତ୍ତିକ ସାହୁ)

ସରକାରୀ କର୍ମଚାରୀ ତଥା ଓଏଏସ୍ ଏବଂ ଓଆର୍ଏସ୍ ଅଧିକାରୀଙ୍କ ଆନ୍ଦୋଳନକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ମାମଲାର ଶୁଣାଣି କରି ଏ ସଂକ୍ରାନ୍ତରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ସପ୍ତାହରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ପ୍ରତାପ ଚନ୍ଦ୍ର ସାହୁଙ୍କ ପକ୍ଷରୁ ମଙ୍ଗଳବାର ଶୁଣାଣି ବେଳେ ଅଦାଲତକୁ ଦର୍ଶାଯାଇଥିଲା ଯେ, ସରକାରୀ କର୍ମଚାରୀମାନେ ଆନ୍ଦୋଳନ କରିବା ଦ୍ୱାରା ସାଧାରଣ ଲୋକେ ପ୍ରଭାବିତ ହେଉଛନ୍ତି। ଆବେଦନକାରୀ ରାଜ୍ୟରେ ଓଏଏସ୍ ଏବଂ ଓଆର୍ଏସ୍ ଅଧିକାରୀମାନଙ୍କ ଆନ୍ଦୋଳନକୁ ଉଦାହରଣ ଭାବେ ଉପସ୍ଥାପନ କରି ତତ୍ସଂଗତି ସମସ୍ୟା ସଂକ୍ରାନ୍ତରେ ଅଦାଲତକୁ ଅବଗତ କରାଯାଇଥିଲା। ଏଥିସହ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଦୀର୍ଘ ଦିନ ହେବ ଆନ୍ଦୋଳନ କରୁଛନ୍ତି। ବିଦ୍ୟାଳୟରେ ପରୀକ୍ଷା ପାଖେଇ ଆସୁଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏହାକୁ ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
One Computer Operator for office and one Sales man for filed work with Graduation
- WhatsApp -
9338205137 / 9861404151
Bhubaneswar

WANTED
1) Mali (Bagicha Kama)
2) Lady Office Assistant
Phulanakhara, Cuttack
Rahiba, Khaiba Free
Plus 10000 Each
Contact : 7809525452


Sales Executive For Angul Location Requires
Min. 1yr Exp. in Sales. Salary - 15k To 25k + Incentive
Interview Date :15/12/2025. Contact : 9124614408.
Saurashakti Enterprises Private Limited
Add : B/16, ID Market, Nayapalli, BBSR.

ପାରାଦୀପ ବନ୍ଦର ପାଇଁ କ୍ରିକେଟ ପ୍ରଶିକ୍ଷକ ନିମନ୍ତେ ଆବେଦନ
No.PPT/GKS/Cricket Coach/2025/119 Date: 03.12.2025
ପାରାଦୀପ ବନ୍ଦର ପ୍ରାଧିକରଣ ରେ ଠିକା କର୍ମଚାରୀ ହିସାବରେ ୧ ବର୍ଷ ପାଇଁ କ୍ରିକେଟ ପ୍ରଶିକ୍ଷକ ର ଆବଶ୍ୟକ। ପାରାଦୀପ ବନ୍ଦର ରେ ଥିବା କ୍ରିକେଟ ଟ୍ରେନିଂ, ପାରାଦୀପ ବନ୍ଦର ର କ୍ରିକେଟ ଟିମ୍‌ର ଖେଳାଳି ଏବଂ ପାରାଦୀପ ବନ୍ଦର ର ଷ୍ଟାଡିୟମ ରେ ଆସୁଥିବା ଯୁବ ଖେଳାଳି (ପୁଅ ଓ ଝିଅ)ଙ୍କୁ ଖେଳ ପ୍ରଶିକ୍ଷଣ ଦେବେ। ଆବେଦନର ଶେଷ ତାରିଖ ୧୭.୧୨.୨୦୨୫। ଏହା ପରେ ସାକ୍ଷାତକାର ପାଇଁ ଜଣାଇଦିଆଯିବ।
For further details, visit our website- https://paradipport.gov.in/ Carrer.aspx.
Sd/ Working president
Gopabandhu Kreeda Sansad, Paradip port Authority
PPA/PR/55/2025-2026 05/12/2025

# କେନ୍ଦ୍ରାପଡ଼ାରେ ୩ ଅନୁପ୍ରବେଶକାରୀ ଚିହ୍ନଟ

କେନ୍ଦ୍ରାପଡ଼ା, ୯।୧୨ (ଜଗନ୍ନାଥ ଧଳ)

ଦୀର୍ଘଦିନର କସରତ ପରେ କେନ୍ଦ୍ରାପଡ଼ା ଜିଲା ପୋଲିସ ଉକ୍ତ ଜିଲାରେ ରହୁଥିବା ୩ ଜଣ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିଛି। ସେମାନଙ୍କ ପ୍ରମାଣ ପତ୍ର ଯାଞ୍ଚ ଚାଲିଥିବାବେଳେ ଆଠଗଡ଼ ଅବରୋଧ ଗୃହକୁ ମଙ୍ଗଳବାର ପଠାଯାଇଛି। ଅନୁପ୍ରବେଶକାରୀଙ୍କ ମଧ୍ୟରୁ ୨ ଜଣ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗରାପୁର ଅଞ୍ଚଳରେ ରହୁଥିଲେ। ସେହିପରି ଅନ୍ୟ ଜଣେ ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଛପାଲିରେ ରହୁଥିଲେ। ଗତ ଅଗଷ୍ଟ ମାସରୁ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଜିଲା ପୋଲିସ ତନାଘନା ଆରମ୍ଭ କରିଥିଲା। ରାଜ୍ୟରେ ଚିହ୍ନଟ ହୋଇଥିବା ୪୮ ଜଣଙ୍କୁ ଦେଶାନ୍ତର କରାଯାଇଥିବା ବେଳେ ରାଜ୍ୟର କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ଅନୁପ୍ରବେଶକାରୀ ରହୁଥିଲେ ମଧ୍ୟ ଜଣେ ହେଲେ ଚିହ୍ନଟ ହୋଇ ପାରି ନ ଥିଲେ। ତେବେ ୨୦୦୪ରେ ଏହି ଜିଲାରେ ମୋଟ ୧୬୪୯ ଜଣ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିଲେ। ୨୦୦୫ରେ ଏହି ଚିହ୍ନଟ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ମହାକାଳପଡ଼ାର ୧୫୫୧ ଜଣ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଦିଆଯାଇଥିଲା। ମାତ୍ର ସେମାନେ କୋର୍ଟର ଦ୍ୱାରସ୍ଥ ହୋଇ ଅଦ୍ୟାବଧି ଦେଶାନ୍ତର ହୋଇନାହାନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡଙ୍କୁ ପଚାରିବାରେ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଛି। ଚିହ୍ନଟ ହୋଇଥିବା ଅନୁପ୍ରବେଶକାରୀମାନେ ଅଦ୍ୟାବଧି ସେମାନଙ୍କ ଭାରତୀୟ ପ୍ରମାଣପତ୍ର ଦେଖାଇ ନାହାନ୍ତି ବୋଲି ସେ କହିଛନ୍ତି।




# ଅଭିଳାଷ ଯୁବ, ଐଶ୍ୱର୍ଯ୍ୟା ମହିଳା ମୋର୍ଚ୍ଚା ସଭାପତି

- **୭ ମୋର୍ଚ୍ଚା ସଭାପତିଙ୍କ ନାଁ ଘୋଷଣାକଲା ଭାଜପା**
- **ଯୁବ, ମହିଳା ବ୍ୟତୀତ ଅନ୍ୟ ମୋର୍ଚ୍ଚାର ସଭାପତି ନୂଆ ଚେହେରା**

ଭୁବନେଶ୍ୱର, ୯।୧୨(ସୁନିତ୍ ମିଶ୍ର)

ଭାଜପା ପକ୍ଷରୁ ମଙ୍ଗଳବାର କେତେକ ସାଂଗଠନିକ ନିଯୁକ୍ତି ଦିଆଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ୭ଟି ମୋର୍ଚ୍ଚା ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ମନମୋହନ ଙ୍କର ଦ୍ୱିତୀୟ ତାଲିକାରେ ନିଜ ଟିମ୍ ଗଠନ ପ୍ରକ୍ରିୟାକୁ ଆଉ ପାଦେ ଆଗକୁ ନେଇଥିବା ଚର୍ଚ୍ଚା ହେଉଛି। ଏଥର ପୂର୍ବରୁ କେତେଜଣ ନେତାଙ୍କୁ ସେ ଉପସଭାପତି ଏବଂ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଥିଲେ। ତେବେ ଏହି ତାଲିକାରେ ଯୁବ ଓ ମହିଳା ମୋର୍ଚ୍ଚା ସଭାପତିଙ୍କୁ ଛାଡ଼ିଦେଲେ ବାକି ପ୍ରାୟ ସମସ୍ତ ମୋର୍ଚ୍ଚାରେ ନୂଆ ଚେହେରାଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ଭାଜପା ଯୁବମୋର୍ଚ୍ଚା ସଭାପତି ଭାବେ ଅଭିଳାଷ ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ ମହିଳା ମୋର୍ଚ୍ଚା ସଭାପତି ଭାବେ ଐଶ୍ୱର୍ଯ୍ୟା ବିଶ୍ୱାଳ, ଶୁଭ୍ରାଂଶୁ ମୋହନ ପାଢ଼ୀ କୃଷକ ମୋର୍ଚ୍ଚା ସଭାପତି, କାହ୍ନୁ ସୋରେନ ଏସ୍‌ଟି ମୋର୍ଚ୍ଚା ସଭାପତି, ବାଉଧର ମଲିକ ଏସ୍‌ସି ମୋର୍ଚ୍ଚା ସଭାପତି, ପ୍ରଦ୍ୟୁମ୍ନ ନାଏକ ଓବିସି ମୋର୍ଚ୍ଚା ସଭାପତି ଏବଂ ସୁରିନ୍ଦର ସିଂଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।


ଅଭିଳାଷ ପଣ୍ଡା


ଐଶ୍ୱର୍ଯ୍ୟା ବିଶ୍ୱାଳ

ସେହିପରି ସୁନ୍ଦରଗଡ଼, କଳାହାଣ୍ଡି ଏବଂ ଖୋର୍ଦ୍ଧାର ୩ ଜଣ ନେତାଙ୍କୁ ବିଭିନ୍ନ ପ୍ରକୋଷ୍ଠର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ଭାଜପା ସଙ୍ଗଠନରେ ପ୍ରଥମ ଥର ଲାଗି ପ୍ରକୋଷ୍ଠ ପ୍ରଭାରୀ ପଦ ସୃଷ୍ଟି କରାଯାଇଛି। ରଞ୍ଜନ କୁମାର ପଟେଲ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଏବଂ ସୁଦୀପ୍ତ କୁମାର ରାୟ ଏହି ନୂତନ ଦାୟିତ୍ୱ ମିଳିଛି। କାର୍ଯ୍ୟାଳୟ ସମ୍ପାଦକ ଭାବେ ଯାଜପୁରର ଦେବେନ୍ଦ୍ର କୁମାର ନନ୍ଦ ଏବଂ ଆଇଟି ବିଭାଗ ଦାୟିତ୍ୱ ଜ୍ୟୋତି ରଞ୍ଜନ ନାଏକଙ୍କୁ ଦିଆଯାଇଛି। ସେହିପରି ୩୭ଟି ସାଂଗଠନିକ ଜିଲାର ପ୍ରଭାରୀ ଦାୟିତ୍ୱ ମଧ୍ୟ ବଣ୍ଟାଯାଇଛି। ଗୋଲକ ପ୍ରସାଦ ମହାପାତ୍ରଙ୍କୁ ଅନୁଗୋଳ, ଗୌତମ ରାଏ ବାଲେଶ୍ୱର, ଉମାକାନ୍ତ ମହାପାତ୍ର ଉତ୍ତର ଭୁବନେଶ୍ୱର, ବାସୁଦେବ ବାରିକ ବରଗଡ଼, ସଞ୍ଜୀବ ମହାନ୍ତି ଭଦ୍ରକ, ସରୋଜ କୁମାର କର ଭୁବନେଶ୍ୱର, ପୂର୍ଣ୍ଣଚନ୍ଦ୍ର ମାଝୀ ବଲାଙ୍ଗୀର, ଗୋବିନ୍ଦ ଅଗ୍ରୱାଲ ବୌଦ୍ଧ, ଜ୍ଞାନଦେବ ବେହେରା କଟକ, କିଶୋର କୁମାର ପଣ୍ଡା କଟକ ଗ୍ରାମାଞ୍ଚଳ, ସୁଦର୍ଶନ ଜିଆଳ ଦେବଗଡ଼, ସ୍ମୃତି ପଟ୍ଟନାୟକ ଢେଙ୍କାନାଳ, ବିଶ୍ୱେଶ୍ୱର ଗୁରୁ ଗଜପତି, ସାରଦା ପ୍ରସାଦ ଶତପଥୀ ଗଞ୍ଜାମ, ପ୍ରକାଶ ମଙ୍ଗରାଜ ଗୁମୁସୁର(ଆସ୍କା), ଭଗବାନ ମହାନ୍ତି ଗୁମୁସୁର(ଭଞ୍ଜନଗର), ସୁବାସ ଜେନା ଜଗତ୍‌ସିଂହପୁର, ଯତୀନ ମହାନ୍ତି ଯାଜପୁର, ସାମାଞ୍ଜଳ ଖଟେଇ ଝାରସୁଗୁଡ଼ା, ଶିବାଜୀ ମହାନ୍ତି କଳାହାଣ୍ଡି, ପୃଥ୍ୱୀରାଜ ମହାପାତ୍ର କନ୍ଧମାଳ, ଅଶୋକ କୁମାର ମିଶ୍ର କେନ୍ଦ୍ରାପଡ଼ା, ବିରଞ୍ଚି ନାରାୟଣ ତ୍ରିପାଠୀ କେନ୍ଦୁଝର, ପବିତ୍ର ମୋହନ ଦାସ ଖୋର୍ଦ୍ଧା, ଭବେନ୍ଦ୍ର ପଣ୍ଡା କୋରାପୁଟ, ରମେଶ ଚନ୍ଦ୍ର ସାହୁ ମାଲକାନଗିରି, ସିପ୍ରା ବାଜପେୟୀ ମୟୂରଭଞ୍ଜ(ଇଷ୍ଟ), ଅଂଶୁମାନ ସବୁଜ ମହନ୍ତ ବର୍ମା ମୟୂରଭଞ୍ଜ(ୱେଷ୍ଟ), ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାଏକ ନବରଙ୍ଗପୁର, ସୁରଥ ବିଶ୍ୱାଳ ନୟାଗଡ଼, ଆର୍ତ୍ତତ୍ରାଣ ମହାପାତ୍ର ନୂଆପଡ଼ା, ବିଷ୍ଣୁ ଦାସ ପୁରୀ, ବଟକିଶୋର ମିଶ୍ର ରାଉରକେଲା, କେ.ନାରାୟଣ ରାଓ ରାୟଗଡ଼ା, କାଳନ୍ଦୀ ସାମଲ ସମ୍ବଲପୁର, ସୁରେଶ୍ୱର ଶତପଥୀ ସୋନପୁର ଏବଂ ରାମଚନ୍ଦ୍ର ହାଁସଦାଙ୍କୁ ସୁନ୍ଦରଗଡ଼ ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି। ଏନେଇ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତିଙ୍କ ଦସ୍ତଖତ ସମ୍ବଳିତ ଏକ ତାଲିକା ଦଳ ପକ୍ଷରୁ ପ୍ରକାଶ ପାଇଛି।



ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି- ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। **-ଶ୍ରୀଅରବିନ୍ଦ**

# ଗାନ୍ଧୀ ବିଭାଜନକାରୀ

ଭାରତ ୨୦୪୭ ସୁଦ୍ଧା ବିକଶିତ ହେବ ବୋଲି କେନ୍ଦ୍ର ସରକାର ବାରମ୍ବାର ଦୋହରାଉଛନ୍ତି। ବିକଶିତ ଦେଶ ଗଢ଼ିବାର ସ୍ୱପ୍ନ ଦେଖାଯିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ପ୍ରଶ୍ନ ଉଠୁଛି ସେହି ଲକ୍ଷ୍ୟ ହାସଲ ଦିଗରେ ଦେଶବାସୀଙ୍କୁ କେତେ ମାତ୍ରାରେ ପ୍ରସ୍ତୁତ କରାଯାଉଛି। ଏହା ପୂର୍ବରୁ ପ୍ରଶ୍ନ ହେଉଛି ପ୍ରତ୍ୟେକ ନାଗରିକ ପାଇଁ 'ବିକଶିତ' ଶବ୍ଦର ଅର୍ଥ କେଉଁ ପ୍ରକାର ବୁଝାପଡ଼ିବ। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯୁବଶକ୍ତିକୁ ନିଯୁକ୍ତି ସୁଯୋଗ ଦେବା, ଯୋଜନା ଓ ନୀତିକୁ ଜନମଙ୍ଗଳ ଦିଗରେ ଅଭିମୁଖ କରାଇବା ସହିତ ଜନଗଣଙ୍କୁ ସମଦୃଷ୍ଟିରେ ଦେଖି ସମସ୍ତଙ୍କ ଜୀବନକୁ ସୁରକ୍ଷିତ ରଖିବାର ସରକାରୀ ପ୍ରଚେଷ୍ଟାର ସଫଳତା ବିକଶିତ ଆଡ଼କୁ ଅଗ୍ରସର ହୋଇଥାଏ। ଭୋଟ ରାଜନୀତିକୁ ଦେଖି ବିଭାଜନ ସୃଷ୍ଟିକାରୀ ପ୍ରସଙ୍ଗ ଉଠାଇଲେ ବା କାର୍ଯ୍ୟ କଲେ ତାହା ରାଷ୍ଟ୍ରର ଗତିକୁ ପଶ୍ଚାତ୍‌ପଦ କରେ। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ବହୁ କଥାରେ ଅତୀତ ଓ ଅତୀତର ବ୍ୟକ୍ତିବିଶେଷଙ୍କୁ ଆକ୍ଷେପ କରିଆସୁଛନ୍ତି। ଏଭଳି ଅନେକ ପ୍ରସଙ୍ଗ ମଧ୍ୟରୁ ଭାରତର ବିଭାଜନକୁ ନେଇ ଗୋଟେ ବଡ଼ ବର୍ଗ ଓକିଲାତି କରିଥାଏ। ଭାରତ ଓ ପାକିସ୍ତାନ ବିଭାଜିତ ହୋଇ ନ ଥିଲେ ଆଜି ଦେଶ ବିଶାଳ ଭୂଭାଗ ଧାରଣ କରିଥାଆନ୍ତା ବୋଲି କହିଥାଆନ୍ତି। ଆଉ ଥୋଇକେ 'ଅଖଣ୍ଡ ଭାରତ' କଥା ଉଠାଇ ଏବେ ମଧ୍ୟ ସେହି ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟିତ। ଏଠି ପ୍ରଶ୍ନ କରାଯାଇପାରେ ଆଜିର ଭୂରାଜନୈତିକ ସ୍ଥିତିରେ ବିକଶିତ ଭାରତ ନା ଅଖଣ୍ଡ ଭାରତ କେଉଁଟି ଆଗ ଦରକାର। ପ୍ରକୃତ କାର୍ଯ୍ୟରେ ବିକଶିତ ହେବା ଦିଗରେ ନିଜକୁ ପ୍ରସ୍ତୁତ କରିପାରିଲେ ଦେଶ ଆଗକୁ ବଢ଼ିପାରିବ। ଅନ୍ୟପକ୍ଷରେ ଅଖଣ୍ଡ ଭାରତ ଚିନ୍ତା ରହିଲେ ତାହା ସମଗ୍ର ଦେଶକୁ କୋରି ଖାଇବାର ସବୁ ସଙ୍କେତ ଏଠି ବିଦ୍ୟମାନ। ଏ ବିଷୟରେ ବିସ୍ତୃତ ଆଲୋଚନା କରିବା ପୂର୍ବରୁ 'ଅଖଣ୍ଡ ଭାରତ'ର ସ୍ୱରୂପ ଉପରେ ଦୃଷ୍ଟିପାତ କରିବା। ଅଖଣ୍ଡ ଅର୍ଥାତ୍ ଅବିଭକ୍ତ ଭାରତ ବୋଇଲେ ଦକ୍ଷିଣ-ପୂର୍ବ ଏସିଆର କିଛି ଅଂଶ ସହିତ ଏକ ବୃହତ୍ ଏକୀକୃତ ଭାରତର ପରିକଳ୍ପନା। ଆଜିର ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ, ଭୁଟାନ, ମାଳଦ୍ୱୀପ, ମ୍ୟାନମାର, ନେପାଳ, ଶ୍ରୀଲଙ୍କା, ତିବ୍ବତ ଓ ଭାରତକୁ ଏକାଠି ମିଶାଇ ଯେଉଁ ଭୂଖଣ୍ଡ ହେବ ତାହା 'ଅଖଣ୍ଡ ଭାରତ'କୁ ବୁଝାଇବ।

ମନେରଖିବାକୁ ହେବ ଯେ, ଏହି ଅଖଣ୍ଡ ଭାରତ ମାନଚିତ୍ରକୁ ପ୍ରଥମେ ବ୍ରିଟିଶ ଶାସକ ସୃଷ୍ଟି କରିଥିଲେ। ଜଣେ ବ୍ୟକ୍ତି ଭାଇସରାୟ ପଦବୀରେ ରହି ଏହି ସମଗ୍ର ଅଞ୍ଚଳକୁ ଶାସନ କରୁଥିଲେ ବୋଲି ଏହାକୁ ଅଖଣ୍ଡ ଭାରତର ଆଖ୍ୟା ଦିଆଯାଉଛି। ବ୍ରିଟିଶ ଶାସନ ପୂର୍ବର ମୋଗଲ, ଆଫଗାନ କିମ୍ବା ହିନ୍ଦୁ ରାଜାମାନଙ୍କ ରାଜତ୍ୱ ଦେଖିଲେ ଏହି ବିରାଟକାୟ ଅଞ୍ଚଳ କେହି ଦଖଲ କରିପାରି ନ ଥିଲେ। ତେଣୁ ଅଖଣ୍ଡ ଭାରତର ମାନଚିତ୍ରକୁ କୌଣସି ଭାରତୀୟ ସୃଷ୍ଟି କରି ନ ଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନ ବେଳେ ବିଶିଷ୍ଟ ଜନନାୟକ କେ.ଏମ୍. ମୁନ୍‌ସୀ 'ଅଖଣ୍ଡ ଭାରତ ବା ଅଖଣ୍ଡ ହିନ୍ଦୁସ୍ତାନ' କଥା ଉଠାଇଥିଲେ। ଇଂଲିଶମାନଙ୍କୁ ତଡ଼ିବା ଲାଗି ସମ୍ଭବତଃ ସେହି ସମୟରେ ଏଭଳି ଏକ ଚିନ୍ତନ ଆସିଥିବ। ହେଲେ ଆଜିର ସ୍ଥିତିକୁ ଦେଖିଲେ ତାହା ଭାରତ ପାଇଁ ବୁମେରାଂ ହେବା ଥୟ। ବିଭାଜନକୁ ନେଇ ବହୁ ସମୟରେ ମହାତ୍ମା ଗାନ୍ଧୀ, କଂଗ୍ରେସ, ମହମ୍ମଦ ଅଲ୍ଲୀ ଜିନ୍ନା ଓ ଲର୍ଡ ମାଉଣ୍ଟବ୍ୟାଟେନଙ୍କୁ ଅନେକେ ଦାୟୀ କରିଆସୁଛନ୍ତି। କିନ୍ତୁ ଗଭୀରକୁ ଯାଇ ଚିନ୍ତା କରାଗଲେ ଅତୀତର ନିଷ୍ପତ୍ତି ଯାହା ହୋଇଯାଇଛି ତାହାକୁ ଗ୍ରହଣ କରାଯିବା ବୁଦ୍ଧିମାନର କାର୍ଯ୍ୟ। ଆଜିର ସ୍ଥିତିକୁ ଦେଖିଲେ ଏପରି ମନ୍ତବ୍ୟକୁ ଖୁଣି ହେବ ନାହିଁ। କାରଣ ପଡ଼ୋଶୀ ପାକିସ୍ତାନ ଅଲଗା ହୋଇଥିଲେ ମଧ୍ୟ ଭାରତ ସହ ଶତ୍ରୁତା ସୀମା ନିକଟରେ ବେଶି ଅନୁଭୂତ ହେଉଛି। ସାଥୀରେ ସେହି ମୁସଲମାନ ଜନସଂଖ୍ୟା ରହିଥିଲେ ଦେଶ ଭିତରେ ପ୍ରତି ମୁହୂର୍ତ୍ତରେ ଅରାଜକତା ସୃଷ୍ଟି ହୋଇଥାଆନ୍ତା। ଯଦି ପରିସଂଖ୍ୟାନକୁ ଦେଖିବା ଏବେ ଭାରତରେ ପ୍ରାୟ ୧୫୦ କୋଟି ଲୋକ ଅଛନ୍ତି ବୋଲି ଆକଳନ କରାଯାଇଛି। ଏମାନଙ୍କ ମଧ୍ୟରେ ମୁସଲମାନଙ୍କ ସଂଖ୍ୟା ୨୩ କୋଟି କୁହାଯାଉଛି। ପାକିସ୍ତାନରେ ୨୪ କୋଟିରୁ ଊର୍ଦ୍ଧ୍ୱ ମୁସଲମାନ ଅଛନ୍ତି। ସେହିପରି ବାଂଲାଦେଶରେ ଏମାନଙ୍କ ସଂଖ୍ୟା ୧୫ କୋଟିରୁ ଅଧିକ ଥିବା ବେଳେ ଆଫଗାନିସ୍ତାନରେ ୩ କୋଟି ୮୦ ଲକ୍ଷ, ମାଳଦ୍ୱୀପରେ ୩ ଲକ୍ଷ ୭୫ ହଜାର, ମ୍ୟାନମାରରେ ୧୪ ଲକ୍ଷ ରୋହିଙ୍ଗ୍ୟା, ନେପାଳରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ମୁସଲମାନ, ଶ୍ରୀଲଙ୍କାରେ ୧୯ ଲକ୍ଷରୁ ଅଧିକ ଓ ଭୁଟାନରେ ୨,୦୦୦ ମୁସଲମାନ ରହିଛନ୍ତି। ଭାରତର ମୁସଲମାନଙ୍କ ସହ ଉପରୋଲ୍ଲିଖିତ ଦେଶର ମୁସଲମାନଙ୍କ ସଂଖ୍ୟାକୁ ଏକତ୍ର କଲେ ପ୍ରାୟ ୬୭ କୋଟିରୁ ଅଧିକ ହେବ। ଏମାନେ ସମଗ୍ର ଭାରତରେ ରହିଲେ ସେମାନେ ସ୍ୱତନ୍ତ୍ର ଅଧିକାର ଦାବି କରି ସ୍ଥଳବିଶେଷରେ ଅରାଜକତା ସୃଷ୍ଟି କରିବା ବିଷୟକୁ ଏଡ଼ାଇ ଦିଆଯାଇ ନ ପାରେ। ଏଠାରେ ସବୁ ମୁସଲମାନଙ୍କ ସ୍ୱଭାବକୁ ନୁହେଁ, ବରଂ ସଂଖ୍ୟାତ୍ମକ ଦୃଷ୍ଟିକୁ ହିସାବକୁ ନେଲେ ଏପରି ଆଶଙ୍କା ଉପୁଜିବା ସ୍ୱାଭାବିକ। ସେହିସବୁ ଦେଶର ଅନ୍ୟାନ୍ୟ ଧର୍ମ ବା ସମ୍ପ୍ରଦାୟକୁ ମିଶାଇ ଦେଲେ ଅଖଣ୍ଡ ଭାରତର ଜନସଂଖ୍ୟା କାହିଁରେ କେତେ ବଢ଼ିଯିବ। ସେଥିପାଇଁ ଯେଉଁମାନେ ଗାନ୍ଧୀଙ୍କୁ 'ବିଭାଜନକାରୀ' ଭାବେ ଆଖ୍ୟା ଦେଉଛନ୍ତି ଓ ତାଙ୍କୁ ଗାଳି ଦେଲା ଭଳି କହୁଛନ୍ତି; କାରଣ ସେମାନଙ୍କର ଏହି ମୌଳିକ ଜ୍ଞାନର ଅଭାବ ରହିଛି। ଏହା ସତ୍ୟ ଯେ, ଭାରତର ବିଭାଜନରେ ଗାନ୍ଧୀଙ୍କର ସକ୍ରିୟ ଭୂମିକା ରହିଥିଲା। ତାଙ୍କୁ ସେଥିପାଇଁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ମଧ୍ୟ ଅର୍ପଣ କରିବା ଦରକାର। କାରଣ ତାଙ୍କ ଯୋଗୁ ଆଜି ଆମେ ଏକପ୍ରକାର ଶାନ୍ତିରେ ରହିପାରୁଛେ। ଗାନ୍ଧିଜୀ ଦେଶବାସୀଙ୍କ ନାଡ଼ି ଚିପି ଥିବାରୁ ଅଳ୍ପ ଅଶାନ୍ତିରେ ବିଭାଜନ ସମ୍ଭବ ହୋଇଥିଲା। କୁହାଯାଇଥାଏ-ଅଞ୍ଜିରେ ନିଆଁକୁ ଢାଙ୍କି ରଖିଲେ ତାହା ନିଜକୁ ଜାଳିଦିଏ। ବରଂ ଭଲ ସେହି ନିଆଁକୁ ଦୂରେଇ ଦେଇ ପ୍ରଶ୍ୱାସ ନେବା।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | | | |
| | | 5 | | 1 | 3 | 2 | | |
| | | 1 | | | | | 4 | |
| | 1 | 7 | | | | | 3 | |
| 4 | 8 | | 2 | | 5 | | | |
| | | 2 | | | 6 | | | |
| | 6 | 3 | | 4 | | | | |
| | | | | | | 9 | | |
| | | | 6 | | 9 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 8 | 1 | 4 | 6 | 2 | 3 |
| 8 | 3 | 6 | 7 | 9 | 2 | 4 | 5 | 1 |
| 2 | 4 | 1 | 5 | 3 | 6 | 8 | 7 | 9 |
| 4 | 2 | 9 | 1 | 8 | 7 | 5 | 3 | 6 |
| 3 | 7 | 8 | 2 | 6 | 5 | 9 | 1 | 4 |
| 6 | 1 | 5 | 3 | 4 | 9 | 7 | 8 | 2 |
| 5 | 9 | 3 | 6 | 2 | 8 | 1 | 4 | 7 |
| 1 | 8 | 4 | 9 | 7 | 3 | 2 | 6 | 5 |
| 7 | 6 | 2 | 4 | 5 | 1 | 3 | 9 | 8 |

ଗତକାଲିର ଉତ୍ତର



# ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା

ଡ. ସମୀର କୁମାର ନନ୍ଦ

ଆଜି ସାରା ବିଶ୍ୱରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳନ ହେଉଛି। ଚଳିତ ବର୍ଷ ଜାତିସଂଘ ତରଫରୁ ଏହି ଦିବସ ପାଇଁ ସ୍ଲୋଗାନ ରହିଛି ''ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା''। ୧୯୪୮ ମସିହାର ଆଜିର ଦିନରେ ଜାତିସଂଘ ମହାସଭାରେ ମାନବାଧିକାର ଘୋଷଣାନାମାକୁ ପାରିତ କରାଯାଇଥିଲା। ଓଡ଼ିଶାରେ କାରାଗାର ପାଇଁ 'ପ୍ରତିଷ୍ଠା ଦିବସ' ପାଳନ କରିବାର ଧାରଣା ସାମ୍ପ୍ରତିକ ବର୍ଷଗୁଡ଼ିକରେ ପ୍ରଚଳିତ ହୋଇଥିଲା। ଅନ୍ତର୍ଜାତୀୟ ମାନବାଧିକାର ଦିବସ ସହିତ ସମନ୍ୱୟ ରଖିବା ପାଇଁ ୨୦୨୦ଠାରୁ ଡିସେମ୍ବର ୧୦କୁ ବାଛି ନିଆଯାଇଥିଲା, ଏହିପରି କାରାଗାର ପ୍ରଶାସନକୁ ମାନବାଧିକାର ଆଲୋଚନା ସହିତ ଯୋଡିଥିଲା। ପ୍ରଥମ ପାଳନରେ, ରାଜ୍ୟ ସରକାର ଆନୁଷ୍ଠାନିକ ଭାବରେ ନିର୍ଦ୍ଦେଶ ଦେଇଥିଲେ ଯେ ଓଡ଼ିଶାର କାରାଗାର ଏବଂ ସଂଶୋଧନ ସେବା ପ୍ରତିବର୍ଷ ଏହି ଦିନକୁ ବିଶେଷ ଉତ୍ସବ, କାର୍ଯ୍ୟକ୍ରମ ଏବଂ ସ୍ୱୀକୃତି ସହିତ ପାଳନ କରିବେ। ମାନବାଧିକାର ଦିବସ ସହିତ ସମନ୍ୱୟ ରଖି, ରାଜ୍ୟ ଏକ ବାର୍ତ୍ତା ପଠାଏ ଯେ କଏଦୀମାନେ ଅଧିକାର ପରିସର ବାହାରେ ନୁହନ୍ତି ଏବଂ ମାନବିକ ବ୍ୟବହାର, ମର୍ଯ୍ୟାଦା ଏବଂ ପୁନର୍ବାସ ସଂଶୋଧନ ଦର୍ଶନର କେନ୍ଦ୍ରବିନ୍ଦୁ। କିନ୍ତୁ ଯେଉଁ ଗୁରୁତ୍ୱପୂର୍ଣ୍ଣ ମାନବାଧିକାର ରହିଛି ସେସବୁକୁ ଠିକ୍‌ଭାବରେ ଅବଲମ୍ବନ କରିବା ନିମନ୍ତେ ଆମ କାରାଗାରଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମି ରହିଛି କି ନାହିଁ ତାକୁ ତର୍ଜମା କରିବାର ଆବଶ୍ୟକତା ରହିଛି।

ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ- ୨୦୨୫ର ସାମଗ୍ରିକ ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି। ରାଜ୍ୟଗୁଡ଼ିକର ନ୍ୟାୟ ବିତରଣର ଚାରିଟି ଅଙ୍ଗ ପୋଲିସ, ଜେଲ, ନ୍ୟାୟପାଳିକା ଓ ଆଇନଗତ ସହାୟତାର ତର୍ଜମା କରାଯାଇ ଟାଟା ଟ୍ରଷ୍ଟ ସମେତ ୮ଟି ସଂସ୍ଥାର ମିଳିତ ପ୍ରୟାସରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଓଡ଼ିଶା ଜେଲ ର୍‍ୟାଙ୍କିଙ୍ଗ୍‌ରେ ଷଷ୍ଠ ସ୍ଥାନରେ ରହିଛି। ଓଡ଼ିଶାରେ ଜେଲଗୁଡ଼ିକରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ କଏଦୀ ରହିବା ମାମଲା ହ୍ରାସ ପାଇଥିବା, ଜେଲ ବଜେଟରେ ୩୦% ବୃଦ୍ଧି ଓ ୯୦% ଉପଯୋଗ କରାଯାଇଥିବା ଉଲ୍ଲେଖ କରାଯାଇଛି। ରାଜ୍ୟରେ ଥିବା ୮୭ଟି ଜେଲର ମୁଖ୍ୟ ସମସ୍ୟା ହେଉଛି ୪୦% ଖାଲି ଥିବା ୱାର୍ଡନ ପଦବୀ ସମେତ ଅନ୍ୟାନ୍ୟ ପଦବୀ। ଉକ୍ତ ପଦବୀଗୁଡ଼ିକରେ ସେନାର ଅବସରପ୍ରାପ୍ତ ଯବାନମାନଙ୍କୁ ନିଯୁକ୍ତି ଦେବାର ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ନ ପାରିବାରୁ ବର୍ତ୍ତମାନ ଉକ୍ତ ୬୦୦ ପଦବୀ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଗୃହରକ୍ଷୀମାନଙ୍କୁ ଦାୟିତ୍ୱ ଦେବାପାଇଁ ଯୋଜନା ଚାଲିଛି। ହେଲେ ଗୃହରକ୍ଷୀମାନଙ୍କ ପରି ଅନଭିଜ୍ଞ କର୍ମଚାରୀଙ୍କ ହାତରେ ଜେଲଗୁଡ଼ିକ କେତେ ସୁରକ୍ଷିତ ରହିବ ତାହା ସମୟ କହିବ। ଗତ ୯ବର୍ଷରେ ଜେଲ ପାଚେରି

**ବିଶ୍ୱ ମାନବ ଅଧିକାର ଦିବସ ଉପଲକ୍ଷେ**



ଡେଇଁ ୬୭ ଜଣ କଏଦୀ ଫେରାର ହୋଇଯିବା ଏକ ଚିନ୍ତାଜନକ ଘଟଣା ହୋଇଛି। ରାଜ୍ୟରେ ୧୯୭୬ରୁ ଏହି ପାଚେରିଡିଆଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ଜେଲ ବିଭାଗ ଆସନ୍ତା ୫୦ ବର୍ଷକୁ ଦୃଷ୍ଟିରେ ରଖି କଏଦୀଙ୍କ ସଂଖ୍ୟା ବୃଦ୍ଧି ସମସ୍ୟାକୁ ଏଡ଼ାଇବା ପାଇଁ ଅତ୍ୟାଧୁନିକ ଜେଲ ନିର୍ମାଣ କରିବାକୁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛି। ଏଥିପାଇଁ ୧୩ଟି ଜେଲକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଥିଲାବେଳେ ୬ଟି ଜେଲ ପାଇଁ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି, ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରକୁ ଜାମୁଝରୀକୁ ଓ ବାରିପଦା, ସୁନ୍ଦରଗଡ଼ ଓ କେନ୍ଦୁଝର ଜେଲ ପାଇଁ ଜମି ସ୍ଥିର ହୋଇସାରିଛି। ଜେଲ ପାଚେରି ଡେଇଁ ଭିତରକୁ ଆସୁଥିବା ନିଶା ସାମଗ୍ରୀକୁ ପ୍ରତିହତ କରିବା ପାଇଁ ଚୌଦ୍ୱାର, କୋରାପୁଟ, ସମ୍ବଲପୁର, ବ୍ରହ୍ମପୁର ଓ ଝାରପଡ଼ା ଜେଲରେ ଡ୍ରୋନ୍ କ୍ୟାମେରା ଉଡ଼େଇବାର ବ୍ୟବସ୍ଥା କରାଯିବାର ପ୍ରସ୍ତାବ ରହିଛି। କିନ୍ତୁ ଏସବୁ ଯୋଜନା କାର୍ଯ୍ୟକାରୀ ହେବକି କେବଳ ପ୍ରସ୍ତାବରେ ରହିଯିବ ସେକଥା ବିଚାର ସାପେକ୍ଷ।

ଯଦିଓ, ବ୍ରିଟେନ୍ ଟିମ୍‌ର ତିହାର ଜେଲ ପରିଦର୍ଶନ ସମୟରେ ଜୁଲାଇରେ ଜେଲ ବ୍ୟବସ୍ଥାକୁ ଭଲ ଓ ଅନ୍ତର୍ଜାତୀୟ ମାନଦଣ୍ଡର ନିକଟତର ବୋଲି ପ୍ରକାଶ କରିଛନ୍ତି,ହେଲେ ମଧ୍ୟ, ଦେଶର ବିଭିନ୍ନ ଜେଲରେ ବନ୍ଦୀ ଥିବା ପ୍ରାୟ ୪.୫ ଲକ୍ଷ ବିଚାରାଧୀନ କଏଦୀଙ୍କ ଭୋଟ ଅଧିକାରକୁ ସ୍ୱୀକୃତି ଦେବା ପାଇଁ ଏକ ଜନସ୍ୱାର୍ଥ ମାମଲା ଉପରେ ୨୪ ଅକ୍ଟୋବରରେ ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ ଜବାବ ମାଗିଛନ୍ତି। କୋର୍ଟଙ୍କ ଅନୁସାରେ ଜନପ୍ରତିନିଧି ଆଇନ ୧୯୫୧ର ଧାରା ୬୨(୫)ଅନୁଯାୟୀ ଲାଗୁ ହୋଇଥିବା ବର୍ତ୍ତମାନର ନିଷେଧାଦେଶ ସାମ୍ବିଧାନିକ ଗ୍ୟାରେଣ୍ଟି ଓ ଅନ୍ତର୍ଜାତୀୟ ଗଣତନ୍ତ୍ର ନିୟମର ଉଲ୍ଲଂଘନ କରୁଛି। ତା'ସହିତ ଜେଲଗୁଡ଼ିକରେ ଭିନ୍ନକ୍ଷମ ସମେତ କଏଦୀଙ୍କୁ ନିଜ ପସନ୍ଦର ଖାଦ୍ୟ ନ ମିଳିବା ମୌଳିକ ଅଧିକାରର ଉଲ୍ଲଂଘନ ନୁହେଁ ବୋଲି ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି। ସମ୍ବିଧାନର ଧାରା-୨୧ ଅନୁଯାୟୀ ଜୀବନର ଅଧିକାର ସମସ୍ତ କଏଦୀଙ୍କ ପାଇଁ ରହିଛି, କିନ୍ତୁ ଏହି ଆଇନ ବ୍ୟକ୍ତିଗତ କିମ୍ବା ବିଳାସପୂର୍ଣ୍ଣ ଖାଦ୍ୟ ପସନ୍ଦ ଦାବି କରିବାର ଅଧିକାର ଦେଇନାହିଁ। ଜେଲଗୁଡିକ ସୁଧାର ଗୃହ ବୋଲି କୁହାଯାଇଛି, ନାଗରିକ ସମାଜର ସୁବିଧାର ସମ୍ପ୍ରସାରଣ ନୁହେଁ। ଜେଲଗୁଡିକ ପ୍ରାୟତଃ ଐତିହାସିକ ଭାବରେ କଠୋର ଶୃଙ୍ଖଳା, କଠୋର ପରିସ୍ଥିତି ଓ ସର୍ବନିମ୍ନ ସ୍ୱାଧୀନତା ପାଇଁ ଡିଜାଇନ କରାଯାଇଛି। ଯଦିଓ ଆଧୁନିକ ନୀତି ପ୍ରତିଶୋଧ ଅପେକ୍ଷା ଅନ୍ୟମାନଙ୍କୁ ସମର୍ଥନ କରେ, କିନ୍ତୁ ଭାରତରେ ବର୍ତ୍ତମାନର ଜେଲ ଭିତ୍ତିଭୂମି ଓ ପରିଚାଳନା ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଚୌଦ୍ୱାର ଜେଲର ଅଘଟଣ ପରେ ସରକାର ଜେଲ ପ୍ରଶାସନକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସମୟରେ ଡିଆଇଜି ଓ ଏସ୍‌ପିମାନେ ଜେଲକୁ ଅକସ୍ମାତ୍ ପରିଦର୍ଶନରେ ଯିବା ଓ ଲ୍ୟାଣ୍ଡଲାଇନ ଫୋନରେ ଅଧିକାରୀମାନଙ୍କୁ ଫୋନ କରି ସେମାନଙ୍କ ଅବସ୍ଥିତିକୁ ଯାଞ୍ଚ କରିବା ପାଇଁ ଚିନ୍ତା କରୁଛନ୍ତି। ଅବ୍ୟବସ୍ଥିତ ଓ ଅସୁରକ୍ଷିତ କାରାଗାର ଗଣତନ୍ତ୍ର, ନ୍ୟାୟତନ୍ତ୍ର ଓ ମାନବାଧିକାର ପାଇଁ ଏକ ବଡ଼ ଆହ୍ୱାନ। ତେଣୁକରି, ଦେଶର ବିଭିନ୍ନ ଜେଲରେ ଥିବା ବିଚାରାଧୀନ ବନ୍ଦୀଙ୍କ ସଂଖ୍ୟା ହ୍ରାସ କରିବା ନିମନ୍ତେ ଅଜିମ ପ୍ରେମ୍‌ଜୀ ଫାଉଣ୍ଡେଶନ ତରଫରୁ ୨୦୨୪ରୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା କଟକ ମିଳିତ ସହଭାଗିତାରେ ଏକ କାରାଗାର ପକ୍ଷପୋଷଣ ପ୍ରକଳ୍ପ ସ୍ଥାପନ କରି ମଣ୍ଡଳ କାରାଗାର ଚୌଦ୍ୱାର, ସ୍ୱତନ୍ତ୍ର କାରାଗାର ଭୁବନେଶ୍ୱର, ଜିଲା କାରାଗାର ଖୋର୍ଦ୍ଧା ଓ ଉପକାରାଗାର ବାଙ୍କୀରେ ଅବସ୍ଥିତ ବିଚାରାଧୀନ ବନ୍ଦୀଙ୍କୁ ନିଃଶୁଳ୍କ ଆଇନ ସେବା ପ୍ରଦାନ କରିବା ସହିତ ଜାମିନ କରାଇବା ପାଇଁ ଅଣ୍ଟା ଭିଡିଛି। ଏହି କାର୍ଯ୍ୟକ୍ରମ ଯୋଜନାରେ ଉକ୍ତ ପ୍ରକଳ୍ପ ସମ୍ପୃକ୍ତ ଜେଲଗୁଡିକରେ ଥିବା ବନ୍ଦୀଙ୍କୁ ଜାମିନ ପ୍ରଦାନ କରିବାରେ ସଫଳତା ହାସଲ କରିବା ସହ ମାସିକ ଗୋଟିଏ ଲେଖାଏ ଆଇନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରି ଜେଲ ଅନ୍ତେବାସୀଙ୍କୁ ବିଭିନ୍ନ ବିଷୟରେ ସଚେତନ କରିବାରେ ସଫଳତା ହାସଲ କରିଛି। ଏହା ଏକ ପାଇଲଟ୍ ପ୍ରକଳ୍ପ ଭାବରେ କାର୍ଯ୍ୟ କରୁଛି।

ଜେଲଗୁଡ଼ିକରେ ଥିବା ଅଧିକାଂଶ ବନ୍ଦୀ ପୋକ୍‌ସୋ ଆଇନର ବିଭିନ୍ନ ଦଫାରେ ଗିରଫ ହୋଇ ରହିଛନ୍ତି। ସେମାନେ ଏହି ଆଇନ, ନାବାଳିକାମାନଙ୍କ ସହିତ ଶାରୀରିକ ସମ୍ପର୍କ ଓ ବିବାହର ପରିଣାମ ସମ୍ପର୍କରେ ଅନଭିଜ୍ଞ ବୋଲି ମତବ୍ୟକ୍ତ କରନ୍ତି। ତେଣୁ ଏହି ଆଇନ ଉପରେ ନିୟମିତ ଭାବରେ ଯଦି ସଚେତନତା କାର୍ଯ୍ୟକ୍ରମ କରାଯିବ ତେବେ ବାଲ୍ୟବିବାହ, ନାବାଳିକାଙ୍କ ସହିତ ଯୌନ ସମ୍ପର୍କ ମାମଲା ହ୍ରାସ ପାଇବ ବୋଲି ବିଶ୍ୱାସ। ମାନବାଧିକାର ଆୟୋଗଙ୍କ ହସ୍ତକ୍ଷେପ ପରେ କାରାଗାରଗୁଡ଼ିକ ବର୍ତ୍ତମାନ କେବଳ ବନ୍ଦୀଗୃହ ନ ହୋଇ ସଂସ୍କାର କେନ୍ଦ୍ର ପାଲଟିଛି। କିନ୍ତୁ ପ୍ରଶାସନିକ ସଂସ୍କାର ନ ହେବାରୁ କାରାଗାରଗୁଡିକରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ଦୃଷ୍ଟିଗୋଚର ହେଉଛି। ଦୁର୍ବଳ ଭିତ୍ତିଭୂମି କେବେହେଲେ ମାନବାଧିକାରକୁ ଦୈନନ୍ଦିନ ଅବଶ୍ୟକତା ଭାବରେ ବନ୍ଦୀମାନଙ୍କୁ ପ୍ରଦାନ କରିପାରିବ ନାହିଁ, ଏକଥା ସ୍ୱୀକାରଯୋଗ୍ୟ।

**ମୋ: ୯୪୩୭୨୧୮୯୧୭**



# ଦରମା ଦେଇପାରୁନି ଆମେରିକା

ଲଳିତେନ୍ଦୁ ପଲାଉରୀ

ବିଶ୍ୱର ବିକଶିତ ଦେଶ ଆମେରିକାରେ ଅଚଳାବସ୍ଥା। ୧୪ ଲକ୍ଷରୁ ଅଧିକ ଫେଡେରାଲ କର୍ମଚାରୀଙ୍କୁ ବେତନ ନ ମିଳିବା , ୪୧ ଲକ୍ଷ ନିମ୍ନ ଆୟକାରୀ ଆମେରିକୀୟଙ୍କ ପାଇଁ ଖାଦ୍ୟ ସୁରକ୍ଷା ଯୋଜନା ବିଫଳ ହେବା, ଅଧିକାଂଶ କର୍ମଚାରୀ ଛଟେଇ ହେବା, ଦରମା ନ ପାଇ କର୍ମଚାରୀମାନେ ସାମୂହିକ ଛୁଟିରେ ରହିବା, କିଛି କର୍ମଚାରୀ ବିନା ଦରମାରେ କାମ କରିବା ଭଳି ସ୍ଥିତି ଚଳିତବର୍ଷ ଅକ୍ଟୋବର ୧ରୁ ନଭେମ୍ବର ୧୨ ପାଖାପାଖି ୪୨ଦିନ ଆମେରିକାରେ ଦେଖା ଦେଇଥିଲା। ଆମେରିକା ଇତିହାସରେ ଏଭଳି ଦୀର୍ଘ ଦିନର ଅଚଳାବସ୍ଥା ପ୍ରଥମ ଥର ଦେଖିବାକୁ ମିଳିଥିଲା। ଏହି ଅଚଳାବସ୍ଥାକୁ ଆମେରିକାର ସଂଘୀୟ ସରକାର ବ୍ୟବସ୍ଥାର ସବୁଠୁ ଦୀର୍ଘକାଳୀନ ଶଟ୍‌ଡାଉନ ବୋଲି କୁହାଯାଉଛି। କାରଣ ଥିଲା ଆମେରିକା କଂଗ୍ରେସରେ ବ୍ୟୟ ମଞ୍ଜୁରୀ ବିଲ୍ ପାସ ହୋଇ ପାରିନଥିଲା। ଆମେରିକାର ନୂଆ ଆର୍ଥିକ ବର୍ଷ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ବେଳେ ଫେଡେରାଲ ସରକାର ଓ ସିନେଟ ମଧ୍ୟରେ ବିବାଦ ଏବଂ ତାଳମେଳ ଅଭାବ ଏଭଳି ସ୍ଥିତି ସୃଷ୍ଟି କରିଥିଲା। ସିନେଟର ଡେମୋକ୍ରାଟ ସାଂସଦମାନେ ସରକାରଙ୍କ ଖର୍ଚ୍ଚଦାବି ବିଲ୍‌କୁ ସମର୍ଥନ କରିନଥିଲେ। ତେଣୁ ବିଲ୍ ପାସ୍‌ରେ ସରକାରଙ୍କୁ ବାଧା ଉପୁଜିଥିଲା।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ଶାସନରେ ସିନେଟ୍‌ରେ ତାଙ୍କ ଦଳ ରିପବ୍ଲିକାନଙ୍କ ସଂଖ୍ୟା କମ୍। ତେଣୁ ଆମେରିକାର ପ୍ରତିନିଧି ସଭାରେ ବିଲ୍ ସହଜରେ ପାସ୍ ହେଉଥିବା ବେଳେ ଏହା ସିନେଟରେ ଅଟକି ରହୁଛି। ବ୍ୟୟ ମଞ୍ଜୁରୀ ବିଲ୍‌ରେ ଅସାମଞ୍ଜସ୍ୟ ଦର୍ଶାଇ ୧୪ଥର ସିନେଟ୍‌ର ବିରୋଧୀ ସଦସ୍ୟମାନେ ବିଲ୍‌କୁ ଖାରଜ କରି ଦେଇଥିଲେ। ଟ୍ରମ୍ପ ପ୍ରଶାସନ ସାଧାରଣତଃ ଆମେରିକୀୟଙ୍କ ସ୍ୱାସ୍ଥ୍ୟ, ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ବିଫଳ ଓ ଜରୁରୀ କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରିନଥିବାରୁ ବିଲ୍‌ଗୁଡ଼ିକୁ ବାରମ୍ବାର ସିନେଟର ବିରୋଧୀ ସଦସ୍ୟମାନେ ପାସ୍ କରାଇ ଦେଉନଥିଲେ। ଡେମୋକ୍ରାଟ୍ ସାଂସଦଙ୍କ ଅସହମତ କାରଣରୁ କୌଣସି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁନଥିଲା। ବିଭିନ୍ନ ବିଭାଗଗୁଡ଼ିକ ପାଇଁ ଅର୍ଥ ବରାଦ ଅଟକି ଥିଲା। ଏଭଳି ଅଚଳାବସ୍ଥା ଆମେରିକାର ଶାସନ ନେତୃତ୍ୱ ପ୍ରତି ମଧ୍ୟ ବିରୋଧାଭାଷର ଏକ ସଂକେତ। କେତେକ ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଅନ୍ୟ ସବୁ ବିଭାଗ ଅର୍ଥ ଅଭାବରୁ ପ୍ରଭାବିତ ହୋଇଥିଲେ। ଫେଡେରାଲ ଏଭିଏସନ୍ ଏଜେନ୍ସି ପ୍ରତିଦିନ ହଜାର ହଜାର ବିମାନ ଉଡ଼ାଣ ବାତିଲ କରିବାକୁ ବାଧ ହୋଇଥିଲା। ତଥ୍ୟ କହୁଛି ଚଳିତ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ପାଖାପାଖି ୩୫ ଲକ୍ଷ ବିମାନଯାତ୍ରୀ ଏହି ଅଚଳାବସ୍ଥା ଦ୍ୱାରା ପ୍ରଭାବିତ ହୋଇଥିଲେ। ଏହି ଅଚଳାବସ୍ଥାକୁ ଆମେରିକା ଇତିହାସରେ ୨୧ତମ ବ୍ୟୟବରାଦ



ବିଲ୍ ଅଚଳାବସ୍ଥା ବୋଲି ବିବେଚନା କରାଯାଇଛି। ଏହାସହ ଆମେରିକା ଫେଡେରାଲ ଇତିହାସରେ ଏହା ୧୧ତମ ସରକାରୀ ଅଚଳାବସ୍ଥା ଥିଲା। ୨୦୧୮ ଡିସେମ୍ବରରୁ ୨୦୧୯ ଜାନୁଆରୀ ଯାଏ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ପାଳି ସରକାରରେ ମଧ୍ୟ ଏମିତି ଅଚଳାବସ୍ଥା ଉପୁଜିଥିଲା। ସେତେବେଳେ ୩୪ଦିନ ପାଇଁ ଆମେରିକାରେ ଶଟ୍‌ଡାଉନ ସ୍ଥିତି ଉପୁଜିଥିଲା। ପୂର୍ବରୁ ୨୦୧୩ରେ ୧୬ଦିନ ଓ ୧୯୯୫ରେ ବିଲ୍ କ୍ଲିଣ୍ଟନ୍‌ଙ୍କ ରାଷ୍ଟ୍ରପତିତ୍ୱ ସମୟ ମଧ୍ୟରେ ୨୧ଦିନ ପାଇଁ ଆମେରିକାରେ ଶର୍ଟଡାଉନ ଦେଖିବାକୁ ମିଳିଥିଲା। ତେବେ ବର୍ତ୍ତମାନ ଆମେରିକାରେ ସ୍ଥିତି ସ୍ୱାଭାବିକ ହୋଇଛି। ଦୁଇ ସପ୍ତାହ ଧରି ଆଲୋଚନା ପର୍ଯ୍ୟାଲୋଚନା ପରେ ଆମେରିକାରେ ଶଟ୍‌ଡାଉନରେ ବିରାମ ଲାଗିଛି। ଡେମୋକ୍ରାଟ୍ ସାଂସଦଙ୍କ ଏକ ଗୋଷ୍ଠୀ ରିପବ୍ଲିକାନ୍‌ଙ୍କ ସହ କିଛି ମାତ୍ରାରେ ସହମତ ପରେ ସ୍ଥିତି ସୁଧୁରିଥିଲା। ୨୦୨୬ ଆର୍ଥିକବର୍ଷ ପାଇଁ ବଜେଟ ପାସ୍ ଜରୁରୀ ଭାବି ଡେମୋକ୍ରାଟ୍‌ମାନେ ଶେଷରେ ଫେଡେରାଲ ସରକାରଙ୍କୁ ସମର୍ଥନ କରିଥିଲେ। ବର୍ତ୍ତମାନ ଫେଡେରାଲ ସରକାର ସିନେଟ୍‌ରେ କୌଣସି ବିଲ୍ ପାସ କରିବାକୁ ଅତିକମ୍‌ରେ ୬୦ଟି ଭୋଟ ଆବଶ୍ୟକ କରୁଛି। ରିପବ୍ଲିକାନ୍‌ଙ୍କ ହାତରେ ରହିଛି ୫୩, ଆଉ ଡେମୋକ୍ରାଟ୍‌ଙ୍କ ହାତରେ ୪୭ଖଣ୍ଡ ଭୋଟ। ତେଣୁ ପ୍ରତି ବିଲ୍ ପାସ ପାଇଁ ଡେମୋକ୍ରାଟ୍‌ଙ୍କ ୮ଖଣ୍ଡ ଭୋଟ ଜରୁରୀ। ବର୍ତ୍ତମାନ ପାଇଁ ବ୍ୟୟ ମଞ୍ଜୁରୀ ବିଲ୍ ରିପବ୍ଲିକାନ୍ ଦଳ ସହ ୮ ଡେମୋକ୍ରାଟ୍‌ଙ୍କ ସମର୍ଥନ ପାଇବା ପରେ ୪୨ ଦିନର ଅଚଳାବସ୍ଥା ଦୂର ହୋଇଛି ସତ, କିନ୍ତୁ ଆଗକୁ ମଧ୍ୟ ଏଭଳି ଅଚଳାବସ୍ଥା ଆସିପାରେ।

ଆମେରିକାରେ ଏଭଳି ଶଟ୍‌ଡାଉନ ସ୍ଥିତି ବେଶ ପୁରୁଣା, କିନ୍ତୁ ଏତେଦିନ କେବେ ହୋଇନଥିଲା। ଅଚଳାବସ୍ଥା ଭିତରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିନ୍ତୁ ଏହାର ସ୍ଥାୟୀ ସମାଧାନ କଥା ନ ଉଠାଇ ବିଶ୍ୱରେ ଆମେରିକା ଲାଗୁ କରିଥିବା ଉଚ୍ଚ ଟାରିଫ୍ ଅନେକ କୋଟି ଡଲାର ରାଜସ୍ୱ ସୃଷ୍ଟି କରିବ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ଧନୀ ଆମେରିକୀୟଙ୍କୁ ଛାଡ଼ି ନିମ୍ନ ଓ ମଧ୍ୟମ ବର୍ଗ ଆମେରିକୀୟଙ୍କୁ ସର୍ବାଧିକ ୨ ହଜାର ଡଲାରର ଲାଭାଂଶ ଦେବେ ବୋଲି କହିଥିଲେ ଟ୍ରମ୍ପ। ଆମେରିକା ଟାରିଫ୍‌କୁ ସମାଲୋଚନା କରୁଥିବା ବ୍ୟକ୍ତିଙ୍କୁ ଟ୍ରମ୍ପ ମୂର୍ଖ ବୋଲି କହିଥିଲେ। ତେବେ ବିଶ୍ୱର ସର୍ବଶକ୍ତିମାନ୍ ଆମେରିକାରେ କେବଳ ଚଳିତବର୍ଷ ବ୍ୟୟ ମଞ୍ଜୁରୀ ବିଲ୍‌କୁ ନେଇ ଗୋଟିଏ ମାତ୍ର ଅଚଳାବସ୍ଥା ନୁହେଁ, ଦିନକୁ ଦିନ ବିଶ୍ୱ ମାନଚିତ୍ରରେ ଆମେରିକାର ନୀତି ନୈତିକତାକୁ ସମାଲୋଚନା କରାଯାଉଛି। ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକାରେ ସାଧାରଣ ନାଗରିକ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଟ୍ରମ୍ପ ଓ ରିପବ୍ଲିକାନ୍‌ଙ୍କ ବିରୋଧରେ ପ୍ରତିଫଳନ ହେଉଛି ନଭେମ୍ବର ୪ରେ ନ୍ୟୁୟର୍କ ମେୟର ନିର୍ବାଚନରେ ଡେମୋକ୍ରାଟ୍ ପ୍ରାର୍ଥୀ ଜୋହରାନ ମାମଦାନି ରିପବ୍ଲିକାନ୍ କୁର୍ତ୍ତିସ ସ୍ଲିୱାଙ୍କୁ ପରାସ୍ତ କରି ଟ୍ରମ୍ପ ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ବିଶ୍ୱରେ ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ ବିଫଳ ହୋଇଛନ୍ତି। ଆମେରିକାର ଟ୍ରମ୍ପ ପ୍ରଶାସନ ତା'ର କଠୋର ଟାରିଫ୍ ନୀତି ପାଇଁ ନିନ୍ଦିତ ହେଉଥିବା ବେଳେ ବିଶ୍ୱରେ ଆମେରିକା ଦ୍ରବ୍ୟର ଗ୍ରହଣୀୟତା ମଧ୍ୟ କମିଛି। ଏହାସହ ଆମେରିକା ଡଲାରର ବିକଳ୍ପ ସୃଷ୍ଟି ପାଇଁ ବିଶ୍ୱ ଏକଜୁଟ ହେବା ଆମେରିକାକୁ ଚିନ୍ତାରେ ପକାଇଛି।

**ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ**
**ମୋ: ୯୭୭୮୬୯୭୦୩୬**

## ଏଇ ଭାରତରେ

ଆଧୁନିକ ପ୍ରଣାଳୀ ଚାଷରେ ମାଟି ପରୀକ୍ଷାର ଗୁରୁତ୍ୱ ରହିଛି କାରଣ କେଉଁ ମାଟିରେ କି ଫସଲ କଲେ ଉତ୍ପାଦନ ଅଧିକ ହେବ, ତାହା ଏଥିରୁ ଜଣାପଡ଼ିଥାଏ। କିନ୍ତୁ ଏଥିପାଇଁ ଭାରତରେ ବ୍ୟାପକ ସୁଯୋଗ ନ ଥିବାରୁ କୃଷକମାନେ ତାହା କରିପାରୁନାହାନ୍ତି। ତେବେ ଏଭଳି ସମସ୍ୟା ଦୂର କରିଛନ୍ତି ଆଇଆଇଟି, ବମ୍ବେର ବୈଜ୍ଞାନିକ ଡ. ରଜୁଲ ପାଟକର। ଡ. ପାଟକର ହେଉଛନ୍ତି ପ୍ରକ୍ସିମାଲ ସଏଲସେନ୍ସ ଟେକ୍‌ନୋଲୋଜିର ସହ ପ୍ରତିଷ୍ଠାତା ଓ ସିଇଓ। ସେ ବିଶ୍ୱର ସବୁଠୁ ଛୋଟ 'ନ୍ୟୁଟ୍ରିସେନ୍ସ' ନାମକ ମାଟି ପରୀକ୍ଷା ଉପକରଣ ବିକାଶ କରିଛନ୍ତି। ଏଥିରେ ସହଜରେ, କମ୍ ସମୟରେ ଏବଂ ଶସ୍ତାରେ ମାଟି ପରୀକ୍ଷା କରାଯାଇପାରୁଛି। ନ୍ୟୁଟ୍ରିସେନ୍ସରେ ଥିବା କାଗଜ ଆଧାରିତ ସେନ୍‌ସରରେ ମାଟିର ୬ଟି ଗୁରୁତ୍ୱପୂର୍ଣ୍ଣ ମାନକ ପରୀକ୍ଷା କରାଯାଉଛି। ନ୍ୟୁଟ୍ରିସେନ୍ସ ୧ ଗ୍ରାମ ମାଟିକୁ ୫ ମିନିଟରୁ କମ୍ ସମୟ ମଧ୍ୟରେ ପରୀକ୍ଷା କରିଦେଇପାରୁଛି। ଫଳରେ କମ୍ ରାସାୟନିକ ସାରରେ ଅଧିକ ଉତ୍ପାଦନ ସମ୍ଭବ ହେଉଛି। ଏବେସୁଦ୍ଧା ଆସାମ, ପଞ୍ଜାବ, ତେଲଙ୍ଗାନା, ଗୁଜରାଟ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟର ୧୦,୦୦୦ରୁ ୧୫,୦୦୦ କୃଷକ ଉପକୃତ ହୋଇସାରିଲେଣି। ଡ. ପାଟକର ନ୍ୟୁଟ୍ରିସେନ୍ସକୁ ସବୁ ରାଜ୍ୟର କୃଷକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୦ ଡିସେମ୍ବର ୧୯୭୬**

- ସୁପରିଚିତ ହିନ୍ଦୀ ଲେଖକ ସ୍ୱର୍ଗତ ମୁନ୍‌ସି ପ୍ରେମଚନ୍ଦ୍ରଙ୍କର ବିଧବା ପତ୍ନୀ ଶିବରାଣୀ ଦେବୀଙ୍କ ପରଲୋକ।
- ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଦେଶର ୭୭ ଜଣ ହରିଜନ ଓ ଆଦିବାସୀ ପ୍ରାର୍ଥୀଙ୍କୁ ଜୁନିୟର ଗବେଷଣା ଛାତ୍ରବୃତ୍ତି ଦେବା ଲାଗି ମନୋନୀତ କରିଛନ୍ତି।

## ଚିରନ୍ତନୀ

ବିରହ ମିଳନ ଶୁଭଇ ଛଳନା ସମ
ତଥାପି ତୋ ରୂପେ ଲୋଲୁପ ପରାଣ ମମ
ତଥାପି ରସନା ଡାକିବାକୁ ଖୋଜେ ତୋତେ
''ଜୀବନ ଦୋସର ପରାଣର ପ୍ରିୟତମ।''
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅପ୍ରୀତିକର ପରିସ୍ଥିତି ନ ଘଟୁ

ମହାଶୟ,

ନିକଟରେ କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି-୨୦ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳରେ ସାମିଲ ଓଡ଼ିଶାର ୪ ଖେଳାଳି ଫୁଲ, ପାର୍ବତୀ, ଯମୁନା ଓ ବାସନ୍ତୀଙ୍କୁ ପ୍ରଥମେ ରାହୁଲ ଗାନ୍ଧୀ ତା'ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶେଷରେ ମୋହନ ଚରଣ ମାଝୀ ଭେଟିଛନ୍ତି। ଭାରତ ବର୍ଷରେ କ୍ରିକେଟର ଚମକ ଅନ୍ୟ ଖେଳଠୁ ବହୁତ ଆଗରେ। ବିଗତ ଏସିଆ କପ୍‌ରେ ଭାରତ ଚାମ୍ପିୟନ ହୋଇଥିବା ବେଳେ ଭାରତ ପାକିସ୍ତାନ ୩ ଥର ପରସ୍ପରକୁ ଭେଟିଥିଲେ। ଆଇସିସି କ୍ରିକେଟକୁ ଅଧିକ ରୋଚକ କରିବା ଉଦ୍ଦେଶ୍ୟରେ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖିଛି। ଏସିଆ କପ୍ ଟ୍ରଫି ପ୍ରଦାନ ସମୟରେ ଘଟିଥିବା ଅପ୍ରୀତିକର ପରିସ୍ଥିତି ଆଗକୁ ଯେଭଳି ନ ଘଟେ ଆଇସିସି ସୁନିଶ୍ଚିତ କରିବା ଦରକାର। ଭାରତ ହକିଦଳର ମହିଳା ଓ ପୁରୁଷ ଖେଳାଳି ଇଂଲିଶରେ ଓଡ଼ିଶା ଲେଖାଥିବା ଜର୍ସି ପିନ୍ଧୁଛନ୍ତି। ଓଡ଼ିଶା ଟୁରିଜମ୍ ଲେଖାଗଲେ ଭଲ ହୁଅନ୍ତା।

**-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

## ସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ବାର୍ଷିକ ଉତ୍ସବ

ବାରିପଦା,୯ା୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଶହୀଦସ୍ମୃତି ଭବନରେ ସାଇ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଜ୍ୟୋତି ଶଙ୍କର ମିଶ୍ରଙ୍କର ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ମୁଖ୍ୟ ବକ୍ତାଭାବେ ଜେଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଉତ୍ତର ଓଡ଼ିଶା) ର ଡେପୁଟି ସେକ୍ରେଟାରୀ ରାଜେଶ କୁମାର ପ୍ରଧାନ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସାଇ ବିଦ୍ୟା ନିକେତନର ପ୍ରଧାନ ଶିକ୍ଷକ ଭାରତୀ ଭୂଷଣ ନାୟକ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷାଲାଭ ସହିତ ଦେଶ ପ୍ରତି ସେମାନଙ୍କର କର୍ତ୍ତବ୍ୟ ବିଷୟରେ ଦିଗ୍‌ଦର୍ଶନ ଦେଇଥିବାବେଳେ ସାଇ କଲେଜର ଅଧ୍ୟକ୍ଷ ଅମିୟ ମୋହନ ରଞ୍ଜନ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଇ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ ଉତ୍ତର ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ସାଇ ଗ୍ରୁପର ଅବଦାନ ଓ ଅକଳ୍ପନୀୟ ସଫଳତା ପାଇଁ ସମସ୍ତ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କୁ ଧନ୍ୟବାଦ ଜଣେଇବା ସହିତ ସର୍ବଜ୍ଞ ଲାଭ ନିମନ୍ତେ ଆଗାମୀ ଦିନରେ ମେଧାବୀ ବିଦ୍ୟାର୍ଥୀମାନଙ୍କୁ ନିରନ୍ତର ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରୀଛାତ୍ର ଭାବରେ ସାଇ ଡିଗ୍ରୀ କଲେଜ ତୃତୀୟ ବର୍ଷ ଉଭିଦ ବିଜ୍ଞାନ ଛାତ୍ରୀ ସୁନନ୍ଦା ବାରିକ, ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ରଶ୍ମିରେଖା ଦାଶ ଏବଂ ସାଇ ବିଦ୍ୟା ନିକେତନର ନବମ ଶ୍ରେଣୀ ଛାତ୍ର ଦୀପକ କୁମାର ମହନ୍ତ ପୁରସ୍କୃତ ହୋଇଥିଲେ। ବର୍ଷର ଶ୍ରେଷ୍ଠ କର୍ମଚାରୀ ଭାବରେ ଜଗନ୍ନାଥ ମହାକୁଡ଼ ଏବଂ ଶ୍ରେଷ୍ଠ ଅଧ୍ୟାପକ ଭାବରେ ରସାୟନ ବିଜ୍ଞାନ ବିଭାଗର ସତ୍ୟଜିତ ପଣ୍ଡା ପୁରସ୍କୃତ ହୋଇଥିଲେ। ଇଂଲିଶ ବିଭାଗର ଅଧ୍ୟାପକ ତାପସ ନନ୍ଦଲାଲ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରସିଦ୍ଧ କଣ୍ଠ ଶିଳ୍ପୀ ବିଶ୍ୱଜିତ ଥାଟୋଇ ଓ ଜସ୍ମିନ ଗିରି ସଂଗୀତ ପରିବେଷଣ କରିଥିଲେ।




ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

# ୨୫ ଅଗ୍ରଣୀ ଚାଷୀ ସମ୍ବର୍ଦ୍ଧିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ବନଭୂମି କୃଷକ ଉତ୍ପାଦକ ସଂଗଠନର ବାର୍ଷିକୋତ୍ସବ

ବାରିପଦା, ୯ା୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରରେ ବନଭୂମି କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକ ଗରିହ୍ମିଷ୍ଟ ତ୍ରିପାଠୀଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର କୁମାର ନାୟକ, ମୁଖ୍ୟବକ୍ତା ଭାବେ ଉତ୍କଳ ବିପନ ସହାୟତା ସମିତିର ସଭାପତି ଅଭୟ କୁମାର ସାମନ୍ତରାୟ, ଅର୍ଗାନିକ ଧାନ ଗବେଷଣା କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ଗିରିଜା ପ୍ରସାଦ ସ୍ୱାଇଁ, କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ର ବରିଷ୍ଠ ବୈଜ୍ଞାନିକ ତଥା ବିଶେଷଜ୍ଞ ସଂଘମିତ୍ରା ପଟ୍ଟନାୟକ, ଶାମାଖୁଣ୍ଟା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁନା ସେଠୀ, ଉତ୍କଳ ବିପନ ସହାୟତା ସମିତି ଭୁବନେଶ୍ୱରରୁ ଆସିଥିବା ନାରାୟଣ ଚୌଧୁରୀ, ସନ୍ତୋଷ କୁମାର ପଣ୍ଡା, ବନଭୂମି କୃଷକ ଉତ୍ପାଦକ ସଂଗଠନର ସମସ୍ତ ନିର୍ଦ୍ଦେଶକ ଓ ସଦସ୍ୟ ସଦସ୍ୟା ଏବଂ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ୨୭୦ ଜଣ ମହିଳା ଓ ୪୧ ଜଣ ପୁରୁଷ ଚାଷୀଙ୍କ ଉପସ୍ଥିତିରେ ବନଭୂମି କୃଷକ ସଂଗଠନର ଉପାଦେୟ ଶସ୍ୟର ଶୁଭାରମ୍ଭ ଓ ମୟୂରଭଞ୍ଜ ଜିଲ୍ଲାର ଚାରୋଟି ବ୍ଲକ ଯଥା ଶାମାଖୁଣ୍ଟା, ଶୁଳିଆପଦା, ସାରସକଣା ଓ କୁଳିଆଣା ବ୍ଲକର ୨୫ଜଣ ଅଗ୍ରଣୀ ଚାଷୀ ଭଉଣୀ ଭାଇମାନଙ୍କୁ ସମ୍ମାନିତ କରାଯାଇଥିଲା।

# ଗୁହାଳରୁ ଗୋରୁ ନେଇଗଲା ବାଘ

## କପ୍ତିପଦାରେ ଆତଙ୍କ

ଉଦଳା,୯ା୧୨(ସନ୍ତୋଷ କୁମାର ବାକ୍ସିନୀ)

ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବନାଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି। ଜଣଙ୍କ ଗୁହାଳରେ ବନ୍ଧା ହୋଇଥିବା ଏକ ଗୋରୁକୁ ବାଘ ଘୋଷାରି ନେଇଯିବା ପରେ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ଖବରପାଇ କପ୍ତିପଦା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁଯାୟୀ, କପ୍ତିପଦା ବନାଞ୍ଚଳର ଜେଏସ୍ କାମୁଡ଼ିହା ଡୁଡ଼ିସାହି ହି ବ୍ଲକ-୧୧ର ବିମଳ ମୁଣ୍ଡାଙ୍କ ଗୁହାଳରେ ଗୋରୁ ବନ୍ଧା ଯାଇଥିଲେ। ସୋମବାର ରାତି ପ୍ରାୟ ୩ଟା ସମୟରେ ହଠାତ୍ ଗୋରୁଗୁଡ଼ିକ ବୋବାଇଥିଲେ। ପରିବାର ଲୋକେ ଗୋରୁ ବୋବାଳି ଶୁଣି ବାହାରକୁ ଆସି ଦେଖିଲା ବେଳକୁ ଏକ ବାଘ ଗୁହାଳରୁ ଗୋଟିଏ ଗୋରୁକୁ କାମୁଡ଼ି ଘୋଷାରି ନେଇ ଯାଉଥିଲା। ପରିବାର ଲୋକେ ପାଟିକରିବା ସହିତ ତର୍କମାରିବାରୁ ବାଘଟି ଗୋରୁକୁ ଛାଡ଼ି ପଳାଇ ଯାଇଥିଲା। ବାଘ ଆକ୍ରମଣରେ ଗୋରୁର ମୃତ୍ୟୁ ହୋଇଥିବା ବେଳେ ଗାଁର ବିଭିନ୍ନ ସ୍ଥାନରେ ବାଘ ପାଦ ଚିହ୍ନ ପଡ଼ିଥିବା ଦେଖିବାକୁ ମିଳିଛି। ବାଘ ଉପରେ ନଜର ରଖା ଯାଉଛି ଏବଂ ଗ୍ରାମବାସୀଙ୍କୁ ସତର୍କ ରହିବା ପାଇଁ ସଚେତନ କରାଯାଉଛି ବୋଲି କପ୍ତିପଦା ରେଞ୍ଜର ଅଧ୍ୟାନନ୍ଦ ଦାସ କହିଛନ୍ତି।



ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ।

# ଗଡ଼ିଆ କଲେଜର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ମୋରଡ଼ା,୯ା୧୨(ସ୍ୱାରକ ମାଝୀ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅଧୀନ ଗଡ଼ିଆସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷା ଡ. ସ୍ମିତା ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ.ପ୍ରମୋଦ କୁମାର ଶତପଥୀ, ମୁଖ୍ୟ ବକ୍ତା ପୂର୍ବତନ ଏମ୍‌ପିସି କଲେଜ ଅଧ୍ୟକ୍ଷା ଡ.ବନଲା ମହାନ୍ତି, ସମ୍ମାନିତ ଅତିଥି ଅଧ୍ୟାପକ ଡ.ଜଗନାଥ ସାହୁ, ଅଧ୍ୟାପିକା ସୁଶ୍ରୀ ପୁଷ୍ପାଞ୍ଜଳି ପିରିଆ ଯୋଗ ଦେଇଥିଲେ। କଲେଜ ଅର୍ଥନୀତି ବିଭାଗ ଅଧ୍ୟାପକ କାଳୀ କୁମାର ବେହେରାଙ୍କ ସଭା ପରିଚାଳନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ହେଉଛି ଶକ୍ତିଶାଳୀ ଅସ୍ତ୍ର ଯାହାକି ଦେଶକୁ ପରିବର୍ତ୍ତନ କରିପାରେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କ୍ରୀଡ଼ା,ଶିକ୍ଷା,ସମର ଶିକ୍ଷାର୍ଥୀ ବାହିନୀ ଓ ରେଡକ୍ରସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ କଲେଜ ପ୍ରାଧ୍ୟାପକ ରାଜେନ୍ଦ୍ର ସାମଲ, ସନ୍ଦୀପ କୁମାର ଦାଦ, ଗିରିଶ ଚନ୍ଦ୍ର ଦାସ, ଦିବାକର ଧୀର, ବସନ୍ତ ମହାନ୍ତି, ପ୍ରତାପ କେଶରୀଷଡ଼ଙ୍ଗୀ, ରାଜନ କୁମାର ମହାନ୍ତି, ନୀଳକଣ୍ଠପାତ୍ର ଓ ମେଘମାଳା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସିଡବ୍ଲ୍ୟୁସିରେ ହାଜର କରାଇଲା ପୋଲିସ

## ଦଶମଶ୍ରେଣୀ ଛାତ୍ରୀ ୭ ମାସର ଅନ୍ତଃସତ୍ତ୍ୱା ହେବା ଘଟଣା

ବାରିପଦା, ୯ା୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ବାରିପଦା ଉପକଣ୍ଠ ଅଞ୍ଚଳରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଉକ୍ତ ଛାତ୍ରୀକୁ ସିଡବ୍ଲ୍ୟୁସି ନିକଟରେ ହାଜର କରିଥିବାବେଳେ ୧୬୪ରେ ତାଙ୍କର ବୟାନ ରେକର୍ଡ କରାଇଛି। ଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟି କୋଣରୁ ସିଡବ୍ଲ୍ୟୁସି ତାଙ୍କୁ ସଖୀ ସଦନରେ ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଓସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କର ସୁରକ୍ଷା, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଯତ୍ନ ନିଆଯାଉଛି ଉକ୍ତ ଛାତ୍ରୀଙ୍କର ପ୍ରସବ ଆସନ୍ତା ଜାନୁଆରୀ ୧୨ ତାରିଖ ରହିଥିବାବେଳେ କିପରି ୧୦ ଶ୍ରେଣୀ ପରୀକ୍ଷା ଦେବେ ସେନେଇ ବ୍ୟବସ୍ଥା ଗ୍ରହଣ କରାଯାଉଛି। ତେବେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହେବାର ୪ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରି ନ ପାରିବା ପୋଲିସର ପାରିବା ପର୍ଣ୍ଣାକୁ ପଦାରେ ପକାଇଛି।

# ଏମ୍‌ପିସି କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

ବାରିପଦା,୯ା୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ କଲେଜ ଆଥଲେଟିକ ଆସୋସିଏସନ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କ୍ରୀଡ଼ା ପ୍ରତିଯୋଗିତାକୁ କଲେଜର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦ୍‌ଘାଟନ କରିଥିଲେ। ଶୃଙ୍ଖଳିତ ଓ ସୁସ୍ଥ ଜୀବନ ଗଠନରେ କ୍ରୀଡ଼ାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଫେସର ବେହେରା କହିଥିଲେ। ଏହି କ୍ରୀଡ଼ା ଉତ୍ସବରେ ଦୌଡ଼, କୁଦ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସ୍କସ୍ ଥ୍ରୋ, ଜାଭେଲିନ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। କଲେଜ ଆଥଲେଟିକ ଆସୋସିଏସନର ଉପସଭାପତି ଡ. ଦୀପକ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। କଲେଜର କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବୁଧବାର ଉଦ୍‌ଯାପନୀ ଉତ୍ସବ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ୧୦୯ ଅଭିଯୋଗର ହେଲା ଶୁଣାଣି

ରାଇରଙ୍ଗପୁର,୯ା୧୨ (ମାନସ ମହାନ୍ତି)

ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଗୁରୁ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ବରୁଣ ଗୁଣ୍ଡୁପାଲ୍ଲି, ବାମନଘାଟି ଉପ ଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ବଳ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳ ନନ୍ଦ ସାହୁ, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରବୀନ୍ଦ୍ର କୁମାର ମାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୧୦୯ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୯୪ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୫ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୂହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୫ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଆବେଦନର ଗୁରୁତ୍ୱକୁ ବିଚାର କରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ଓ ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ଜିଲାପାଳ ମଞ୍ଜୁର କରିଛନ୍ତି। ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନ ସମସ୍ତ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


## ଦେବୋତ୍ତର ବିଭାଗ, ଢେଙ୍କାନାଳ

ଢେଙ୍କାନାଳ ଦେବୋତ୍ତର ବିଭାଗ ତରଫରୁ ଓଡ଼ିଶାର ଅଗଣିତ ଭକ୍ତମାନଙ୍କୁ ସ୍ୱାଗତ କରାଯାଉଛି । ଢେଙ୍କାନାଳ ଓ କାମାକ୍ଷାନଗର ଉପଖଣ୍ଡ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର-ତଥା-ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଆସି ସେଠାକାର ଐତିହ୍ୟ ପରମ୍ପରା ସମ୍ବନ୍ଧରେ ଜାଣିବା ସହିତ ସଂପୃକ୍ତ ଠାକୁରଙ୍କର କୃପା ଲାଭ କରିବା ପାଇଁ ଦେବୋତ୍ତର ବିଭାଗ ତରଫରୁ ଅନୁରୋଧ । ଢେଙ୍କାନାଳ ଜିଲ୍ଲାର ପ୍ରମୁଖ ମନ୍ଦିରଗୁଡ଼ିକ ମଧ୍ୟରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ବିଜେ କପିଳାସ, ଶ୍ରୀ ଶ୍ରୀ ବଳଦେବ ଜୀଉ ବିଜେ ଢେଙ୍କାନାଳ ଟାଉନ୍, ଶ୍ରୀ ଶ୍ରୀ ରାମଚନ୍ଦ୍ର ଜୀଉ ବିଜେ ସପ୍ତଶଯ୍ୟା, ଶ୍ରୀ ଶ୍ରୀ ରାମଚଣ୍ଡୀ ଠାକୁରାଣୀ ବିଜେ ନାଧରା, ଶ୍ରୀ ଶ୍ରୀ ପଞ୍ଚୁମେଶ୍ୱର ମହାଦେବ ବିଜେ ଗଙ୍ଗାଧରପ୍ରସାଦ, ଶ୍ରୀ ଶ୍ରୀ କୁଞ୍ଜେଶ୍ୱର ମହାଦେବ ବିଜେ ଭୁବନ, ଶ୍ରୀ ଶ୍ରୀ ରଘୁନାଥ ଜୀଉ ବିଜେ ବାଲିବୋ, ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବ ବିଜେ ହାଟୁଆରୀ, ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ବିଜେ ଡେଙ୍ଗୁଲିସିଂହା, ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ବିଜେ ଶିବୁଳାପଶି ଓ ଶ୍ରୀ ଶ୍ରୀ ଅଷ୍ଟଶମ୍ଭୁ ମହାଦେବ ବିଜେ କୁଆଁଳୋ ପ୍ରସିଦ୍ଧ ଦେବପୀଠ ଅଟେ । ପ୍ରତ୍ୟେକ ସ୍ଥାନର ମହତ୍ତ୍ୱ ସ୍ୱତନ୍ତ୍ର ଏବଂ ଏହି ସ୍ୱତନ୍ତ୍ରତା ସମ୍ବନ୍ଧରେ ଜାଣିବା ପାଇଁ ପ୍ରତ୍ୟେକ ପୀଠକୁ ପରିଦର୍ଶନ କରିବା ଅତ୍ୟନ୍ତ ଆବଶ୍ୟକ ।

କୌଣସି ପୀଠ ସମ୍ବନ୍ଧରେ ନିଜର ମତାମତ ଲିଖିତ ଆକାରରେ ପ୍ରଦାନ କଲେ ସଂପୃକ୍ତ ପୀଠର ମର୍ଯ୍ୟାଦା ବୃଦ୍ଧି ପାଇଁ ଦେବୋତ୍ତର ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

ଯୋଗାଯୋଗ ନଂ.୯୩୩୭୪୭୨୫୬, ୬୩୭୧୬୨୫୮୦୩ ।

ସ୍ୱା./- ବିବୁଧ ଗଡ଼ନାୟକ
ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ



## NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

### QUOTATION CALL NOTICE

Sealed quotations in prescribed format are invited from eligible bidders for "Supply, Installation, Testing, and Commissioning of Gym Equipment at NLUO Cuttack" and "Repair of Existing Gym Equipment at NLUO Cuttack". Last date & time of receipt is 23-12-2025 at 11.00 A.M. For details please visit-For details please visit website-https://nluo.ac.in/tenders/.

Sd/- Registrar



## SHREE JAGANNATH TEMPLE OFFICE, PURI

RFP No.17446 dt.08.12.25 RFP for "Providing Air conditioning facilities with Design, Fabrication, Supply, Installation, Testing and Commissioning of a VRF Type AC System along with 6 years O&M and 5 years Comprehensive Maintenance for Natamandap of SJTA, Puri."

Visit Website : www.shreejagannatha.in

Last date : 23.12.2025 by 5 P.M.

Sd./- Administrator
Shri Jagannath Temple, Puri



## कार्यपालक अभियन्ता का कार्यालय
## लघु सिंचाई प्रमण्डल, चाईबासा

पत्रांक:-........................चाईबासा / दिनांक:-........./ ....../2025

**CORRIGENDUM**

ई० निविदा आमंत्रण सूचना संख्या– WRD/MID/CHAIBASA/F2-06/2025-26 जिसका PR-No- 366214 (West Singhbhum) 25-26*D है। जिसमें SPECIAL CONDIT ION के कंडिका 25 को विलोपित किया जाता है।

ह०/–
कार्यपालक अभियन्ता
लघु सिंचाई प्रमण्डल, चाईबासा

PR 368063 West Singhbhum(25-26).D



## ପୂର୍ବ ତଟ ରେଳପଥ
### 'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/ E-procurement Tender Notice/14, ତା.05.12.2025

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ୍ : www.ireps.gov.in ରେ ଅପ୍‌ଲୋଡ଼ କରାଯାଇଛି।

କ୍ରମ ସଂ. 01 : ଟେଣ୍ଡର ସଂ. 81256552, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : CCTV କ୍ୟାମେରା ର ଯୋଗାଣ ଓ ସ୍ଥାପନ, ପରିମାଣ : 261 ସଂଖ୍ୟକ।

କ୍ରମ ସଂ. 02 : ଟେଣ୍ଡର ସଂ. 81256563, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ... ପରିମାଣ : 80 ସଂଖ୍ୟା।

କ୍ରମ ସଂ. 03 : ଟେଣ୍ଡର ସଂ. 81256543A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : RDSO ବିନିର୍ଦ୍ଦେଶ ସଂ.-TM-58 ... ପରିମାଣ : 72 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 29.12.2025, 1500 ଘଣ୍ଟାରେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-886/Q/25-26

See Career Appointment on every Wednesday & Saturday



## GOVERNMENT OF CHHATTISGARH, WATER RESOURCES DEPARTMENT
## OFFICE OF THE CHIEF ENGINEER, GODAWARI BASIN, JAGDALPUR, (CHHATTISGARH)
### e-PROCUREMENT TENDER NOTICE
eProcurement Portal:https://eproc.cgstate.gov.in
(Second Call)

System Tender No.181201/NIT No:16/SAC/25-26 Dated:08.12.2025

Online Tenders are invited for the following work upto 26.12.2025 at 17.30 hours

Name of Work- Renovation of Headwork, Canal and Cement Concrete lining of Korkotti Tank in Block Keshkal, District Kondagaon.

Probable Amount of Contract :- Rs.294.59 Lakhs

(As per S.O.R. dated 01.08.2010 and amended upto dated 22.08.2022).

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 15.12.2025, at 17.31 Hours (IST) onwards.

NOTE:- All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. Prequalification Certificates issued by Water Resources Department whose validity is upto 30.09.2026 is applicable in this tender.

Sd./- Executive Engineer
Water Resources Division, Kondagaon
For, Chief Engineer, Godawari Basin, Jagdalpur (C.G.)

G-252605322/5



## STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India

### CSR DEPARTMENT

SUB: FINANCIAL ASSISTANCE TO STUDENTS FOR PURSUING PROFESSIONAL STUDIES (AY 2025-26 JOINING)

ABRIDGED VERSION OF CIRCULAR NO. CSR/2025-26/200 Dtd. 09.10.2025

LAST DATE FOR SUBMISSION OF APPLICATION EXTENDED UP TO- 31/12/2025

Applications in the prescribed format are invited for grant of the above financial assistance from the eligible students as per details given below.

**Eligibility criteria for application:**

- The student should belong to Scheduled Caste or Scheduled Tribe/others, and should be a resident of Sundargarh district, Odisha.
- The applicant should have taken admission in academic year 2025-26: **Graduation course in Engineering, Medical or Agriculture (including integrated/dual degree M.Tech. course) OR Post Graduation course of at least two years duration in Engineering/ Medical/ Agriculture/ Business Administration.**
- Details of professional course, in the academic year 2025-26 in a recognized institution should be as follows,–
  i. For Graduation Courses of at least four years duration (B.Tech./B.Sc(Engg.)/B.Sc(Ag) etc.).
  ii. For Graduation Courses of less than 4-years duration (e.g. Lateral entry in B.Tech./B.Sc(Engg.) after Diploma in Engg.).
  iii. For Graduation courses of more than 4-years duration (e.g. 5 yrs MBBS, 5-yr integrated/dual degree M.Tech.). OR
  iv. For Post Graduate course of at least two years duration (e.g. M.Tech./MD/MS M.Sc.(Ag)/MBA etc.)
- The student, whose parents (taken together) are having annual income from all sources **not exceeding Rs.2,50,000/- (Rupees Two Lakhs Fifty Thousand)**, shall be eligible for the financial assistance.

**Basis of Selection:** The best twenty students (10 boys and 10 girls) separately for the graduation courses including 5-yr MBBS/5-yr integrated/dual degree M.Tech.) and best 10 students (5 boys and 5 girls) for Post-graduation courses will be selected from amongst the eligible applicants. In case there is a shortfall in number of selected candidates in either of the categories i.e Boys or Girls for which merit lists are prepared separately, then the applicants from the merit list of the other category may be additionally selected for the scholarship keeping the total number of scholarships as 20 in case of Graduation courses and 10 in case of Post-Graduation courses.

**Financial assistance amount:** The amount of financial amount is Rs.1,20,000/- (Rupees One Lakh Twenty Thousand Only) for the graduation courses of 4-year duration, Rs.90,000/- (Rupees Ninety Thousand only) for the graduation courses of less than 4 years (e.g. lateral entry in B.Tech./B.Sc (Engg.) after Diploma in Engg.), Rs.1,50,000/- (Rupees One Lakh Fifty Thousand Only) for courses of 5-yr duration and Rs.60,000/- (Rupees Sixty Thousand Only) for the post-graduation courses, per student for entire duration of the course. The amount will be released in equal yearly installments @ Rs.30,000/- (Rupees Thirty Thousand Only) per Academic Year based on documentary evidence of admission and continuation in the course.

For further details on the basis of selection, financial assistance amount and mode of payment, application format etc., the main circular as referred above may be referred to. The details along with application format are available in the 'News' section of "Career" page at our company's website **www.sail.co.in** or **www.sailcareers.co.in**. The duly completed application along with required documents are to be submitted in a sealed envelope at the office of the **General Manager I/c, CSR Department, IPD Building, Sector-20, Rourkela - 769005** is here by extended up to **31/12/2025**

**General Manager I/c (CSR)**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life



## Bank of Baroda
## କ୍ଷେତ୍ରୀୟ ଉପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା
ପ୍ଲଟ ନଂ.: ୮୩୧/୮୩୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର-୦୩

## ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

[illegible]

| ଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| [illegible] | [illegible] | [illegible] | [illegible] |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୧୨.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

# କାନ୍ତକବିଙ୍କ ଜୟନ୍ତୀ ପାଳିତ

ଚାନ୍ଦବାଲି,୯।୧୨(ଅଶୋକ ପଣ୍ଡା)

ଚାନ୍ଦବାଲି ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମୀ ତଥା ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଚାନ୍ଦବାଲିଠାରେ ପରିଷଦର ସଭାପତି ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରଫେସର ବୈକୁଣ୍ଠ ନାଥ ପରିଡ଼ା, ମୁଖ୍ୟବକ୍ତା ଡ. କୁମାର ଗୋପାଳ, ଅନ୍ୟତମ ଅତିଥି ଭାବେ ସୁଧା ସାହିତ୍ୟ ପତ୍ରିକାର ସମ୍ପାଦକ ହରେକୃଷ୍ଣ ବାରିକ୍ ପ୍ରମୁଖ ଯୋଗଦେଇ କାନ୍ତକବିଙ୍କ ସାହିତ୍ୟ କୃତି ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଗୀତିକାର ଲଲାଟେନ୍ଦୁ ରାୟ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରିଥିଲେ। ପରିଷଦର ସମ୍ପାଦକ ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତ କାନ୍ତକବିଙ୍କ ଅମ୍ଳାନ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଶିକ୍ଷକ ନେତା ପ୍ରକାଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ମଧୁର ସଙ୍ଗୀତର ମୂର୍ଚ୍ଛନା କାନ୍ତକବି’

## କାନ୍ତକବିଙ୍କ ଜୟନ୍ତୀ ସମାରୋହ

ତିହିଡ଼ି, ୯।୧୨(ସଞ୍ଜିତ ବଳ)

ସାହିତ୍ୟ, ସଂସ୍କୃତିର ବିକାଶରୁ ଗୋଟିଏ ଜାତିର ପରିଚୟ ମିଳିଥାଏ। ମଧୁର ସଙ୍ଗୀତର ମୂର୍ଚ୍ଛନା କାନ୍ତକବି ବୋଲି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ତମ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଜିଲାପାଳ ଦିଲୀପ ରାଉତରାଏ ମତବ୍ୟକ୍ତ କରିଛନ୍ତି। କାନ୍ତକବିଙ୍କ ଜନ୍ମପୀଠ ତିହିଡ଼ି ବ୍ଲକ୍ ଅଧୀନ ତାଳପଦା ଗ୍ରାମରେ ମଙ୍ଗଳବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏବଂ କାନ୍ତକବି ସ୍ମୃତି ପରିଷଦ ଓ ତିହିଡ଼ି ବିପ୍ଳବ ସାମ୍ଭଖ୍ୟ ସହଯୋଗରେ ଅନୁଷ୍ଠିତ ଏହି ସମାରୋହରେ ବରିଷ୍ଠ କଥାକାର ପବିତ୍ର ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ବରେଣ୍ୟ ଅତିଥି ଭାବେ ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗଦେଇ କବିଙ୍କ ହୃଦୟରେ ଶୁଦ୍ଧପୂତ ଭାବଟିଏ ରହିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅଭୟ ଦାସ, ବିପ୍ଳବ ସାମ୍ଭଖ୍ୟର ସମ୍ପାଦକ ରଘୁନାଥ ପାତ୍ର, କାନ୍ତକବି ସ୍ମୃତି ପରିଷଦର ସଭାପତି ଚିନ୍ତାମଣି ଦାସ ପ୍ରମୁଖ ଯୋଗଦେଇ ‘ବନ୍ଦେ ଉତ୍କଳ ଜନନୀ’ର ସ୍ରଷ୍ଟା କାନ୍ତକବିଙ୍କ ଜୀବନ ଓ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ପରିବେଷଣ କରିଥିଲେ।

ଅତିରିକ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ଶତପଥୀ, ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସମେତ ଅତିଥି, ସାହିତ୍ୟିକ ଓ ଛାତ୍ରୀଛାତ୍ର କାନ୍ତକବିଙ୍କ ସମାଧୀ ପୀଠରେ ମାଲ୍ୟାର୍ପଣ କରିଥିଲେ। କବି ଡ. ଅବନୀ ପ୍ରଧାନ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, କୈଳାସ ଦାସ, ରମେଶ ସ୍ୱାଇଁ, ବିଜୟ କୁମାର ବହଳୀ, ଆଶୁତୋଷ କରଣ, ବିଭୂତି ଭୂଷଣ ସେନାପତି, ପ୍ରଭାତ କୁମାର ରାଉଳ, କଳ୍ପତରୁ ସେଠୀ, ରତୁରାଜ ଅକ୍ଷୟ, ବୈକୁଣ୍ଠନାଥ ଓଝା, ରବି କୁମାର ମହାନ୍ତି, ସୁବାସ ମହାନ୍ତି, ଡ. ଅମୂଲ୍ୟ ସେନାପତି, ସୁଧାରଞ୍ଜନ ମହାନ୍ତି, ବିଶ୍ୱମୈତ୍ରୀ ନାୟକ, ବିଶ୍ୱନାଥ କିଙ୍କର ରାଉତ, ପି. ହୃଷୀକେଶ, ଅରୂପାନନ୍ଦ ନାୟକ, ସୁବ୍ରତ ମଲ୍ଲିକ ପ୍ରମୁଖ କବିତାପାଠ କରିବା ସହ କାନ୍ତକବିଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ମୃତି ପରିଷଦ ପକ୍ଷରୁ ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ମିଶ୍ର, ରାକେଶ ମହାପାତ୍ର, ଦୁଃଖୀଶ୍ୟାମ ଜେନା, ସତ୍ୟପ୍ରକାଶ ମହାପାତ୍ର, ନାରାୟଣ ମହାନ୍ତି, ରାମଚନ୍ଦ୍ର ଜେନା, ଭରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ତାଳପଦା ଗ୍ରାମରେ ଅନୁଷ୍ଠିତ କାନ୍ତକବିଙ୍କ ଜୟନ୍ତୀ ସମାରୋହରେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅନ୍ୟ ଅତିଥି।

# କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭଦ୍ରକ,୯।୧୨(ସନାତନ ରାଉତ)

ଓଡ଼ିଆ ସାହିତ୍ୟର ମହାନ କବି ତଥା ‘ବନ୍ଦେ ଉତ୍କଳ ଜନନୀ’ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମତିଥି ଅବସରରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଭଦ୍ରକ ବାଇପାସ୍ ଛକରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଛି। ଜିଲାପାଳ ଦିଲୀପ ରାଉତରାଏ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଡେପୁଟି କଲେକ୍ଟର ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ସମ୍ପାଦକ ଆଇନଜୀବୀ ଗଦାଧର ବଳ, ରାଧାରାଣୀ ମହାପାତ୍ର, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ଅମର ପାଣିଗ୍ରାହୀ ଓ ଆଇନଜୀବୀ ଅତିଶ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କାନ୍ତକବିଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାନ୍ତକବିଙ୍କ ରଚନା ‘ବନ୍ଦେ ଉତ୍କଳ ଜନନୀ’ ଓଡ଼ିଆ ଜାତିର ଅସ୍ମିତା, ଏକତା ଓ ଦେଶପ୍ରେମର ପ୍ରତୀକ। ତାଙ୍କ ଆଦର୍ଶକୁ ପାଥେୟ କରି ଯୁବପିଢ଼ି ଦେଶସେବାରେ ନିଜକୁ ନିୟୋଜିତ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ।

# ସଞ୍ଜୀବ ହେଲେ ଭାଜପାର ଜିଲା ପ୍ରଭାରୀ

ବାସୁଦେବପୁର,୯।୧୨(କାଳିପଦ ରାୟ)

ଭଦ୍ରକ ଜିଲାର ଭାଜପା ପ୍ରଭାରୀ ଭାବେ ଆଇନଜୀବୀ ତଥା ଓଡ଼ିଶା ରାଜ୍ୟ ଆଇନଜୀବୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମହାନ୍ତି ନିଯୁକ୍ତ ହୋଇଛନ୍ତି। ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ସଞ୍ଜୀବ ପୂର୍ବରୁ ପ୍ରତିରକ୍ଷା ବିଭାଗର ସ୍ୱାଧୀନ ନିର୍ଦ୍ଦେଶକ, ଏବିଭିପିର କେନ୍ଦୁଝରର କାର୍ଯ୍ୟକର୍ତ୍ତା ଓ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଏଥିସହ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ନିର୍ବାଚନ ପ୍ରଭାରୀ ଭାବେ ସେ କାର୍ଯ୍ୟ କରିଛନ୍ତି।


ସଞ୍ଜୀବ କୁମାର ମହାନ୍ତି।

ଭଦ୍ରକ ଜିଲା ପ୍ରଭାରୀ ଭାବେ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ଜିଲା ଭାଜପା ଉପସଭାପତି ଉଦୟ ନାରାୟଣ ମଲ୍ଲିକ ରାଜ୍ୟ ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଦାୟିତ୍ୱ ହସ୍ତାନ୍ତର କରୁ ନ ଥିଲେ ନିଲମ୍ବିତ କଲେଜ ଅଧ୍ୟକ୍ଷା

ଧାମନଗର,୯।୧୨
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଥାନା ଅଧୀନ ନୟନମଣି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ନିଲମ୍ବନ ପରେ ବି ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା ନେଇ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ତଦନ୍ତ କରାଯାଇଛି। ପ୍ରକାଶ ଯେ, ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ଅନିୟମିତତା ନେଇ ଗତ ନଭେମ୍ବର ୧୨ରେ ଗଭର୍ଣ୍ଣିଂ ବଡିର ମିଟିଂ ନିଷ୍ପତ୍ତି କ୍ରମେ ଭଦ୍ରକ ଉପଜିଲାପାଳ ଚିଠି ନଂ. ୨୦୬୮/୨୧।୧୧।୨୫ରେ ଭାରପ୍ରାପ୍ତ ଅଧ୍ୟକ୍ଷା କମଳିନୀ ଧଳଙ୍କୁ ନିଲମ୍ବନ କରିଥିଲେ। ଏଥିସହ ବାରିକପୁର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଧ୍ୟାପକ ଅସିତ୍ କୁମାର ଜେନାଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦେବା ସହ ଆସନ୍ତା ଦୁଇଦିନ ଭିତରେ କଲେଜର ସମସ୍ତ ଅଫିସିଆଲ ରେକର୍ଡ ଓ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିଲମ୍ବିତ ଅଧ୍ୟକ୍ଷାଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଅବସ୍ଥାପିତ କାର୍ଯ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଉପଜିଲାପାଳ ମେମୋ ନଂ. ୨୦୭୦/୨୧।୧୧।୨୫ରେ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ଭୁବନେଶ୍ୱର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଡେପୁଟି ଡାଇରେକ୍ଟର ମଧୁସୂଦନ ମଲ୍ଲିକ ଚିଠି ନଂ.୧୬୨୮୬/ ୩।୧୨।୨୫ ରେ ଉପଜିଲାପାଳଙ୍କ ଅଧ୍ୟକ୍ଷା ଧଳଙ୍କ ନିଲମ୍ବନ ଆଦେଶକୁ ଅନୁମୋଦନ କରିଥିଲେ। ହେଲେ ଅଧ୍ୟକ୍ଷା ନିଲମ୍ବନ ଆଦେଶକୁ ଅବମାନନା କରିବା ସବୁ ଦାୟିତ୍ୱ ହସ୍ତାନ୍ତର ନ କରିବା ଏବଂ କଲେଜର କୌଣସି ଅଫିସିଆଲ କାଗଜପତ୍ର ମଧ୍ୟ ହସ୍ତାନ୍ତର ନ କରିବା ସହ ଅଧ୍ୟକ୍ଷା ପଦ ଛାଡୁ ନ ଥିଲେ। ଏସବୁ ଘଟଣାକୁ ନେଇ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ୍ ଭଣ୍ଡାରିପୋଖରୀ

## ତଦନ୍ତ କଲେ ଅଧିକାରୀ

ତହସିଲଦାର ରୋଜାଲିନ ବେହେରା, ଧାମନଗର ଥାନା ଏଏସ୍ଆଇ ସୁଜିତ କୁମାର ରାଉତ, ଆର୍ଆଇ ସତ୍ୟ କର ପ୍ରମୁଖ ଘଟଣାର ତଦନ୍ତ କରିଛନ୍ତି। କଲେଜର ସମସ୍ତ କାଗଜପତ୍ର ଅଧ୍ୟକ୍ଷା ଧଳ ନିଜ ବାସଭବନରେ ରଖିଛନ୍ତି ବୋଲି କହିଥିଲେ। ମାଜିଷ୍ଟ୍ରେଟ୍ଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଅଧିକାରୀ ଅଧ୍ୟକ୍ଷାଙ୍କ ଭଦ୍ରକସ୍ଥିତ ଘରକୁ ଯାଇ ସମସ୍ତ ଅଫିସିଆଲ କାଗଜପତ୍ର ଜବତ କରି କଲେଜକୁ ଆଣିଥିଲେ। ପରେ ଅଧ୍ୟକ୍ଷାଙ୍କ ନାମରେ ଥିବା ବିଭିନ୍ନ ଅଭିଯୋଗର ମାଜିଷ୍ଟ୍ରେଟ୍ଙ୍କ ଆଗରେ ତଦନ୍ତ କରାଯାଇଥିଲା। ପରେ ଅଧ୍ୟକ୍ଷା ଧଳ ନୂତନ ଅଧ୍ୟକ୍ଷଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଅଧ୍ୟକ୍ଷା ଧଳ ୨୦୧୩ରୁ ଫୁଲ୍ ଦରମା ପାଇବା ସହ ଭାରପ୍ରାପ୍ତ ଅଧ୍ୟକ୍ଷା ଭାବେ ରହିଆସୁଛନ୍ତି। ଅଧ୍ୟକ୍ଷା ପଦରେ ରହିବା ଦିନଠାରୁ ସେ ମନଇଚ୍ଛା ତଥା ବେଆଇନ ଭାବେ କଲେଜ ଅର୍ଥକୁ ଖର୍ଚ୍ଚ କରି ଅର୍ଥ ହଡ଼ପ କରୁଥିଲେ। ଯେଉଁ କର୍ମଚାରୀମାନେ ବ୍ଲକ୍ଗ୍ରାଣ୍ଟରେ ଦରମା ପାଉନାହାନ୍ତି, ସେମାନଙ୍କୁ ଅଧ୍ୟକ୍ଷା ପ୍ରୋପୋଜାଲ ପଠାଇ ଭେରିଫିକେଶନ କରାଉ ନାହାନ୍ତି କିମ୍ବା ମ୍ୟାନେଜମେଣ୍ଟରୁ ଦରମା କରାଇ ଦେଉନାହାନ୍ତି। ଏଥିସହ କଲେଜରେ ବିଭିନ୍ନ ପ୍ରକାରର ଆୟ ହେଉଥିବା ଅର୍ଥକୁ ଆତ୍ମସାତ୍ କରିବା ଆଦି ନେଇ ପୂର୍ବରୁ ଜିଲାପାଳ, ଉପଜିଲାପାଳ ଓ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସୂଚନାଥାଉ କି, ଏହି କଲେଜର ସମୁଦାୟ ୨୮ଜଣ ଶିକ୍ଷକ ଓ କର୍ମଚାରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ବାଦ୍ ଦେଲେ ଅନ୍ୟ ୨୪ ଜଣ କର୍ମଚାରୀ କୌଣସି କର୍ମଚାରୀ ସରକାରୀ କିମ୍ବା କଲେଜ ମ୍ୟାନେଜମେଣ୍ଟ ପକ୍ଷରୁ ଦରମା ପାଉନାହାନ୍ତି।

# ଓଡ଼ିଶା ମାଷ୍ଟର୍ସ ୨୦୨୫-ବ୍ୟାଡ୍ମିଣ୍ଟନ ମାସ୍କଟ ଓଲିକୁ ଭବ୍ୟ ସ୍ୱାଗତ


ମାସ୍କଟ ଓଲିକୁ ସ୍ୱାଗତ କରାଯାଉଛି।

ଭଦ୍ରକ,୯।୧୨(ସନାତନ ରାଉତ)

କଟକର ଜବାହରଲାଲ ନେହେରୁ ଇନ୍ଡୋର ଷ୍ଟାଡିୟମ୍ରେ ମଙ୍ଗଳବାରଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ମାଷ୍ଟର୍ସ ୨୦୨୫- ବ୍ୟାଡ୍ମିଣ୍ଟନ ବିଶ୍ୱ ଫେଡେରେଶନ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟର ୪ର୍ଥ ସଂସ୍କରଣ ଆରମ୍ଭ ହୋଇଯାଇଛି। ଏହି ଅନ୍ତର୍ଜାତୀୟ ବ୍ୟାଡ୍ମିଣ୍ଟନ ଇଭେଣ୍ଟ ବ୍ୟାଡ୍ମିଣ୍ଟନ ବିଶ୍ୱ ଫେଡେରେଶନ, ଭାରତୀୟ ବ୍ୟାଡ୍ମିଣ୍ଟନ ସଂଘ, ଓଡ଼ିଶା ରାଜ୍ୟ ବ୍ୟାଡ୍ମିଣ୍ଟନ ସଂଘ, କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ମିଳିତ ସହଯୋଗରେ ଓଡ଼ିଶାରେ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟର ୪ର୍ଥ ସଂସ୍କରଣ ହେଉଛି। ୨୨ଟି ଦେଶର ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ କରିବେ। ଏହି ଅବସରରେ ଟୁର୍ଣ୍ଣାମେଣ୍ଟ ମାସ୍କଟ (ଓଲି)କୁ କ୍ରୀଡ଼ାମନ୍ତ୍ରୀ ଉଦ୍ଘାଟନ କରିବା ପରେ ବିଭିନ୍ନ ଜିଲା ଗସ୍ତ କରି ସୋମବାର ରାତିରେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଜିଲାପାଳ ଦିଲୀପ ରାଉତରାଏ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା କ୍ରୀଡ଼ା ଅଧିକାରୀ ରମେଶ ମହାନ୍ତି, ଅତିରିକ୍ତ ଏସ୍ପି ଅଂଶୁମାନ ଦ୍ୱିବେଦୀ, ଜିଲା ସଟଲ ଆସୋସିଏଶନର ସଭାପତି ମହେଶ ପ୍ରସାଦ ଦାସ, ବିଭୁକଲ୍ୟାଣ ବାରିକ, ପରେଶ ବାରିକ, ରାଜେଶ ଦାସ, ନିରୋଜ ସାହୁ, ସୁଜାତା ସାହୁ, ମୁକେଶ ପାଣିଗ୍ରାହୀ, ରୂପକ ରାୟଙ୍କ ସହ ବ୍ୟାଡ୍ମିଣ୍ଟନ ଖେଳାଳି ଓ ଅଭିଭାବକମାନେ ଏହାକୁ ସ୍ୱାଗତ ଜଣାଇଥିଲେ। ଏହି ଆୟୋଜନ ରାଜ୍ୟ କ୍ରୀଡ଼ା ବିକାଶ ପ୍ରତି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ ଏବଂ ଏହାର ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଷ୍ଠା ବୃଦ୍ଧି କରିବ ବୋଲି ଜିଲାପାଳ କହିଥିଲେ। ପରେ ଭଦ୍ରକ ସହର ମଧ୍ୟରେ ଏକ ଶୋଭାଯାତ୍ରା କରାଯାଇଥିଲା।

# ସଡ଼କ ଦୁର୍ଘଟଣାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ


ଭଣ୍ଡାରିପୋଖରୀ,୯।୧୨
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଆଖୁଆପଦା ବୈତରଣୀ ସେତୁ ଉପରେ ସୋମବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। କନ୍‌ଷ୍ଟେବଲ ରାଜେନ୍ଦ୍ର ସିଂ ଓ ମନ୍ତ୍ରୀ ମାଝୀ ପାଟ୍ରୋଲିଂ କରୁଥିବା ବେଳେ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତ ବ୍ୟକ୍ତିଙ୍କ ଉପରେ ଗାଡ଼ି ଚଢ଼ି ଯାଇଥିବାରୁ ତାଙ୍କୁ ଚିହ୍ନିବା ସମ୍ଭବ ହୋଇ ନ ଥିଲା। ସେ ୨ ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିଲେ। ତାଙ୍କ ବୟସ ୪୦ରୁ ୪୫ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ରାଜପଥ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ପୋଲିସ ଭଦ୍ରକ ପଠାଇଥିଲା। କନ୍‌ଷ୍ଟେବଲ ସିଂଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୫୫୮/୨୫) ରୁଜୁ ହୋଇଛି।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ଧୁଷୁରୀ,୯।୧୨(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତର ମଠଡିହଠାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଓଡ଼ିଶା ଶିକ୍ଷା ବିକାଶ ପରିଷଦ ପକ୍ଷରୁ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉତ୍ତର କ୍ଷେତ୍ର ସମ୍ପାଦକ ସୁଦର୍ଶନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ମଠଡିହ କ୍ଲଷ୍ଟର ସିଆର୍ସିସି ଦିଲୀପ ଶେଖର ନାୟକ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ନାୟକ, ବରିଷ୍ଠ ଆଚାର୍ଯ୍ୟ ମିହିର କୁମାର ନାୟକ, ସଭାପତି ପ୍ରଦୀପ କୁମାର ନାୟକ, ସମ୍ପାଦକ ନିରାକାର ନାୟକ, କୋଷାଧ୍ୟକ୍ଷ ଦୀପକ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ୧୦୩ ଜଣ କୁନି ବୈଜ୍ଞାନିକ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ୨୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି।


ଜଣେ ଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ‘ଭାଷାର ବିକାଶ ହେଲେ ଓଡ଼ିଶାର ବିକାଶ ହେବ’

## ଭଦ୍ରକ ଜିଲା ମହୋତ୍ସବର ୭ମ ସନ୍ଧ୍ୟା

ଭଦ୍ରକ,୯।୧୨(ସନାତନ ରାଉତ)

ଭାଷାର ବିକାଶ ହେଲେ ଓଡ଼ିଶାର ବିକାଶ ହେବ। ଭଦ୍ରକର ବିକାଶ ଦିଗରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି ଚତୁର୍ଦ୍ଦଶ ଭଦ୍ରକ ଜିଲା ମହୋତ୍ସବର ସୋମବାର ୭ମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି। ଭଦ୍ରକ ସହର ଗାନ୍ଧୀପଡ଼ିଆରେ ଚାଲିଥିବା ମହୋତ୍ସବର ଏହି ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବେ ପୌରାଧ୍ୟକ୍ଷା ଗୁଲ୍‌ଶନ୍‌ଆରା ଦଲାୱାଜି ହବିବ ଯୋଗଦେଇ ତ୍ୟାଗଭୂମି ଭଦ୍ରକର ସମୃଦ୍ଧ କଳା, ସଂସ୍କୃତି ଏବଂ ପରମ୍ପରା ଅନନ୍ୟ ବୋଲି କହିଥିଲେ। ବରେଣ୍ୟ ଅତିଥି ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି, ଅନ୍ୟତମ ଅତିଥି ଭାବେ ଡ. ଗୋପାଳ ପ୍ରସାଦ ମହାପାତ୍ର, ପ୍ରାଧ୍ୟାପିକା ସଂଯୁକ୍ତା ଭାରତୀ ଏବଂ କବି ରମେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହମ୍ମଦ ହନିଫଙ୍କ ନାମରେ ଉତ୍ସର୍ଗୀକୃତ ମଞ୍ଚରେ ‘ଭଦ୍ରକର ବିକାଶରେ ଆମର କର୍ତ୍ତବ୍ୟ’ ଶୀର୍ଷକ ଆଲୋଚନାଚକ୍ରରେ ସଭାପତି ପଣ୍ଡିତ ଦୈତାରି ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ଦୁର୍ଗାଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ଓ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ମହୋତ୍ସବରେ ଅତିଥି ଜଣେ ନୃତ୍ୟଶିଳ୍ପୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

# ବୈତରଣୀରୁ ମିଳିଲା ଯୁବକଙ୍କ ମୃତଦେହ

ଭଣ୍ଡାରିପୋଖରୀ,୯।୧୨
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ଅଞ୍ଚଳର ବନ୍ଧାଲୋ-ମଢ଼ିଆଳି ପଞ୍ଚାୟତ ଅଧୀନ ଖଡୁରିଆପଦା ବୈତରଣୀ ନଦୀର ରେଳବାଇ ସେତୁ ତଳୁ ଜଣେ ଅଜଣା ଯୁବକଙ୍କ ମୃତଦେହ ମିଳିଛି। ମଙ୍ଗଳବାର ଅପରାହ୍ନରେ ମାଛ ଧରିବାକୁ ଯାଇଥିବା ଗ୍ରାମର ଲୋକେ ପାଣିରେ ମୃତଦେହ ପଡ଼ିଥିବା ଦେଖି କୂଳକୁ ଉଠାଇ ଆଣିଥିଲେ। ଯୁବକ ଜଣକ ଜିନ୍ସ ପ୍ୟାଣ୍ଟ ଓ କଳା ରଙ୍ଗର ଶାର୍ଟ ପିନ୍ଧିଛନ୍ତି। ତାଙ୍କ ହାତରେ ଅନିରୁଦ୍ଧ ଲେଖାଯାଇଛି। ମାତ୍ର ପରିଚୟ ଜଣାପଡ଼ି ନାହିଁ।

# ସ୍ମାର୍ଟ ମିଟର ପରିବର୍ତ୍ତନ ଦାବି

ଭଦ୍ରକ,୯।୧୨(ସନାତନ ରାଉତ)

ସ୍ମାର୍ଟ ମିଟର ପରିବର୍ତ୍ତନ ସହ ୧୦ ଦଫା ଦାବି ନେଇ ଭଦ୍ରକ ସହର ପୁରୁଣାବଜାର ଅଧିବାସୀମାନେ ସୋମବାର ଭଦ୍ରକ ଟିପିଏନ୍‌ଓଡିଏଲ୍ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଚନ୍ଦନବଜାରରେ ଥିବା ଫ୍ୟୁଜ୍ କଲ୍ ସେଣ୍ଟର ବନ୍ଦ କରି ଦିଆଯିବାରୁ ବିଦ୍ୟୁତ୍‌ଜନିତ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଉକ୍ତ କଲ୍ ସେଣ୍ଟରକୁ ପୁନଃ ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। ଏହି ସେକ୍ସନରେ କାର୍ଯ୍ୟରତ ଲାଇନମ୍ୟାନମାନଙ୍କ ନାମ ଓ ମୋବାଇଲ ନମ୍ବରର ସବିଶେଷ ବିବରଣୀ ସମ୍ବଳିତ ସୂଚନା ଫଳକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଗାଇବା, ବାରମ୍ବାର ବିଦ୍ୟୁତ୍ କାଟ ବନ୍ଦ କରିବା, ବିପଦପୂର୍ଣ୍ଣ ଏଲ୍‌ଟି ତାର, ଖୁଣ୍ଟଗୁଡ଼ିକ ପରିବର୍ତ୍ତନ ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ମୁସ୍‌ଲିମ୍ ଜମାତର ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ହାଜି କୈୟୁମ୍ ସାହା, ଅନିଲ କୁମାର ଦାସ, ହାଜି ସଇଦ ସାହା, ହାଜି ହାଫିଜୁର ରହେମାନ, ତାହେର ମହମ୍ମଦ ଖାନ, ଶେଖ ଇମ୍‌ତିୟାଜ, ଶେଖ୍ ଅଖତର ଅଲି, ପାରିଷଦ ଶେଖ୍ ଗରିବୁଲ୍ଲା, ନାରାୟଣ ସିଂ, ଶେଖ୍ ନଇମ, ନରହରି ସାହୁ, ଖବରଦାତା ଶେଖ୍ ଅନୱର, ଗୌତମ ସାହୁ, କମଳାକାନ୍ତ ବାରିକ, ଜହିର ଖାନ, ସମିମ ଅଖତର, ଶେଖ୍ ଅବଦୁଲ ରହେମାନ, ଶେଖ୍ ଜୁଲଫୁକାର, ଖାଲିଦ ସାହା, ଅବଦୁଲ ନଇମ ଖାନ୍, ବାବାଜୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଭଦ୍ରକ ଟିପିଏନ୍‌ଓଡିଏଲ୍ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଭଦ୍ରକ ପୌରପାଳିକା: ନାହାନ୍ତି ସ୍ଥାୟୀ ନିର୍ବାହୀ ଅଧିକାରୀ

## ଆଗେଇ ପାରୁନି ଉନ୍ନୟନ କାର୍ଯ୍ୟ

ଭଦ୍ରକ,୯।୧୨(ସନାତନ ରାଉତ)

ଭଦ୍ରକ ପୌରପାଳିକାରେ ଗତ ଅଗଷ୍ଟରୁ ସ୍ଥାୟୀ ପୌର ନିର୍ବାହୀ ଅଧିକାରୀ ନାହାନ୍ତି। ପୂର୍ବତନ ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ବେହେରାଙ୍କ ବଦଳି ପରଠାରୁ ଉପଜିଲାପାଳ ଏହି ଦାୟିତ୍ୱରେ ଅଛନ୍ତି। ସ୍ଥାୟୀ ନିର୍ବାହୀ ଅଧିକାରୀ ନ ଥିବାରୁ ଅନେକ ସମୟରେ ପୌରପାଳିକାର ବିଭିନ୍ନ ୱାର୍ଡରୁ ସମସ୍ୟା ନେଇ ଆସୁଥିବା ଲୋକେ ନିର୍ବାହୀ ଅଧିକାରୀଙ୍କ ଦେଖା ନ ପାଇ ନିରାଶ ହୋଇ ଫେରୁଛନ୍ତି। ଏହାବ୍ୟତୀତ ଅନେକ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବିଳମ୍ବ ହେଉଛି। ବିଭିନ୍ନ ଟେଣ୍ଡର କାର୍ଯ୍ୟ ଆଗେଇପାରୁ ନ ଥିବାବେଳେ କାର୍ଯ୍ୟାଦେଶ ମଧ୍ୟ ଦେବାରେ ବିଳମ୍ବ ଘଟୁଛି। କେତେକ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସେସବୁ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଛି।

ଏନେଇ ପୌରାଧ୍ୟକ୍ଷା ଗୁଲ୍‌ଶନ୍‌ଆରା ଦଲାୱାଜି ହବିବ କହିଛନ୍ତି, ଜଣେ ସ୍ଥାୟୀ ନିର୍ବାହୀ ଅଧିକାରୀ ନ ଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମୟରେ କୌଣସି ସମସ୍ୟାକୁ ନେଇ ଆଲୋଚନା କରିବାକୁ ଚାହିଁଲେ ସମ୍ଭବ ହୋଇପାରୁ ନାହିଁ। ଉପଜିଲାପାଳ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବାବେଳେ ସମ୍ପୂର୍ଣ୍ଣ ସମୟ ଦେଇପାରୁ ନାହାନ୍ତି। ପୌରପାଳିକାରେ ବହୁଗୁଡ଼ିଏ ଟେଣ୍ଡର ହୋଇଥିଲେ ମଧ୍ୟ ତାହାର କାର୍ଯ୍ୟାଦେଶ ବଣ୍ଟନ ହୋଇପାରୁ ନାହିଁ। କାର୍ଯ୍ୟାଳୟର ବହୁ ଫାଇଲ ଦସ୍ତଖତ ପାଇଁ ପଡ଼ିରହିଛି। ପୌରପାଳିକା ଅଧୀନ ବୁଧବାର ହାଟରେ ଏକ ମିନି ଟାଉନ୍ ହଲ୍ ଓ ଲାଇବ୍ରେରୀ କାମ ଆରମ୍ଭ ହୋଇପାରୁ ନାହିଁ। ଆଗକୁ ବହୁତ ଟେଣ୍ଡର ବାହାରିବାର ଅଛି। ସେଥିପାଇଁ ଜଣେ ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି ଦେବା ପାଇଁ ବାରମ୍ବାର ଦାବି କରାଯାଉଛି। ଏନେଇ ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଦାବି ଜଣାଯାଇଥିଲା। ଖୁବ୍‌ଶୀଘ୍ର ଏଠାରେ ପୌର ନିର୍ବାହୀ ଅଧିକାରୀ ନିଯୁକ୍ତି ଦିଆଯିବ ବୋଲି ସେ କହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପୂରଣ ହୋଇପାରି ନ ଥିବା ପୌରାଧ୍ୟକ୍ଷା ପ୍ରକାଶ କରିଛନ୍ତି।



ଭଦ୍ରକ ପୌରପାଳିକା କାର୍ଯ୍ୟାଳୟ।

# ଦିବ୍ୟାଙ୍ଗଙ୍କ ଘର ଜଳିଗଲା

ଧାମନଗର,୯।୧୨
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ସରେଇ ଚୁଡ଼ାକୁଟି ପଞ୍ଚାୟତର ସୋରିଷଡିହ ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଦିବ୍ୟାଙ୍ଗ ବିକାଶ ଚନ୍ଦ୍ର ସାହୁଙ୍କ ୨ବଖରା ନଡ଼ା ଛପର ଘର ଜଳିଯାଇଛି। ତାଙ୍କ ଘରେ ଥିବା ଧାନ, ଚାଉଳ, ଘରୋଇ ଉପକରଣ ସହ ବହୁ ଜରୁରୀ କାଗଜପତ୍ର ଏବଂ ନଗଦ ୧୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ଧାମନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ବିକାଶ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଓ ଛୋଟ ପୁଅଙ୍କୁ ନେଇ ଏବେ କେଉଁଠି ରହିବେ ଓ କିପରି ଚଳିବେ ସେହି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ସହ ସରକାରୀ ଯୋଜନାରେ ଆବାସ ପ୍ରଦାନ ପାଇଁ ସ୍ଥାନୀୟ ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼ଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଚମ୍ପୁଆ,୯।୧୨(ମହେଶ୍ୱର ଦାସ)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜାମୁଦଲକ ପଞ୍ଚାୟତର ଜାମୁଦଲକ- କଙ୍କଡ଼ାପାଟ ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗନ୍ନାଥପୁର ଗ୍ରାମର ଜଳଧର ନାଏକ। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ଣ ୪ଟା ସମୟରେ ଜଳଧର ବାଇକ୍ ଯୋଗେ କୌଣସି କାର୍ଯ୍ୟ ପାଇଁ ମଙ୍ଗଳପୁର ରାସ୍ତା ଦେଇ ଜାମୁଦଲକ ଯାଉଥିବା ବେଳେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ମାଜିଷ୍ଟ୍ରେଟ୍, ପୋଲିସ ଉପସ୍ଥିତିରେ ଖୋଲାହେଲା କେନାଲ

**ଚମ୍ପୁଆ,୯।୧୨(ମହେଶ୍ୱର ଦାସ)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡ଼ନଇ ପଞ୍ଚାୟତର ଇଚିଣ୍ଡାଠାରେ ଦୀର୍ଘଦିନ ହେବ ଅଟକି ରହିଥିବା କାନପୁର କେନାଲ କାର୍ଯ୍ୟ ମଙ୍ଗଳବାର ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆରମ୍ଭ କରାଯାଇଛି। ସୂଚନା ଅନୁଯାୟୀ, କାନପୁର କେନାଲ ଡିଭିଜନ ପକ୍ଷରୁ ଚାଷଜମିକୁ କେନାଲ ମାଧ୍ୟମରେ ଜଳ ଯୋଗାଇବା ନିମନ୍ତେ କେନାଲ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହିତ ଜମିଅଧିଗ୍ରହଣ କରାଯାଇଥିଲା। ଏନେଇ ଜମିହରାମାନଙ୍କୁ ସରକାରୀ ନିର୍ଦ୍ଦେଶ ତଥା ଧାର୍ଯ୍ୟଦର ଅନୁସାରେ ଅର୍ଥ ପୈଠ କରାଯାଉଥିବା ବେଳେ ଇଚିଣ୍ଡା ଗ୍ରାମର ଝୁଲୁ ପ୍ରଧାନ ଜମି ଅଧିଗ୍ରହଣ ଅର୍ଥ ପାଇ ନ ଥିବା ଦାବି କରି ଅଧିଗ୍ରହଣ ସ୍ଥାନରେ କେନାଲ ନ ଖୋଳିବାକୁ ଦାବି କରି ବିରୋଧ କରିଆସୁଥିଲେ। ଅନ୍ୟପକ୍ଷରେ ଚମ୍ପୁଆ ତହସିଲଦାର ସଜତ ମାର୍କେ କୁହନ୍ତି, ଉକ୍ତ ଅଧିଗ୍ରହଣ ଅର୍ଥ ପ୍ରଦାନ ପାଇଁ ତାଙ୍କୁ ନୋଟିସ କରାଯାଉଥିଲେ ମଧ ସେ ସହଯାଗ କରୁନାହାଁନ୍ତି। ଫଳରେ ଦୀର୍ଘ ଦିନ ହେବ ଅଟକି ରହିଥିବା ଏହି କାର୍ଯ୍ୟ ମଙ୍ଗଳବାର କେନାଲ ଡିଭିଜନ ଅଧିକାରୀ,ଚମ୍ପୁଆ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆରମ୍ଭ କରାଯାଇଛି।



କେନାଲ ଖୋଳା ଯାଉଛି।

# ଆଖି ବୁଜିଲା ଚିକିତ୍ସାଧୀନ ମାଖନା ହାତୀ


ମାଖନା ହାତୀ (ଫାଇଲ ଫଟୋ)।

**କେନ୍ଦୁଝର,୯।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜରେ ବୁଲୁଥିବା ଅସୁସ୍ଥ ମାଖନା ହାତୀ ସୋମବାର ସନ୍ଧ୍ୟା ୬ଟା ୩୫ରେ କାଲିମା ଗ୍ରାମ ନିକଟରେ ଆଖି ବୁଜିଛି। ହାତୀଟିର ଗୋଡ଼ରେ କ୍ଷତ ହୋଇଥିବାରୁ କେଉଁଆଡ଼େ ଯାଇ ପାରୁ ନ ଥିଲା। ବନ ବିଭାଗ ପକ୍ଷରୁ ଗତ ସେପ୍ଟେମ୍ବରରୁ ତା' ଉପରେ ନଜର ରଖାଯାଇ ଚିକିତ୍ସା ଜାରି ରହିଥିଲା। ସନ୍ଧ୍ୟାରେ ଏକ ଜଳାଶୟରେ ପଡ଼ିଯିବାରୁ ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨୭ରେ ହାତୀଟି ପ୍ରଥମେ ଟ୍ରାକ୍ କରାଯାଇଥିଲା। ଦନ୍ତାହାତୀ ସହିତ ଲଢ଼େଇ କରି କ୍ଷତବିକ୍ଷତ ହୋଇଥିଲା। ଗତ ତିନିମାସ ମଧ୍ୟରେ, ବନ ବିଭାଗ ପକ୍ଷରୁ ଥର୍ମାଲ ଡ୍ରୋନ୍ ଏବଂ ଗ୍ରାଉଣ୍ଡ ଟ୍ରାକିଂ ବ୍ୟବହାର କରି ନିରନ୍ତର ନଜର ରଖାଯାଇଥିଲା। ବିଶେଷତଃ ସେପ୍ଟିସେମିଆ, ବାରମ୍ବାର ଆକ୍ରମଣ ଜନିତ ଆଘାତ କାରଣରୁ ଗୁରୁତର ହୋଇପଡ଼ିଥିଲା। ନଭେମ୍ବର ୧୧ରେ କ୍ଷତ ସଫା କରିବା ସହ ଆଣ୍ଟିବାୟୋଟିକ ଦେଇ ଚିକିତ୍ସା କରାଯାଇଥିଲା। ହାତୀଟି ଠିକ୍ ଭାବରେ ଚଲାବୁଲା କରି ପାରୁ ନ ଥିଲା କିମ୍ବା ଖାଇ ପାରୁ ନ ଥିଲା। ଗତ ଶନିବାର ଏକ ବିଲ କାଦୁଆରେ ପଡ଼ି ଅଚେତ ହୋଇପଡ଼ିଥିଲା। ଦୀର୍ଘ ଘଣ୍ଟା ପରେ ଉଠିଥିଲେ ହେଁ ଦୁର୍ବଳ କାରଣରୁ ଚଲାବୁଲା କରିପାରୁ ନ ଥିଲା। ସୋମବାର ସନ୍ଧ୍ୟାରେ କାଲିମା ଗ୍ରାମ ନିକଟସ୍ଥ ଏକ ଜଳାଶୟରେ ଖସିପଡ଼ିଥିଲା। ପ୍ରବଳ ଥଣ୍ଡା ଏବଂ ସ୍ୱାସ୍ଥ୍ୟାବସ୍ଥା ଯୋଗୁ ଉଠିବାରେ ଅସମର୍ଥ ହୋଇଥିଲା। ବନ ବିଭାଗ ପକ୍ଷରୁ ବଞ୍ଚାଇବା ପାଇଁ ଉଦ୍ୟମ ସତ୍ତ୍ୱେ ମୃତ୍ୟୁ ହୋଇଥିଲା। ଡିଏଫ୍ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ପ୍ରାଣୀ ଚିକିତ୍ସା ଦଳ ଭୁବନେଶ୍ୱରସ୍ଥିତ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଜରୁରିକାଳୀନ ସହାୟତା, ଯତ୍ନ ପ୍ରଦାନ କରିଥିଲେ। କିନ୍ତୁ ହାତୀଟି ବଞ୍ଚିପାରି ନ ଥିଲା।

# ବିନା ଅନୁମତିରେ ରାସ୍ତା ଖୋଳି ପକାଇଲା ଠିକାସଂସ୍ଥା

**ପାଟଣା,୯।୧୨(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା କେନ୍ଦେଇପୋସିକୁ ସଂଲଗ୍ନ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ପୁଟୁଳିଆ ନିକଟରାସ୍ତା ପାର୍ଶ୍ୱରେ ମଙ୍ଗଳବାର ଏକ ଠିକା ସଂସ୍ଥା ମେଗା ପାଇପ ଲାଇନ ବିଛାଇବା ସମୟରେ ବିନା ଅନୁମତିରେ ପୂର୍ତ୍ତ ବିଭାଗ ରାସ୍ତା ଖୋଳି ପକାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ମେଗା ପାନୀୟ ଜଳ ସଂଯୋଗ କାର୍ଯ୍ୟ ଚାଲିଥିବା ବେଳେ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ପୂର୍ତ୍ତ ବିଭାଗ ରାସ୍ତା ଖୋଳି କାର୍ଯ୍ୟ ଚାଲଛି। ରାସ୍ତାକୁ ମନ ଇଚ୍ଛା ଖୋଳିବା ପରେ ଖୋଳା ଯାଇଥିବା ସ୍ଥାନରେ ଚିପ୍ସ, ପାଣି କିମ୍ବା ରୋଲର ଚଳା ଯାଉନାହିଁ। ଫଳରେ ରାସ୍ତା ଦାବିବା ସହ ଉକ୍ତ ସ୍ଥାନଗୁଡ଼ିକରେ ଗାଡ଼ି ଫସି ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି।

ଏନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ମହେଶ୍ୱର ପାଣ୍ଡାଙ୍କୁ ପଚାରିବାରୁ ଠିକା ସଂସ୍ଥା ବେଆଇନ ଭାବେ ବିଭାଗୀୟ ଅନୁମତି ନ ନେଇ ରାସ୍ତା ଖୋଳି ଦେଉଛି। ଏନେଇ ଉକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଠିକାସଂସ୍ଥାର ମ୍ୟାନେଜରଙ୍କୁ ପଚାରିବାରୁ ତାଙ୍କ ପାଖରେ ପରମିଶନ ଅଛି ବୋଲି ସେ କହିଛନ୍ତି।


ରାସ୍ତା ଖୋଳାଯାଉଛି।

# ପିଏମ୍ ବିଶ୍ୱକର୍ମା ହିତାଧିକାରୀଙ୍କ ପାଇଁ ସଚେତନତା ଶିବିର



ଶିବିରରେ ଉପସ୍ଥିତ ଅଧିକାରୀମାନେ।

**କେନ୍ଦୁଝର,୯।୧୨(ଦୀପକ ମିଶ୍ର)**

କେନ୍ଦୁଝର ମଣ୍ଡୁଆସ୍ଥିତ ସଂସ୍କୃତି ଭବନଠାରେ ପିଏମ୍ ବିଶ୍ୱକର୍ମା ହିତାଧିକାରୀମାନଙ୍କ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ୧୧୦ଜଣ ହିତାଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏମ୍ଏସ୍ଏମ୍ଇ ଡିଏଫ୍ଓ, କଟକର ସହ ନିର୍ଦ୍ଦେଶକ ସୁବାସ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଭୁବନେଶ୍ୱରସ୍ଥିତ ପୋଷ୍ଟାଲ ବ୍ୟାଙ୍କର ସର୍କଲ ମୁଖ୍ୟ ସୁଶାନ୍ତ କୁମାର ବେହେରା ବ୍ୟାଙ୍କର ସୁବିଧା ଏବଂ ୩୪ ହିତାଧିକାରଙ୍କୁ ମାଗଣାରେ କ୍ୟୁଆର୍ କୋର୍ଡ ପ୍ରଦାନ କରିଥିଲେ। ଏନ୍ଏସିଡିସିର ପ୍ରବକ୍ତା ଲକ୍ଷ୍ମୀପ୍ରିୟା ମହାନ୍ତି ହିତାଧିକାରୀମାନଙ୍କ ସାମର୍ଥ୍ୟ ବଢ଼ାଇବା ପାଇଁ ପ୍ରଶିକ୍ଷଣ କିଭଳି ସାହାଯ୍ୟ କରୁଛି ଏବଂ ମିଳୁଥିବା ଷ୍ଟାଇପେଣ୍ଡ ବିଷୟରେ ଉଲ୍ଲେଖ କରିଥିଲେ। ଯେଉଁମାନଙ୍କର କିଛି ଅସୁବିଧା ରହିଛି, ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

ଜିଲା ଶିଳ୍ପ କେନ୍ଦ୍ରର ସହାୟକ ଅଧିକାରୀ ମଲ୍ଲିକା ମୁର୍ମୁ ପିଏମ୍ ବିଶ୍ୱକର୍ମା ହିତାଧିକାରୀମାନଙ୍କର ଚୟନ ପ୍ରକ୍ରିୟା ବିଷୟରେ କହିଥିଲେ। ଏହି ଯୋଜନାର ଡୋମେନ ଏକ୍ସପର୍ଟ ଅନୁବ୍ରତ ବେହେରା, ଜ୍ଞାନରଞ୍ଜନ ସାମନ୍ତସିଂହାର ସମସ୍ତ ହିତାଧିକାରୀଙ୍କୁ ବ୍ୟାଙ୍କରୁ ଋଣ ନେଇ ଟଙ୍କାର ସଦୁପଯୋଗ କରିବା ସହ ନିଜର ବ୍ୟବସାୟକୁ ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ଋଣ କମ୍ ଲୋକଙ୍କୁ ମିଳିଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ହିତାଧିକାରୀଙ୍କର ଦ୍ରବ୍ୟଗୁଡ଼ିକର ଫଟୋ ଦେଖାଇବା ସହ ଅନ୍‌ଲାଇନରେ ମେସୋ ପ୍ଲାଟଫର୍ମରେ ସେମାନଙ୍କର ଫଟୋ ଅପ୍‌ଲୋଡ୍ କରିଥିଲେ। ଶେଷରେ ଏମ୍ଏସ୍ଏମ୍ଇ ଡିଏଫ୍ଓ, କଟକର ସହ ନିର୍ଦ୍ଦେଶକ ଅଭିମନ୍ୟୁ ମୋଦି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାରେ କୌଳିକ ବୃତ୍ତି ତାଲିମ ନେଇଥିବା ୫୭୬ ହିତାଧିକାରୀଙ୍କ ମଧ୍ୟରୁ ୫୬୬ଜଣଙ୍କୁ ବ୍ୟବସାୟ ପାଇଁ ଯନ୍ତ୍ରପାତି ପ୍ରଦାନ କରାଯାଇ ସାରିଛି। ସେହିପରି ଋଣ ପାଇଁ ଆବେଦନ କରିଥିବା ୨୭୫ ହିତାଧିକାରୀଙ୍କ ମଧ୍ୟରୁ ୮୦ଜଣଙ୍କୁ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଛି।

# ଗିରଫଦାରିକୁ ନିନ୍ଦା କଲେ ସଂଯୁକ୍ତ କିଷାନ ମୋର୍ଚ୍ଚା ନେତା


ସଂଯୁକ୍ତ କିଷାନ ମୋର୍ଚ୍ଚା ରାଷ୍ଟ୍ରୀୟ ନେତା ସତ୍ୟବାନ ସିଂ ଉଦ୍‌ବୋଧନ ଦେଉଛନ୍ତି।

**ପାଟଣା,୯।୧୨(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ତହସିଲ ଅଧୀନ ଯମୁନାପଶି ହାଟ ପଡ଼ିଆରେ ମଙ୍ଗଳବାର ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ଜେଏସ୍‌ଡବ୍ଲ୍ୟୁ- ପୋସ୍କୋକୁ ବିରୋଧ କରି ପ୍ରତିରୋଧ ମଞ୍ଚ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ରାଷ୍ଟ୍ରୀୟ ନେତା ତଥା ସମ୍ପାଦକ ସତ୍ୟବାନ ସିଂ,ଏଆଇକେକେଏମ୍ଏସ୍ ଓଡ଼ିଶା ସଭାପତି ସଦାଶିବ ଦାସ ପ୍ରମୁଖ ଯୋଗଦେଇ ପ୍ରଭାବିତ ହେବାକୁ ଥିବା ୧୨ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷଙ୍କୁ ଉଦବୋଧନ ଦେଇ ମୂଲ୍ୟବାନ ଦୋ ଫସଲି ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରିଥିଲେ।

ସତ୍ୟବାନ ନିଜ ଅଭିଭାଷଣରେ ସ୍ଥାନୀୟ ଅଞ୍ଚଳର ୭୦ପ୍ରତିଶତ ଲୋକ ଚାଷ ଜମି ଉପରେ ନିର୍ଭର କରି ପୁରୁଷ ପୁରୁଷ ଧରି ଜୀବିକା ନିର୍ବାହ କରୁଛନ୍ତି। ଏଠାରେ ଶିଳ୍ପ କାରଖାନା ପ୍ରତିଷ୍ଠା ହେଲେ ଉର୍ବର ଦୋ ଫସଲି ଚାଷ ଜମି କମ୍ପାନୀ ହାତକୁ ଚାଲିଯିବ। ଚାଷୀମାନେ ହଇରାଣ ହେବେ। ଏଣୁ ଏଠାରେ ଶିଳ୍ପ ପ୍ରତିଷ୍ଠାକୁ

## ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିରୋଧ ମଞ୍ଚର ସଭା

ବିରୋଧ କରିବା ସହ ଭିଟାମାଟିକୁ କେହି ଛାଡ଼ିବା ଉଚିତ୍ ନୁହଁ ବୋଲି କହିଥିଲେ। କିଛି ଦିନ ତଳେ ମିଥ୍ୟା ମୋକଦ୍ଦମା ରୁଜୁ କରି ପ୍ଲାଣ୍ଟ ବିରୋଧୀ ୬ନେତାଙ୍କୁ ପୋଲିସ ଗିରଫ କରିବା ଘଟଣାକୁ ନିନ୍ଦା କରିବା ସହ ସେମାନଙ୍କୁ ନିସର୍ତ୍ତରେ ତୁରନ୍ତ ଖଲାସ ଦାବି କରିଥିଲେ। ବୈଠକରେ ଯମୁନାପଶି ଏବଂ ଏହାର ଆଖପାଖ ଗ୍ରାମର ୧୨ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

ଅନ୍ୟପଟେ ସଭାସ୍ଥଳରୁ ସଂଯୁକ୍ତ କିଷାନ ମୋର୍ଚ୍ଚା ରାଷ୍ଟ୍ରୀୟ ସମ୍ପାଦକ ସତ୍ୟବନ, ଓଡ଼ିଶା ରାଜ୍ୟ ନେତା ସଦାଶିବ ଦାସ ଏବଂ ରାଜେନ୍ଦ୍ର ବର୍ମା କାର ଯୋଗେ ଫେରୁଥିବା ସମୟରେ କଣ୍ଟିଆପଡ଼ା ଧର୍ମୁଘାଟି ନିକଟରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ତୁରୁମୁଙ୍ଗା ଥାନାରେ ଘଟଣାର ଆପୋଷ ସମାଧାନ ହୋଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି।

# କୁକୁଡ଼ା ପାହାଡ଼ା ଉପରେ ପୋଲିସର ଚଢ଼ାଉ

**ଯୋଡ଼ା,୯।୧୨(ମାନସ ମହାନ୍ତି)**

## ୩୫ ବାଇକ୍, ଗୋଟିଏ ବୋଲେରୋ ଜବତ, ୯ ଅଟକ

କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ଗୁରୁବେଡ଼ା ନିକଟ ବେଆଇନ କୁକୁଡ଼ା ପାହାଡ଼ା ଉପରେ ପୋଲିସ ଚଢ଼ାଉ କରିଛି। ପୋଲିସ ୩୫ଟି ବାଇକ୍, ଗୋଟିଏ ବୋଲେରୋ ଜବତ କରିବା ସହ ୯ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଥାନା ଆଇଆଇସି ଯଶକେତନ ଭୋଇଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ଣରେ ଉକ୍ତ ସ୍ଥାନରେ ବେଆଇନ କୁକୁଡ଼ା ପାହାଡ଼ା ସହ ଜୁଆ ଖେଳ ହେଉଥିବା ଖବର ପାଇ ଚଢ଼ାଉ କରାଯାଇଥିଲା। ଚଢ଼ାଉ ଫଳରେ ସେଠାରେ ବହୁ ସଂଖ୍ୟାରେ ଥିବା ଜୁଆଡ଼ି ଛତ୍ରଭଙ୍ଗ ଦେଇ ଦୌଡ଼ି ପଳାଇଥିଲେ। ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ କାବୁ କରାଯାଇଛି। ଜବତ ବୋଲେରୋ ଓ ବାଇକ୍‌ଗୁଡ଼ିକୁ ଥାନାକୁ ସ୍ଥାନାନ୍ତର କରାଯାଇଛି।

# ବ୍ଲକ୍‌ସ୍ତରୀୟ ଶିଶୁ ମେଳା

**ଗୋପବନ୍ଧୁ ନଗର, ୯।୧୨ (ଶାନ୍ତନୁ କୁମାର ମଣ୍ଡୁଆଳ)**

ଗୋପବନ୍ଧୁ ନଗର ବ୍ଲକ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ପୁରୁଣା ବାରିପଦା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୩ଟି ଉଚ୍ଚ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତର୍କ, ଆବୃତ୍ତି, କଣ୍ଠ ସଂଗୀତ, ଏକକ ଅଭିନୟ, ଗଳ୍ପ ଲିଖନ ଆଦି ମୋଟ ୧୦ଟି ଇଭେଣ୍ଟ ଉପରେ ପ୍ରତିଯୋଗିତା ହୋଇଥିଲା। ୧୦ଟି ଇଭେଣ୍ଟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୦ ଜଣ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ସ୍ଥାନୀୟ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଗବାନ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଓଷ୍ଟା ବ୍ଲକ ସଭାପତି ପ୍ରଶାନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଓଷ୍ଟା ଜିଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଓଷ୍ଟା ଜିଲା କାର୍ଯ୍ୟକାରୀ ସଦସ୍ୟ ବିଶ୍ୱଜିତ ବିଶ୍ୱାଳ, ପରିଚାଳନା କମିଟି ସଭାପତି ଭଗବାନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ପ୍ରଶାନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଜିଲ୍ଲା ଓଷ୍ଟା ଯୁଗ୍ମ ସମ୍ପାଦକ ପ୍ରଭାସ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଦେବରାଜ ନାୟକ, ସମ୍ମାନିତ ଅତିଥି ଖୁଣ୍ଟା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ବାପୁଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତଚନ୍ଦ୍ର ବେହେରା, ଓଷ୍ଟା ଜିବିନଗର ବ୍ଲକ ସମ୍ପାଦକ ମନୋରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ କୁ ଶିକ୍ଷକ ଅନନ୍ତ କେଶରୀ ମହାନ୍ତି ଓ ଅରବିନ୍ଦ ଶତପଥୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ୬୨୬ ସ୍କୁଲକୁ ମିଳିଲା ଅନୁଦାନ

## ବାକିରେ ଚାଲିଥିଲା ନବମ ଓ ଦଶମ ପିଲାଙ୍କୁ ଖାଦ୍ୟ ଯୋଗାଣ

**ବାରିପଦା,୯।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ସମେତ ଓଡ଼ିଶାରେ ସରକାରୀ ଓ ସରକାରୀ ସହାୟତା ପ୍ରାପ୍ତ ସ୍କୁଲରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ 'ମିଳୁନି ଅନୁଦାନ'କୁ ନେଇ ଗତ ୫ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସରକାରଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ମଙ୍ଗଳବାର ମୟୂରଭଞ୍ଜ ଜିଲାର ୬୨୬ଟି ସ୍କୁଲକୁ ୧୩କୋଟି ୧୮ଲକ୍ଷ ୬୮ ହଜାର ୧୫୫ ଟଙ୍କା ପ୍ରଦାନ କରାଯାଇଛି। ଏନେଇ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ମାସଠାରୁ ଅନୁଦାନ ମିଳି ନ ଥିବାରୁ ଏହି ଯୋଜନା ଅଧୀନରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଦିଗହରା ହୋଇ ପଡ଼ିଥିଲା। ଫଳରେ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ମଧ୍ୟାହ୍ନ ଭୋଜନ ଯୋଜନାରେ ଯୋଡ଼ି ହୋଇଥିବା ମୟୂରଭଞ୍ଜ ଜିଲାର ୬୨୬ଟି ସ୍କୁଲର ୬୯ହଜାର ୩୨୮ଜଣ ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଧାନ ଶିକ୍ଷକମାନେ ଧାର ଉଧାରରେ ଖାଦ୍ୟ ପରିବେଷଣ କରୁଥିଲେ। ଏହି ସମସ୍ୟା ଯୋଗୁ କେତେକ ସ୍କୁଲ ପରିଚାଳନା କମିଟି ଓ ଶିକ୍ଷକମାନେ ନିଜ ପକେଟରୁ ଖର୍ଚ୍ଚ କରି ଭୋଜନ ଯୋଗାଉଥିବା ବେଳେ ଅସମ୍ଭାଳ ପରିସ୍ଥିତି ପାଇଁ ନୂଆ ସମସ୍ୟା ସୃଷ୍ଟି ହୋଇଥିଲା।

# ୧୩ରୁ ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ନାମେଣ୍ଟ

**ବାରିପଦା,୯।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଫାଉଣ୍ଡେସନ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସହଯୋଗରେ ଜାତୀୟସ୍ତରୀୟ ମହାରାଜା ସେଭେନସ ରଗବୀ ଟୁର୍ନାମେଣ୍ଟ ଚଳିତ ମାସ ୧୩ ଓ ୧୪ ତାରିଖରେ ବାରିପଦା ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ହେବ। ଏହି ଅବସରରେ ବେଲଗଡ଼ିଆ ରାଜପ୍ରାସାଦରେ ମୟୂରଭଞ୍ଜ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଥର ପାଇଁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଉପରେ ମହାରାଣୀ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ପୁରୁଷ ବିଭାଗରେ ବାରିପଦା, ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ, କଳିଙ୍ଗ ରଗବୀ ଟିମ, କୋଲକାତାର ଫ୍ୟୁଚର ହୋପ ହାର୍ଲକିନ ଓ ଫ୍ୟୁଚର ହୋପ ଯାକେଲ, କୋଲକାତା ପୋଲିସ, ତାମିଲନାଡୁ ପୋଲିସ, ଝାଡ଼ଖଣ୍ଡ ହାକ୍ସ, ଦିଲ୍ଲୀ ହରିକେନ୍ସ ଓ ମୁମ୍ବାଇ ମାଜିସିଆନ ଏବଂ ମହିଳା ବିଭାଗରେ ଫ୍ୟୁଚର ହୋପ, କୋଲକାତା ପୋଲିସ, କଳିଙ୍ଗ ରଗବୀ, ସରସ୍ୱତୀପୁର ସିଲିଗୁରି, ଆସାମ, ବାରିପଦା, ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଅଂଶଗ୍ରହଣ କରିବେ ବୋଲି ସହ ଆୟୋଜକ ଦିବ୍ୟ ରଞ୍ଜନ ଦାସ ପ୍ରକାଶ କରିଥିଲେ। ପ୍ରତ୍ୟେକ ଦିନ ସକାଳ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ କ୍ଲବରେ ବହୁ ଅନ୍ତର୍ଜାତୀୟ ଓ ବିଦେଶୀ ଖେଳାଳିଙ୍କ ଖେଳ ଦେଖିବାର ସୁଯୋଗ ମିଳିବ । ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଟୁର୍ନାମେଣ୍ଟର ବହୁଳ ପ୍ରଚାର ଓ ପ୍ରସାର ଉପରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଫାଉଣ୍ଡେସନର ସଦସ୍ୟ ବିଭୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ।


ବେଲଗଡ଼ିଆ ରାଜପ୍ରାସାଦରେ ମୟୂରଭଞ୍ଜ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

## ପେଟ ପାଇଁ ଦୁଃସାହସିକ ଖେଳ

# କୁନି ଝିଅ ସାଜିଛନ୍ତି ବାଉଁଶରାଣୀ

**ଢେଙ୍କୋଟ, ୯।୧୨(ନୀଳମଣି ମଣ୍ଡଳ)**

ପେଟ ପାଇଁ ନାଟା କୁନି ଝିଅ ବାଉଁଶ ରାଣୀ ସାଜି ଦେଖାଉଛନ୍ତି ଦୁଃସାହସିକ ଖେଳ। କେନ୍ଦୁଝର ଜିଲା ଢେଙ୍କୋଟ ହାଟପଡ଼ିଆରେ ମଙ୍ଗଳବାର ପୂର୍ବାହ୍ଣ ୧୧ଟା ବେଳେ ଜଣେ ୭ ବର୍ଷର ଝିଅ ବାଉଁଶରାଣୀ ଖେଳ ପ୍ରଦର୍ଶନ କରିଛନ୍ତି। ଛତିଶଗଡ଼ ରାୟଗଡ଼ ଗ୍ରାମର ବିକ୍ରମ ଓ ପିଙ୍କିଙ୍କ ୭ ବର୍ଷର ଝିଅ ପାୟଲ। ଦୁଇ ପଟେ ଖୁଣ୍ଟ ଦ୍ୱାରା ବନ୍ଧା ହୋଇଥିବା ରଶିରେ ଏକ ବାଉଁଶ ବାଡ଼ି ଧରି ବାଲାନ୍ସ କରି ଚାଲିବା, ଆଣ୍ଠେଇକି ଚାଲିବା, ଗୋଟିଏ ଗୋଡ଼ରେ ଚାଲିବା, ଥାଳି ଉପରେ ଚାଲିବା ଆଦି ବିଭିନ୍ନ ପ୍ରକାର ଖେଳ ସେ ପ୍ରଦର୍ଶନ କରିଥିଲେ। ଏକ ସାଉଣ୍ଡ ବକ୍ସ ରେକର୍ଡ ବାଜୁଥାଏ। ପାଏଲ ଗୋଟିଏ ପରେ ଗୋଟିଏ ଖେଳ ପ୍ରଦର୍ଶନ କରୁଥାନ୍ତି। ଶିଶୁର ଏଭଳି ଦୁଃସାହସିକ ଖେଳ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଦୋକାନୀଙ୍କ ସାଙ୍ଗକୁ ଦର୍ଶକଙ୍କ ମନ କିଣି ନେଉଥିଲା କୁନି ଝିଅର ବାଉଁଶରାଣୀ ଖେଳ। ଖେଳ ସାରିବା ପରେ ଏକ ଥାଳି ଧରି ଦର୍ଶକଙ୍କୁ ତାଙ୍କ ପରିଶ୍ରମର ପାଉଣା ମାଗିବା ପାଇଁ ଆସିଥିବା ବେଳେ ତୁମେ ପାଠ ନ ପଢ଼ି କାହିଁକି ବାଉଁଶରାଣୀ ଖେଳ କରୁଚ ବୋଲି ପଚାରିବାରୁ ପାୟଲ କହିଥିଲେ, ଚାଲି ଶିଖିବାଠାରୁ ମା' ବାପା ତାଙ୍କୁ ଏହି ଖେଳ ଶିଖାଇ ଗାଁ ଗାଁ ବୁଲି ଖେଳ ପ୍ରଦର୍ଶନ କରୁଛନ୍ତି। ଏହାଦ୍ୱାରା ଯାହା ଅର୍ଥ ରୋଜଗାର ହୁଏ ସେଥିରେ ସେମାନେ ଚଳି ଆସୁଛନ୍ତି। ରାଜ୍ୟ ରାଜ୍ୟ ବୁଲି ଏହିପରି ଖେଳ ପ୍ରଦର୍ଶନ କରୁଛନ୍ତି। ମା', ବଡ଼ ଭଉଣୀ ଓ ଜଣେ ସାନ ଭଉଣୀଙ୍କ ସହ ସେ ବୁଲି ବୁଲି ବାଉଁଶରାଣୀ ଖେଳ ପ୍ରଦର୍ଶନ କରୁଛନ୍ତି ବୋଲି କୁନି ପାୟଲ କହିଥିଲେ। ତେବେ ଛତିଶଗଡ଼ ସରକାର ଏଥିପ୍ରତି ଦୃଷ୍ଟି ଦେଇ କୁନି ଝିଅମାନଙ୍କୁ ବାଉଁଶ ରାଣୀ ନ ସଜାଇ ସେମାନଙ୍କ ପାଠପଢ଼ା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ମତପ୍ରକାଶ ପାଇଛି।


ଢେଙ୍କୋଟ ହାଟପଡ଼ିଆରେ ବାଉଁଶରାଣୀ ଖେଳ।

# ପୋଲ ତଳକୁ ବାଇକ୍ ଖସି ୨ ମୃତ

ଓଡ଼ଗାଁ,୯।୧୨ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଗିରିପିଲ୍ଲୀ ପଞ୍ଚାୟତ ଧଖୋଲା ଗ୍ରାମର ଫକୀର ନାୟକ(୪୫) ଓ ରାଜେନ୍ଦ୍ର ନାୟକ(୪୦)ଙ୍କର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଉଭୟେ ସୋମବାର ରାତିରେ ନିକଟସ୍ଥ ବେଲଗୁଆର ଗ୍ରାମରୁ ଗୋଟିଏ ବାଇକ୍‌ରେ ଫେରୁଥିବା ବେଳେ ତୋଡ଼ିଗାଡ଼ିଆ ଗ୍ରାମ ନିକଟରେ ରାସ୍ତାରେ ଥିବା ଏକ ଶଖରେ ପିଟିହୋଇ ପୋଲ ତଳକୁ ଖସି ପଡ଼ିଥିଲେ। ଉଭୟେ ଦୁର୍ଘଟଣାଗ୍ରସ୍ତ ହୋଇ ଚେତାଶୂନ୍ୟ ଅବସ୍ଥାରେ ରାତି ସାରା ପୋଲ ତଳେ ପଡ଼ି ରହିଥିଲେ। ମଙ୍ଗଳବାର ସକାଳୁ ଏନେଇ ବାହାଡାଖୋଲା ଫାଣ୍ଡି ପୋଲିସ ସୂଚନା ପାଇ ସ୍ଥାନୀୟ ଦମକଳ ବାହିନୀ ସାହାଯ୍ୟରେ ଉଭୟଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିବା ସହିତ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ଗଛରେ ପିଟିହେଲା ବାଇକ୍, ୨ ମୃତ

ବାଲିଗୁଡ଼ା,୯।୧୨ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବିରାଗୁଡ଼ା ଗ୍ରାମ ନିକଟରେ ମଙ୍ଗଳବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଗଛରେ ପିଟି ହୋଇଯିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବାଟାଗୁଡ଼ା ପଞ୍ଚାୟତ ପୁରୁଣା ବାଟାଗୁଡ଼ା ଗ୍ରାମର ଆଲୋଚ ମଲ୍ଲିକ (୧୬) ଓ ଜୀବନ କୁମାର ନାୟକ (୧୯)। ଗୁରୁତର ଆହତ ଗେହି ଗ୍ରାମର ଆସ୍ତିର ମଲ୍ଲିକ ବୋଲି ଜଣାପଡ଼ିଛି। ଅପରାହ୍ନରେ ୩ ଯୁବକ କେଟିଏମ୍ ବାଇକ୍ (ନଂ.ଓଡି ୧୨ ଜି ୩୧୫୮)ରେ ବାରଖମା ଅଞ୍ଚଳରୁ ବାଲିଗୁଡ଼ା ଅଭିମୁଖେ ଦ୍ରୁତଗତିରେ ଆସୁଥିଲେ। ବିରାଗୁଡ଼ା ନିକଟସ୍ଥ ବୁଲାଣିରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହେଇଯିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ବାଲିଗୁଡ଼ା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଗୁରୁତର ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା | ଭୟରେ ଗାଁ ଛାଡୁଛନ୍ତି ଗ୍ରାମବାସୀ

## ଆଉ ୧୨ ଘଣ୍ଟା ବନ୍ଦ ରହିବ ଇଣ୍ଟରନେଟ୍ ସେବା

ମାଲକାନଗିରି/ କୋରୁକୋଣ୍ଡା,୯।୧୨ (ଦୁର୍ଯ୍ୟୋଧନ ପାତ୍ର/ ଶିବବ୍ରତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଗୁଡ଼ାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାରେ ଏମ୍ଭି-୨୬ ଗ୍ରାମରେ ୩-୪ ଦିନ ଧରି ଲାଗି ରହିଥିବା ତାପ ଉତ୍ତେଜନାରେ ମଙ୍ଗଳବାର ସୁଧାର ଦେଖିବାକୁ ମିଳିଛି। ଗ୍ରାମରେ ଶାନ୍ତି ବଜାୟ ରଖିବାକୁ ଜିଲାରେ କରାଯାଇଥିବା ଇଣ୍ଟରନେଟ୍ ସେବା ବନ୍ଦ ସହ ବିଦେଶୀ ମଦଦୋକାନ ବନ୍ଦକୁ ଆଉ ୧୨ ଘଣ୍ଟା ପାଇଁ ବୃଦ୍ଧି କରାଯାଇଛି। ବିଭିନ୍ନ ଗ୍ରାମର ଲୋକେ ପୁଣି ଗଣ୍ଡଗୋଳର ଆଶଙ୍କାକରି ଭୟରେ ଜିନିଷପତ୍ର ଧରି ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଉଥିବା ଦେଖିବାକୁ ମିଳିଛି। ଘଟଣାରେ ଅଭିଯୁକ୍ତ ସୁଖ ମଣ୍ଡଳଙ୍କୁ ଗିରଫ କରାଯାଇ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯିବ ବୋଲି ମାଲକାନଗିରି ଆଇଆଇସି ରିଗାମ୍ କିଣ୍ଡୋ ସୂଚନା ଦେଇଛନ୍ତି।

ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହାୟତା ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ଘୋଷଣା କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ରେଡ଼କ୍ରସ୍ ପାଣ୍ଠିରୁ ମୃତଦେହ ସତ୍କାର ବାବଦକୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ମୃତାଙ୍କ ପରିବାର ଲୋକଙ୍କୁ ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଜିଲାପାଳ ସୋମେଶ ଉପାଧ୍ୟାୟ କହିଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଏମ୍ଭି-୨୬ ଗ୍ରାମରେ ସିସିଟିଭି ସହ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଗାଁ ଚାରିକଡ଼ ଉପରେ ବିଏସ୍‌ଏଫ୍, ସିଆରପିଏଫ୍, ପୋଲିସ ମୁତୟନ ହୋଇ କଡ଼ା ନଜର ରଖୁଛନ୍ତି। ଘଟଣାସ୍ଥଳରେ କୋରାପୁଟ ଡିଆଇଜି, ଏସ୍‌ପି ବିନୋଦ ପାଟିଲ ଓ ଜିଲାପାଳ ସୋମେଶ ଉପାଧ୍ୟାୟ ଉପସ୍ଥିତ ଥିବା ସୂଚନା ରହିଛି। ସୂଚନା ମୁତାବକ, ଜିଲାପାଳ ସୋମେଶ ଉପାଧ୍ୟାୟ ସମାଜର ନେତୃମଣ୍ଡଳୀ ଆଦିବାସୀ ଆଲୋଚନାକରି ସର୍ବସହମତିରେ କୋରାପୁଟରୁ ଡାକ୍ତରୀ ଟିମ୍ ଆସି ସୋମବାର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ଜିଲା ପ୍ରଶାସନ ଓ ଆଦିବାସୀ ସଂଘର ଉପସ୍ଥିତିରେ ଶାନ୍ତିପୂର୍ଣ୍ଣ ଭାବେ ରାଖେଲଗୁଡ଼ା ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତାଙ୍କ ମୁଣ୍ଡ ମିଳି ନ ଥିବାରୁ ତାଙ୍କ ପରିବାର ଲୋକେ ସମ୍ମାନ ଦୃଷ୍ଟିରୁ ବିଭିନ୍ନ ଏକ ମୁଣ୍ଡ ତିଆରିକରି ବିଭିନ୍ନ ସୁନା ଅଳଙ୍କାର ପିନ୍ଧାଇ ମୃତଦେହ ପାଖରେ ରଖି ପୋତିଥିବା ଦେଖିବାକୁ ମିଳିଛି। ରାଖେଲଗୁଡ଼ା ଗ୍ରାମବାସୀଙ୍କ ସମେତ ଜିଲାପାଳ ସୋମେଶ ଉପାଧ୍ୟାୟ, ଦକ୍ଷିଣାଞ୍ଚଳ ଡିଆଇଜି ଡ.କନ୍ୱର ବିଶାଳ ସିଂହ, ଏସ୍‌ପି ବିନୋଦ ପାଟିଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ୭ ଦଫା ଦାବି ସମ୍ବଳିତ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ହତ୍ୟାକାଣ୍ଡରେ ଲିପ୍ତଥିବା ଅଭିଯୁକ୍ତମାନଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିବା, ମୃତ ବ୍ୟକ୍ତିଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟକରି ତୁରନ୍ତ ବାହାରକରିବା, ଜବରଦଖଲ ଜମିକୁ ଗ୍ରାମସଭାକୁ ଫେରସ୍ତ ଦେବା, ଏଭଳି ନୃଶଂସ ହତ୍ୟା କରୁଥିବା ବ୍ୟକ୍ତିଙ୍କୁ ଜିଲ୍ଲାରୁ ବହିଷ୍କାର କରିବା, ଏମ୍ଭି-୨୬ ଗ୍ରାମକୁ ସବୁଦିନ ପାଇଁ ଜିଲ୍ଲାରୁ ବାଦ୍ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଗାଁରେ ୧୮୮ ଘର ମଧ୍ୟରୁ ୧୬୩ ଘର ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି।

## [GOVERNMENT OF ODISHA]
## BLOCK DEVELOPMENT OFFICER PANCHAYAT SAMITI, NUAGAON

E-mail : ori-snuagaon@nic.in

INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO. SNG 01/2025-26

No.2845/PSNuagaon Dt.03.12.2025

e-Tender Notice Bid Identification No. PSNuagaon-01/2025-26

No.I-414 : The BDO, Nuagaon Panchayat Samiti on behalf of Governor of Odisha invites Percentage Rate bids in online mode for Construction of the work as detailed below.

| | | |
|---|---|---|
| 1. | Number of works | 1 (One) |
| 2. | Nature of work | Civil Construction work |
| 3. | Class of Contractor | C & D |
| 4. | Period of completion | 6 (Six) Calendar Months |
| 5. | Estimated cost | Rs.1682095/- lakh |
| 6. | Date & time of online availability of details of this notice and the Tender Documents | 06.12.2025, 11.00 A.M. to 18.12.2025 upto 5.00 P.M. in the Site www.tendersorissa.gov.in and in the office of the BDO, Nuagaon Panchayat Samiti (on working days) |
| 7. | Last date of receipt of online Bid | 18.12.2025 upto 5.00 P.M. |
| 8. | Mode of submission of Tender documents | The documents should be uploaded through online |
| 9. | The date of opening of Bids received on-line | 19.12.2025 at 11.00 A.M. in the office of the BDO, Nuagaon Panchayat Samiti |
| 10. | Designation and address of the authority inviting Bids | BDO, Nuagaon Panchayat Samiti |

The bidders have to participate through online bidding only.

Sd/- Block development Officer
Nuagaon Panchayat Samiti

OIPR-19358/11/0010/2526

## "e" PROCUREMENT NOTICE REFERENCE NO-E.E.(A), MAYURBHANJ DIVISION, BARIPADA-04/25-26

No.3287 Date : 06.12.2025

No.L-27 : Bid documents consisting of work, estimate cost, cost of Tender Papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. https://tenderodisha.gov.in.

1. No. of work : 20
2. Estimated cost : Rs.2,25,764.00 To Rs.39,52,939.00
3. Period of completion : 30 days to 90 days
4. Date & time of availability of the Bid documents in the portal : Dt.08.12.2025 at 10.30 A.M. to Dt.19.12.2025 at 5.30 P.M.
5. Online Submission Last date in portal : Dt.19.12.2025 at 5.30 P.M.
6. Last date & time receipt of bids in offline drop : Dt.09.12.2025 at 10.30 A.M. to Dt.20.12.2025 at 5.30 P.M.
7. Bids received online shall be opened on : Dt.22.12.2025 at 11.00 A.M.
8. Name and address of the officer inviting Bids : Executive Engineer (Agril.) Mayurbhanj Division, Baripada

Further details can be seen/downloaded from the procurement portal i.e. https://tenderodisha.gov.in.

Sd/- Executive Engineer (Agril.)
Mayurbhanj Division, Baripada

OIPR-01474/11/0014/2526

## Odisha State Road Transport Corporation

Paribahan Bhawan, Sachivalaya Marg
Bhubaneswar, Odisha 751009
Email: osrtc@od.gov.in, Phone No.0674-2530908
No.14538, Date:06/12/2025

No.CAD-2620 **EXPRESSION OF INTEREST**

EXPRESSION OF INTEREST (EOI) MASTER CONCESSIONAIRE FOR REVENUE GENERATION THROUGH ADVERTISEMENTS IN VIDEO WALLS/ HOARDINGS/ OPEN SPACES IN OSRTC BUS STANDS/ DEPOTS AS WELL AS IN ATAL BUS STANDS UNDER OSRTC.

Odisha State Road Transport Corporation (OSRTC) invites Proposal from interested agencies for the above-mentioned EoI. Please refer to the EoI document for details.

- The EoI document shall be available from 08.12.2025 onwards in the following web portal: www.osrtc.org and https://tendersodisha.gov.in. **Any further intimation (i.e. Corrigendum/ Addendum/ Responses to the queries/ Clarifications) shall be uploaded in the above website only.**
- Applicants are required to submit a duly filled EoI Proposal as per the prescribed formats online on or before 29.12.2025 by 05.00 P.M. The EoI Proposals received shall be opened at 04.30 PM on 30.12.2025.
- In case of any queries/ clarifications, E-mail at osrtc@od.gov.in
- OSRTC reserves the right to accept or reject bid process without assigning any reasons thereof.

Sd./- General Manager (Admin)
OSRTC, Bhubaneswar

OIPR-38002/11/0035/2526

## ODISHA ECOTOURISM SOCIETY

O/o PRINCIPAL CHIEF CONSERVATOR OF FOREST WILDLIFE & CHIEF WILDLIFE WARDEN, ODISHA
PRAKRUTI BHAWAN, SAHEED NAGAR, BHUBANESWAR

**Invitation of Tender for Empanelment of Agencies for supply of Linen Items & Promotional Merchandise.**

No.OETS/01/2025-26 Dt.06.12.2025

No.MM-349: Odisha Ecotourism Society invites sealed bids from eligible agencies for empanelment for supply of Linen Items and Promotional Merchandise.

Bid Start Date-08.12.2025
Bid end Date- 22.12.2025 upto 1.00 P.M.
For more details visit www.wildlife.odisha.gov.in
Bid must be submitted either physically or by Speed Post/ Registry Post only in the below address.

O/o PCCF (WL) & CWLW, Odisha
Plot No.-1459, Prakruti Bhawan, Saheed Nagar, Bhubaneswar, Odisha-751007

OIPR-08141/11/0025/2526 Sd./- Dy. Conservator of Forests (ET)

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR

No.B-808

E-mail - eesbprnbdivision2@gmail.com, Phone : 0663-2410104

BID IDENTIFICATION NO. SE / R and B / SBP II / 06 (online) / 2025-26
No. 5321 /Dated. 04.12.2025

**E-procurement notice**

| | | |
|---|---|---|
| 1 | The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Double/Single cover System in ONLINE MODE. | |
| 2 | No. of works | 3 nos works<br>Road works - 2 nos.<br>Building work - 1 no. |
| 3 | Tender Cost | Rs.10,000/- & Rs. 6,000/- Each paper |
| 4 | Class of Contractor | 'C', & 'B' Class Contractor |
| 5 | Availability of bid document in the website | 11:00 Hours 09.12.2025 to 17:00 Hours of 20.12.2025 |
| 6 | Date of Opening of Tenders | 11:30 Hours on dated 22.12.2025 |
| 7 | The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only. Any Corrigendum / Addendum / Cancellation of tender will be displayed in the website said only. | |

Sd/- Superintending Engineer
Sambalpur (R&B) Division No.II

OIPR-34136/11/0021/2526

## ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
## Odisha Rural Development & Marketing Society

*creating competence and values in rural Odisha*
Panchayati Raj and DW Department, Government of Odisha

ORMAS

No.3679 Date : 06.12.2025
File No. -

**Request For Proposal (RFP)**

**Selection of agency for Tentage and Allied Works for Sisir Saras-2026 in Bhubaneswar, Odisha**

No.CAD-2627 : ORMAS under the Panchayati Raj & Drinking Water Department, Government of Odisha (The Client) invites sealed proposals (under two bid systems) from the eligible bidders through e-tender process for "Selection of agency for Tentage and Allied Works for Sisir Saras-2026 in Bhubaneswar, Odisha". Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.ormas.org/panchayat.odisha.gov.in/www.tendersodisha.gov.in

The major events under the bid process are :

| Sr. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 06.12.2025 |
| 2 | Date of Pre-proposal Meeting | 16.12.2025 (at 11:30 A.M.) |
| 3 | Last Date for Submission of Proposal | 26.12.2025 (by 10:00 A.M.) |
| 4 | Date of Opening of Technical Bid & Technical presentation | 26.12.2025 (at 10:30 A.M.) |
| 5 | Date of Opening of financial proposal | 26.12.2025 at 04:30 P.M. |
| 6 | Method of Selection | Quality cum Cost Based Selection (QCBS) |

The bidders must apply their proposal through e-tender process latest by 26.12.2025 at 10:00 A.M. clearly mentioning "Request For Proposal - Selection of agency for Tentage and Allied Works for Sisir Saras-2026 in Bhubaneswar, Odisha". The proposals received beyond the last date and time will be rejected without assigning any reason. The authority reserves all the rights to reject any/all proposals at any stage without assigning any reason thereof.

By order of CEO, ORMAS

OIPR-19004/11/0033/2526 Sd/- Additional CEO (Finance), ORMAS

## ZILLA SWASTHYA SAMITI, JHARSUGUDA

Office of the CDM&PHO-cum-Dist. Mission Director
Jharsuguda, Odisha-768204

No.3865/NHM/IEC/25 Dt.06.12.25

**TENDER CALL NOTICE**

No.E-578: Sealed tenders are invited from reputed registered firms/agencies/ dealers having adequate experience in taking up the works of printing of forms, Booklets, Poster, Calendar, Leaflets, Banner, Sun Board with vinyl print, Standee, Flex Printing for hoarding & fixing IEC Materials, forms etc. of ZSS, Jharsuguda. The willing Agencies/ firms are requested to submit sealed tenders on or before 29.12.2025 till 5.00 PM through Speed Post/ Registered Post/ Courier only. The detailed Tender document and terms conditions is available in the district website www.jharsuguda.odisha.gov.in. This office will not entertain any tender after the due date/time fixed for in any circumstances. The undersigned reserves the right to reject any or whole RFP without assigning any reason thereof.

Sd./- CDM&PHO cum District Mission Director, NHM, Jharsuguda

OIPR-10037/11/0023/2526

## COUNCIL OF HIGHER SECONDARY EDUCATION ODISHA

C/2 PRAJNAPITHA, SAMANTAPUR, BHUBANESWAR-13

**NOTIFICATION**

Bhubaneswar, Dated 06th December, 2025

**Extension of Timeline for Central Sector Scheme of Scholarship**

**No.N-224 :** No.S.W.116/2025/6474/CHSE(O), This is for information of the Students and INO/DNO that timeline for all Post Matric/Top class Central Sector Schemes of Scholarship has been extened as under.

| Particulars | Extension Granted Upto |
|---|---|
| Last date for filling up of applications forms | 15.12.2025 |
| Last date for first level (L1) verification of application forms | 31.12.2025 |
| Last date for second level (L2) verification of application forms | 15.01.2026 |

Please visit the web-site (NSP) www.scholarships.gov.in for further information.

By order of the Chairman
Sd./- Secretary

OIPR-11003/11/0027/2526

## GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER UPPER INDRAVATI DAM CIRCLE

AT/PO-KHATIGUDA, DIST-NABARANGPUR, PIN-764085
Email I.D.: add.ceuidc@gmail.com

No.A-1084: **e-Procurement Notice**

Bid Identification No.ACEUIDC-01(04)/2025-26, Dated:- 06.12.2025

Bid documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | |
|---|---|---|
| 1. | Name of the Work | Road Works |
| 2. | No. of Works | Four Numbers |
| 3. | Estimated Cost | Rs.2.37 Crore to Rs.2.38 Crore (Four number of works) |
| 4. | Class of Contractor | 'B' & 'A' |
| 5. | Period of Completion | Two Calendar Months (Four number of works) |
| 6. | Date of Clarification | 11.12.2025 to 17.12.2025 only During Office Hour |
| 7. | Time for Receipt of Bid in the Portal | From 11.12.2025 11.00 AM to 25.12.2025 (upto 5.00 PM) |
| 8. | Date & Place of Opening of the Technical Bid online | 26.12.2025 (11.30 AM) O/o. Additional Chief Engineer, Upper Indravati Dam Circle, Khatiguda, Nabarangpur, Odisha |
| 9. | Name of the Tender Inviting Authority (TIA) | Additional Chief Engineer, Upper Indravati Dam Circle, Khatiguda |

Further details can be seen from the e-procurement portal http://tendersodisha.gov.in.

Sd/- Additional Chief Engineer
Upper Indravati Dam Circle, Khatiguda

OIPR-32075/11/0002/2526

## GOVERNMENT OF ODISHA
## OFFICE OF THE DEPUTY DIRECTOR, GEOLOGY GROUND WATER DEVELOPMENT DIVISION, BOLANGIR

Jyotinagar, Laitikra, P.O.:Rajendra College, Dist-Bolangir, PIN-767002
e-mail: srgeologistbolangir@gmail.com
Letter No.992, Date: 04.12.2025

No.A-1067: **National Competitive Bidding Through e-Procurement**

Identification No.03/GWDBLGR/CHHATA/ARUA 2025-26 of 2025-26, Dt.08.12.25

**e-Procurement Notice**

01. Name of the Work : 05 Nos. Work
02. Type of Bid : Single System
03. Estimated Cost : Rs.07.77 Lakh to 18.21 Lakhs
04. Period of Completion : 01 Calendar Month
05. Date & Time of availability of bid document in the Portal : From 11.00 AM of dt.08.12.2025 to 5.00 P.M. of 18.12.2025
06. Last date/time of receipt of bids in the Portal : 5.00 P.M. of 18.12.2025
07. Date & Time of opening of technical Bids : At 11.30 AM of 19.12.2025
08. Name and address of the Officer Inviting Bid : Deputy Director, Geology Ground Water Development Division, Jyotinagar, Laitikra, P.O.-Rajendra College 767002, Bolangir, Dist-Bolangir

Further details can be seen from the website www.tendersodisha.gov.in.

Sd./- Deputy Director, Geology
G.W.D. Division, Bolangir

OIPR-32471/11/0009/2526

## DIRECTORATE OF MINOR MINERALS
## STEEL AND MINES DEPARTMENT, GOVT. OF ODISHA
## LOKSEVA BHAWAN, BHUBANESWAR-751001

Tel No.0674-2532113, E-mail : dirmms-rev@od.gov.in
No.DOMM-DMM-ESTT-0012-2023 3160 Date : 08.12.2025

TENDER NOTICE
FOR
PROVIDING OFFICE ASSISTANT SERVICE & PEON/ ATTENDANT/OFFICE SUPPORT STAFF SERVICE
IN
DIRECTORATE OF MINOR MINERALS, ODISHA, BHUBANESWAR
THROUGH OUTSOURCING

No.G-44 : Bids in sealed cover are invited under two-bid system from reputed and experienced manpower service provider for **providing Office Assistant service and Peon/Attendant/Office support staff in the Directorate of Minor Minerals, Odisha, Bhubaneswar-751001 on outsourcing basis.**

The details of the bidding process are as follows :

| SL. NO. | BIDDING SCHEDULE | DATELINE |
|---|---|---|
| 1 | Date of commencement of Sale of Tender Paper | 09.12.2025 |
| 2 | Last date of Issue of Tender Paper | 23.12.2025 |
| 3 | Cost of Tender document / Bid processing fee | Rs.1180/- (including GST) |
| 4 | Last date of Receipt of Tender paper (Only through Regd. Post/Speed Post) | 23.12.2025, 5.00 P.M. |
| 5 | Date of Opening of the Tender<br>i. Technical bid<br>ii. Financial bid of eligible bidders | <br>24.12.2025, 11.45 A.M.<br>29.12.2025, 11.45 A.M. |
| 6 | Place of opening tender paper | Directorate of Minor Minerals, Block No.06, Ground Floor, Lokseva Bhawan, Odisha, Bhubaneswar-751001 |
| 7 | Address to receipt of Bid documents | Directorate of Minor Minerals, Block No.06, Ground Floor, Lokseva Bhawan, Odisha, Bhubaneswar-751001 |

Bidders are required to submit the Technical and Financial Bids separately. The bids in sealed **Cover-I** containing **"Technical Bid"** and sealed **Cover-II** containing **"Financial Bid"** should be placed in a third sealed cover superscribed **"BID FOR PROVIDING OFFICE ASSISTANT SERVICE & PEON/ATTENDANT/OFFICE SUPPORT STAFF SERVICE IN DIRECTORATE OF MINOR MINERALS, ODISHA, BHUBANESWAR THROUGH OUTSOURCING"** must reach the undersigned on or before **dt.23.12.2025 by 5.00 P.M. by Speed Post/Registered Post only**. Manually submitted (in-person/hand-delivered) bid documents shall be rejected. In case the closing date for sale of tender paper or/and last date for receipt of tender document happens to be a holiday, the activity will be held on the immediate next working day at the same time and place.

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from **www.odishaminerals.gov.in**

Complete address for submission of bid :
**The Director of Minor Minerals, Block No.06, Ground Floor, Lokseva Bhawan, Odisha, Bhubaneswar-751001**

Sd/- DIRECTOR OF MINOR MINERALS
ODISHA, BHUBANESWAR

OIPR-30001/11/0018/2526

## ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
## OFFICE OF THE EXECUTIVE ENGINEER, LIFT IRRIGATION DIVISION, BALASORE

No.CAD-2604: E-mail: eelidvnbls@yahoo.com

**e-Procurement Notice**

Bid Identification No.05/2025-26/Dt.05.12.2025

1.Name of the Tender inviting officer: Executive Engineer, L.I.Division, Balasore representing Odisha Lift Irrigation Corporation Ltd.,Bhubaneswar. 2.Name of the Work: Installation, Energisation of 155 nos. (New BKVY-155 nos.) CLIP in Sadar, Remuna, Nilagiri, Oupada, Bahanaga, Soro, Khaira & Simulia Block of Balasore District. 3. No. of Packages: 155 nos. (BKVY-2025-26). 4. Cost of Tender Amount: Varies from Rs.27,36,173/- to Rs.33,50,122/-. 5. Date and time of availability of bid document in portal for online bidding from 11.12.2025 at 11.00 hrs. to dated 23.12.2025 at 17.00 hrs. 6. Last date and time of receipt of bid in the portal dated 23.12.2025 upto 17.00 hrs. 7. Last date & time to seek clarification dated 22.12.2025 upto 17.00 hrs. 8. Date of opening of Technical bid (Cover-1) dated 24.12.2025 at 11.00 hrs. 9. Date of opening of Financial bid will be informed after evaluation of Technical bid. 10. Further details can be seen from the e-procurement portal of Govt. of Odisha i.e. www.tenderodisha.gov.in.11. Subsequent Corrigendum/ addendum/ Cancellation if required shall be available in above portal.

Sd./- Er. S.C. Munda
Executive Engineer, L.I. Division, Balasore

OIPR-32150/11/0007/2526

## OFFICE OF THE DIVISIONAL FOREST OFFICER PURI (WL) DIVISION

Phone No.06752-228281 (Office) Email:dfo.puriwl@odisha.gov.in
Notice No: 02/2025-26 Dated 06.12.2025

**EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT(DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANG), BELESWAR BEACH AND TOURIST BEACH AT PHULPATNA BEACH, PURI, ODISHA**

**No.MM-353:** The Divisional Forest Officer, Puri Wildlife Division invites Expression of Interest (EOI) for preparation of **Detailed Project Report (DPR)** for development of proposed Blue Flag Beaches at Pir Jahania (Astarang), Beleswar Beach and a Tourist Beach at Phulpatna, Puri, Odisha. Agencies/individuals interested in applying may submit their duly filled application with complete information as required as per the EOI document. The last date for submission of bids is **15.12.2025 up to 5.30 PM.** The parties will present their detailed plan of execution before a committee on **16th December,2025** at 11.00 AM in the conference hall of the undersigned. For detailed notice and for participation, please visit the websites **www.puri.odisha.gov.in** & **www.odishaforest.in**. All queries may be addressed to **dfo.puriwl@odisha.gov.in** .
**NB: Cost of Application Form =Rs.500/- (in form of Demand Draft)**

Sd/- Divisional Forest Officer
Puri (WL) Division, Puri

OIPR-08140/11/0023/2526

## ODISHA STATE SEEDS CORPORATION LTD
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdosscltd456@gmail.com

**TENDERS No. - OSSC/ENGG - 137/2025**

**No.CAD-2617 :** Managing Director, Odisha State Seeds Corporation Ltd. invites Item Wise Rate Tender in **Double Cover System** through **ONLINE MODE ONLY** for the works below.

| | | |
|---|---|---|
| 1 | Nature of Work | Supply of Producer Labels for the year 2025-26 |
| 2 | No. of Work | 1 job - 63,00,000 Nos. of Producer label to be purchased |
| 3 | Bid Cost | Rs.6,720/- |
| 4 | Value of Tender | Rs.39,00,000.00 (Approx without GST) |
| 5 | EMD | Rs.78,000.00 |
| 6 | Class of Contractor | Manufacturer / Supplier |
| 7 | Availability of Bid Document | 11.00 hours on dt.09.12.2025 to 17.00 hours on dt.18.12.2025 |
| 8 | Last Date of receipt of tender in the Portal | 17.00 hours on dt.18.12.2025 |
| 9 | Last date of Receipt of Sample only through Speed Post/Regd. Post | 17.00 hours on dt.18.12.2025 |
| 10 | Date / Time of Opening of Bid | 11.30 hours on dt.19.12.2025 |

Further details can be seen from the website https://tendersodisha.gov.in. Any addendum/corrigendum/cancellation can also be seen in the said website.

Sd/- Managing Director
OSSC Ltd., BBSR

OIPR-01045/11/0117/2526

## ତା.୨୬.୧୧.୨୦୨୫ରିଖ
## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ

No.ଗ୍ର-୩୦: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣ ତଥା ମଧୁବାବୁ ପେନସନ୍ ହିତାଧିକାରୀମାନଙ୍କୁ ସୂଚିତ କରାଯାଉଅଛି କି, ଚଳିତ ୨୦୨୫ ମସିହା ଅଗଷ୍ଟ ମାସଠାରୁ ମଧୁବାବୁ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ବର୍ଦ୍ଧିତ ୩୫୦୦ ଟଙ୍କା ହିତାଧିକାରୀମାନଙ୍କର ଭତ୍ତା ବଣ୍ଟନ ସମୟରେ ମୋବାଇଲ application ଜରିଆରେ ଫଟୋ ଉଠାଇବା ବାଧ୍ୟତାମୂଳକ କରାଯାଇଅଛି । ଏହି application ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (Executive Officer) ଙ୍କ ମୋବାଇଲରେ ଉପଲବ୍ଧ ଅଛି ।

ମାତ୍ର, ଏହା ପରିଲକ୍ଷିତ ହେଉଅଛି ଯେ, କିଛି ହିତାଧିକାରୀମାନଙ୍କ କ୍ରମାଗତ ଭାବରେ ଫଟୋ ଉତ୍ତୋଳନ ନିମନ୍ତେ ସହଯୋଗ ନ କରିବା କାରଣରୁ ସେମାନଙ୍କର ଫଟୋ ଉତ୍ତୋଳନ କରାଯାଇପାରୁ ନାହିଁ । ଏଣୁ ସମସ୍ତ ୩୫୦୦ ଟଙ୍କା ଭତ୍ତା ହିତାଧିକାରୀମାନଙ୍କୁ ଅବଗତ କରାଯାଉଅଛି ଯେ, ଯେଉଁମାନେ ଏ ପର୍ଯ୍ୟନ୍ତ ନିଜର ଫଟୋ ଉତ୍ତୋଳନ କରାଇ ନାହାନ୍ତି, ସେମାନଙ୍କୁ ଆସନ୍ତା ଡିସେମ୍ବର ମାସରେ ନିଜର ଫଟୋ ଉତ୍ତୋଳନ ନିଶ୍ଚିତ ରୂପରେ କରାଇବାକୁ । ଯେଉଁ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ହିତାଧିକାରୀମାନଙ୍କର କୌଣସି କାରଣରୁ ଡିସେମ୍ବର ମାସରେ ଫଟୋ ଗ୍ରହଣ କରାଯାଉଅଛି, ସେମାନଙ୍କୁ ମଧ୍ୟ ନିଜ ଫଟୋ ଉତ୍ତୋଳନ ଚଳିତ ଡିସେମ୍ବର ମାସରେ କରାଇବାକୁ ଦେବାକୁ ଅନୁରୋଧ କରାଯାଉଅଛି ।

ଶେଷରେ ଏତଦ୍ୱାରା ଘୋଷଣା କରାଯାଉଅଛି ଯେ, ଯେଉଁମାନେ ନିଜର ଫଟୋ ଉତ୍ତୋଳନ କରାଇ ନାହାନ୍ତି ଏବଂ ଆସନ୍ତା ମାସ ମଧ୍ୟରେ ଫଟୋ ଉତ୍ତୋଳନ ନିମନ୍ତେ ସହଯୋଗ କରିବେ ନାହିଁ, ସେମାନଙ୍କର ନାମ ହିତାଧିକାରୀ ତାଲିକାରୁ ବାଦ୍ କରାଯିବ ଏବଂ ୨୦୨୬ ମସିହା ଜାନୁଆରୀ ମାସରୁ ସେମାନଙ୍କୁ ସରକାରଙ୍କ ତରଫରୁ ମାସିକ ୩୫୦୦ ଟଙ୍କା ଭତ୍ତା ରାଶି ଯୋଗାଇ ଦିଆଯିବ ନାହିଁ ।

OIPR-46001/11/0076/2526 Sd./- ନିର୍ଦ୍ଦେଶିକା

## OFFICE OF THE CHIEF EXECUTIVE, RPRC, BHUBANESWAR

(e-mail id: rprcbbsr@gmail.com), Tel.: (0674)- 2557925
No.T/40/1985/RPRC, Dated:06.12.2025

**REQUEST FOR PROPOSAL**

Bid Identification No.RPRC/42/2025-26

No.MM-348: The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt of Odisha invites RFP for "Design, Development, Supply, Installation and Commissioning of Musical Water Fountain in RPRC, Bhubaneswar" from eligible bidders through e-tendering process through two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in/ e-portal https://rfpc.ewizard.in. The bid calendar under the end-to-end process are.

| EMD in Rs. | Cost of Bid Document in Rs. | Availability of RFP document (online) From | Availability of RFP document (online) To | Date of Opening of (Technical Bid) |
|---|---|---|---|---|
| 35,000/- (Online) | 6,000.00 (Online) | 07.12.2025/ 10.00 AM | 22.12.2025/ 10.00 AM | 22.12.2025/ 11.30 AM |

Addendum/Corrigendum/Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For new bidders). For any other queries regarding registration & online tender submission contact to: Mr. Shivendra Kumar, Mobile-9355030613 and Jitesh Kumar, Mobile-9355030604, e-mail: eprochelpdesk.101@gmail.com

OIPR-08004/11/0049/2526 Sd/-Chief Executive, RPRC, Bhubaneswar

## ODISHA TOURISM DEVELOPMENT CORPORATION LIMITED

(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14

Letter No. **INVITATIONS FOR BIDS (IFB)** Date:06.12.2025

No.CAD-2635: **NOTICE INVITATION FOR BIDS (NIFB)**

**E-Procurement Notice No.BP-I/20/2025-26 dt.03.10.2025**

1.Nature of Work: Civil, P.H., Interior, Electrical Works & Architech Consultant. 2. Total No. of Works: 07 Nos., 3. Value of Works: From Rs.1,88,88,000.00 to 35,00,000.00, 4. Bid Security: As per NIT., 5. Class of Contractor: As per NIT., 6. Period of Completion: 02 (Two) to 09 (Nine) Months., 7. Other details as follows:

| Procurement Officer | Bid Identification No. | Availability of Bid Online From | Availability of Bid Online To | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/24/2025-26 Dt.06.12.2025 | 15.12.2025 | 29.12.2025 | 11.30 Hours of dt.30.12.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.etenderodisha.gov.in.

OIPR-37002/11/0131/2526 Sd/- Superintending Engineer, O.T.D.C. Ltd., Bhubaneswar

## ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣେ କ୍ରୀଡ଼ା

### ମହାବୀର କ୍ରିକେଟ୍ ଟୁର୍ନାମେଣ୍ଟ

ନୀଳଗିରି, ୯।୧୨(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ମହାବୀର କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ସ୍ଥାନୀୟ ବିଡିଓ ବିକ୍ରମକେଶରୀ ପରିଡ଼ା ଏବଂ ମୁଖ୍ୟବକ୍ତା ଭାବେ ନୀଳଗିରି ତହସିଲଦାର ସୋନମ୍ ଦାସ ଉପସ୍ଥିତ ଥିଲେ। କ୍ରୀଡ଼ା ହିଁ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କ୍ଲବ ସଭାପତି ସବ୍ୟସାଚୀ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ ଅଭିଭାଷଣ ରଖିଥିଲେ। ଏହି ଅବସରରେ ସ୍ୱର୍ଗତ କୌଶିକ ରାୟଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଭାସ୍କର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ ୮ଦିନ ଧରି ଚାଲିବ ବୋଲି ସମ୍ପାଦକ ପ୍ରକାଶ କରିଥିଲେ। ନୀଳଗିରି ଅଞ୍ଚଳର ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଜିଲ୍ଲା ଏବଂ ରାଜ୍ୟସ୍ତରରେ ଉନ୍ନତଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

# ସ୍କୁଲ ୟୁନିଫର୍ମ ଯୋଗାଣରେ ଅନିୟମିତତା

### ନିର୍ଦ୍ଧାରିତ ସମୟର ୨ମାସ ବିତିଲା, ୫୦ ପ୍ରତିଶତ ସ୍କୁଲକୁ ମିଳିନି ପୋଷାକ

ଖଇରା, ୯।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ପ୍ରାଥମିକ ବିଦ୍ୟାଳୟକୁ ୟୁନିଫର୍ମ ଯୋଗାଣରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସ୍କୁଲକୁ ପୋଷାକ ଯୋଗାଇବାକୁ ଚୁକ୍ତି କରିଥିବା ବହୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନିଜେ ପୋଷକ ସିଲେଇ କରିଦେବା ପରିବର୍ତ୍ତେ କୋଲକାତା ଏବଂ ଅନ୍ୟାନ୍ୟ ବଜାରରେ ନିମ୍ନମାନର ପୋଷାକ କିଣି ଯୋଗାଇଛନ୍ତି। ସିମୁଳିଆ ନିର୍ବାଚନମଣ୍ଡଳୀର ଜଣେ ଲୋକପ୍ରତିନିଧିଙ୍କ ସମର୍ଥକମାନେ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀଙ୍କ ଉପରେ ଚାପ ପକାଇ ମୋଟାଅଙ୍କର ଅର୍ଥ ନେଇଥିବା ଆଲୋଚନା ହେଉଛି। ଏଭଳି ଡ୍ରେସ ଯୋଗାଣ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଅଭିଭାବକ, ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।

ଚଳିତବର୍ଷ ଖଇରା ବ୍ଲକର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୩୯ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ପୋଷାକ ଯୋଗାଇବାକୁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସମଗ୍ର ଶିକ୍ଷା ତରଫରୁ ପତ୍ର ସଂଖ୍ୟା ଆଇଏକ୍ସ-ଜିଇ-୧/୨୫/୩୪୩୨ ତା୧୭।୦୩।୨୫ରିଖ ମାଧ୍ୟମରେ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା। ଏଥିପାଇଁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମହିଳା ସ୍ୱୟଂ ସହାୟିକା, ଉତ୍ପାଦିକା ଗୋଷ୍ଠୀମାନଙ୍କ ମାଧ୍ୟମରେ ଉତ୍ତମମାନର ପୋଷାକ ପ୍ରସ୍ତୁତ କରାଯାଇ ବିଦ୍ୟାଳୟକୁ ପ୍ରଦାନ କରାଯିବା ଲକ୍ଷ୍ୟରେ ୨୩୯ ବିଦ୍ୟାଳୟକୁ ୟୁନିଫର୍ମ ଯୋଗାଇବାକୁ ୧୬୩ଟି ଉଦ୍ୟୋଗ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୫ଶହ ଟଙ୍କା ବ୍ୟୟରେ ପ୍ରତ୍ୟେକ ପିଲାକୁ ୨ହଳ କରି ୟୁନିଫର୍ମ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରକ୍ରିୟା ସେପ୍ଟେମ୍ବର ୨୪ ପୂର୍ବରୁ ସରିବା କଥା। ହେଲେ ସମସ୍ତ ବିଷୟରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୭ହଜାର ୮୩୨ ପିଲାଙ୍କ ପାଇଁ ପିଲା ପିଛା ୫ଶହ ହିସାବରେ ୮୯ଲକ୍ଷ ୧୬ହଜାର ଟଙ୍କା ପ୍ରଦାନ କରାଯାଇଛି। ମାତ୍ର ୧୦ପ୍ରତିଶତ ସ୍ୱୟଂ ସହାୟିକା ଗୋଷ୍ଠୀ ନିଜ କପଡା ସିଲେଇ କରି ଦେଇଥିବା ବେଳେ ୯୦ପ୍ରତିଶତ ଗ୍ରୁପ ଓ ଉଦ୍ୟୋଗ କୋଲକାତା ତଥା ଅନ୍ୟ ବାହାର ବଜାରରୁ କିଣି ଯୋଗାଇଛନ୍ତି ଯାହା ଅତ୍ୟନ୍ତ ନିମ୍ନମାନର। ଏ ସମ୍ପର୍କରେ କିଛି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କୁ ପଚାରିବାରେ ଜଣେ ନେତାଙ୍କ ସମର୍ଥକମାନେ ପ୍ରତ୍ୟେକ ହଳ ଡ୍ରେସରୁ ୧୫ଟଙ୍କା କରି ଆଦାୟ କରିନେବା ପରେ ଆଉ କିଛି ପ୍ରଧାନଶିକ୍ଷକ ମଧ୍ୟ ଗ୍ରୁପମାନଙ୍କ ସହ ଚୁକ୍ତି ସମୟରେ ପିଲା ପିଛା ୨୦ରୁ ୫୦ଟଙ୍କା ଦାବି କରୁଥିବାରୁ କପଡାର ମାନ ଠିକ୍ ରଖିବା ସମ୍ଭବ ହେଉନାହିଁ ବୋଲି ନିଜ ନାମ ଗୋପନ ରଖି କହିଛନ୍ତି। ସେହିଭଳି ନିର୍ଦ୍ଧାରିତ ସମୟ ସୀମାର ୨ମାସରୁ ଊର୍ଦ୍ଧ୍ୱ ଅତିକ୍ରାନ୍ତ କରିଯାଇଥିବା ବେଳେ ଆହୁରି ୪୦ ପ୍ରତିଶତ ସ୍କୁଲ କର୍ତ୍ତୃପକ୍ଷ ନିଜ ପିଲାଙ୍କୁ ୟୁନିଫର୍ମ ଦେବାକୁ ସମର୍ଥ ହୋଇପାରିନାହାନ୍ତି। ଏ ସମ୍ପର୍କରେ ଖଇରା ବ୍ଲକ ଦାୟିତ୍ୱରେ ଥିବା ଊପଦା ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ପ୍ରତିକ୍ରିୟା ନେବାରେ ମାତ୍ର କିଛି ସ୍କୁଲକୁ ଛାଡି ବାକି ସ୍କୁଲକୁ ଗ୍ରୁପମାନେ ୟୁନିଫର୍ମ ଦେଇସାରିଛନ୍ତି ଆଉ ଗ୍ରୁପମାନଙ୍କ ନିକଟରୁ ଅର୍ଥ ଆଦାୟ କରାଯିବା ବିଷୟରେ ସେ କିଛି ଜାଣି ନ ଥିବା କହିଛନ୍ତି।

## ସୁନା ବିସ୍କୁଟ୍ ଲୋଭ ଦେଖାଇ ଠକେଇ ଘଟଣା, ୬ କୋର୍ଟଚାଲାଣ



ଗିରଫ ୬ ଅଭିଯୁକ୍ତ।

### ଅଭିଯୁକ୍ତଙ୍କଠାରୁ ୩ଲକ୍ଷ ୨୯ହଜାର, ୫ ମୋବାଇଲ, ୨ ବାଇକ୍ ଜବତ

ନୀଳଗିରି, ୯।୧୨(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରିରେ ନକଲି ସୁନା ବିସ୍କୁଟ କାରବାରରେ ୬ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ମଙ୍ଗଳବାର ନୀଳଗିରି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ନକଲି ସୁନା ବିସ୍କୁଟ୍ କାରବାର ଘଟଣାରେ ନୀଳଗିରି ପୋଲିସ ଚଢ଼ାଉ କରି ଏହାର ମୁଖ୍ୟ କାର୍ପଟଦାର ନୀଳଗିରି ମାନଗଡ଼ ଗ୍ରାମର ଭୁଗୁଲା ମାଝି (୩୫) ଓ ସୋର ଥାନା ଅଞ୍ଚଳର ଜୟନ୍ତ ଜେନା (୨୫)ଙ୍କ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କଠାରୁ ୩ ଲକ୍ଷ ୨୯ ହଜାର ଟଙ୍କା ସହ ୫ ମୋବାଇଲ ଓ ୨ ବାଇକ୍ ଜବତ ହୋଇଛି।

ଏହି ଗ୍ରୁପ୍ ଅତି ଚତୁରତାର ସହ ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲା। ଆଜକୁ ୩ମାସ ପୂର୍ବେ ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅଧିନ ଡିମିରିସେନା ଗ୍ରାମର ସଂଗ୍ରାମ କେଶରୀ ବେହେରା (୪୨) ନାମକ ସରକାରୀ ଶିକ୍ଷକଙ୍କୁ ରେମୁଣା ଥାନା ବଡୁଆଁ ଗ୍ରାମର ଜୟନ୍ତ କୁମାର ମଲ୍ଲିକ (୩୪) ଶସ୍ତାରେ ସୁନା ବିସ୍କୁଟ୍ ଯୋଗାଇଦେବେ କହି ପ୍ରଲୋଭିତ କରିଥିଲେ। ଏ ନେଇ ସମ୍ପୃକ୍ତ ଶିକ୍ଷକ କିଛିଦିନ ପୂର୍ବରୁ ତାଙ୍କ ଶାଳକ ଖୋର୍ଦ୍ଧା ଜିଲା ଦଲକ ଗ୍ରାମର ଜମେଶ୍ୱର ବେହେରାଙ୍କୁ ନେଇ ନୀଳଗିରି ଥାନା ଅଞ୍ଚଳରେ ପହଞ୍ଚି ବିକ୍ରେତାଙ୍କ ମଧ୍ୟରେ ଡିଲ୍ ହୋଇଥିଲା। ପୂର୍ବ ମୂଳଚାଲ ଅନୁଯାୟୀ ଗତ ରବିବାର ସକାଳେ ବ୍ରହ୍ମଗିରିରୁ ଶିକ୍ଷକ ଓ ତାଙ୍କର ଶାଳକ ନିଜ କାର୍ (ନଂ. ଓଡ଼ି୩୩ଡ଼ି-୪୯୮୮) ରେ ନଗଦ ୫ ଲକ୍ଷ ଟଙ୍କା ଧରି ଆସିଥିଲେ। ମାତ୍ର ସେଠାରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ବିକ୍ରେତା ୨ ଜଣ ଆସି କ୍ରେତାଙ୍କ ସହିତ ଡିଲ୍ କରୁଥିଲେ। ଶାଳକ ଜଣକ ବ୍ୟାଗରେ ରଖିଥିବା ୫ଲକ୍ଷ ଟଙ୍କା ଖୋଲୁଥିବା ବେଳେ ଅନ୍ୟ ୪ଜଣ ଦୁଇଟି ବାଇକ୍‌ରେ ନକଲି ପୋଲିସ ବେଶରେ ପହଞ୍ଚି ସେମାନଙ୍କୁ ଧମକ ଚମକ ଦେବା ସହ ନଗଦ ୪ଲକ୍ଷ ୨୦ ହଜାର ଟଙ୍କା ଓ ଶାଳକ ପିନ୍ଧିଥିବା ଏକ ସୁନାଚେନକୁ ନେଇ ୬ଜଣ ଯାକ ଫେରାର ହୋଇଯାଇଥିଲେ। ଶେଷରେ ସମ୍ପୃକ୍ତ ବ୍ୟକ୍ତି ନିରୁପାୟ ହୋଇ ରବିବାର ରାତିରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ.୫୨୦/୨୫) ରୁଜୁ କରିଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ହୋଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ପରେ ନୀଳଗିରି ଥାନା ମାନଗଡ଼ ଗ୍ରାମର ଭୁଗୁଲା ମାଝି (୩୫), ଟଣକା ଗ୍ରାମର ମହେଶ୍ୱର ମଲ୍ଲିକ (୩୮), ସୋର ଥାନା ମଙ୍ଗଳପୁର ଗ୍ରାମର ଜୟନ୍ତ ଜେନା (୨୫), ମଣିପୁର ଗ୍ରାମର ପପୁ ମଲ୍ଲିକ (୩୫), ରେମୁଣା ଥାନା ବଡୁଆଁ ଗ୍ରାମର ସୁଶାନ୍ତ ମଲ୍ଲିକ (୩୨), ଜୟନ୍ତ କୁମାର ମଲ୍ଲିକ (୩୪)ଙ୍କୁ ନୀଳଗିରି କୋର୍ଟରେ ପୋଲିସ ହାଜର କରିଥିଲା। ଖବରଦାତା ସମ୍ମିଳନୀରେ ନିଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ସବ୍-ଇନିସ୍‌ପେକ୍ଟର ବିକାଶ ଭୋଇ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ଖଇରା, ୯।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନଟାପଡା ଛକରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ସମସ୍ତ ଅଭିଭାବକଙ୍କୁ ନେଇ ମଙ୍ଗଳବାର ସପ୍ତଶକ୍ତି ସଙ୍ଗମ ବା ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସହ ପ୍ରଧାନଆଚାର୍ଯ୍ୟା ଅହଲ୍ୟା ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜ ବିଜ୍ଞାନ ଅଧ୍ୟାପିକା ଦେବବ୍ରତୀ ଦାସ ମୁଖ୍ୟଅତିଥି, ଗଡପୋଖରୀ ଶିଶୁ ମନ୍ଦିର ପ୍ରଧାନଆଚାର୍ଯ୍ୟା ସରସ୍ୱତୀ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀମାନଙ୍କ ମଧ୍ୟରେ ଥିବା ସପ୍ତ ଶକ୍ତି କିର୍ତ୍ତୀ, ଶ୍ରୀ, ବାଣୀ, ସ୍ମୃତି, ମେଧା, ଧୃତି ଓ କ୍ଷମା ବିଷୟରେ ଆଲୋଚନା କରିଥିଲେ। ବିଶିଷ୍ଟ ମହିଳା ସଙ୍ଗଠକ କୁଞ୍ଜଲତା ମାହନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସବିତା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରେ ମା'ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ମାତୃ ମଣ୍ଡଳୀ ସପ୍ତଶକ୍ତିର ବିକାଶ ପାଇଁ ଶପଥ ନେଇଥିଲେ। ବଳରାମ ଲେଙ୍କା, ପଙ୍କଜ ମହାନ୍ତି, ପ୍ରଭାକର ଓଝା, ସୁବ୍ରତ ସାହୁ, ଡମ୍ବରୁ ଜେନା, ମିତା ପାତ୍ର, ମଧୁସ୍ମିତା ଜେନା, ସ୍ମୃତିରେଖା ପ୍ରଧାନ, ରଶ୍ମିତା ଲେଙ୍କା, ବବିତା ପାଣିଗ୍ରାହୀ ଓ ବାସନ୍ତୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଇମାମୀ ନଗରରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

### ୯ ଶିକ୍ଷକ, ୯ ବିଦ୍ୟାଳୟ ସମ୍ବର୍ଦ୍ଧିତ

ବାଲେଶ୍ୱର, ୯।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀ ପେପର ମିଲ୍ ଆନୁକୂଲ୍ୟରେ ମଙ୍ଗଳବାର ଗୁରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଇମାମୀ ନଗରରେ ଆୟୋଜିତ ଏହି ଉତ୍ସବରେ ପେପର ମିଲ୍ସର ବରିଷ୍ଠ କର୍ମକର୍ତ୍ତା ଆଶିଷ ଗୁପ୍ତା ସଭାପତିତ୍ୱ କରିଥିଲେ। ପ୍ରତିଭା ବିକାଶ ପାଇଁ କାରଖାନା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଶିବ ମାଲବୀୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିକଶିତ ରାଷ୍ଟ୍ର ଗଠନ ଦିଗରେ ଅର୍ଥନୈତିକ ପ୍ରଗତି, ଶିକ୍ଷା ଓ ସାଂସ୍କୃତିକ ଚେତନା, ଉନ୍ନତି ଏକାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶ ପାଇଁ ସମସ୍ତଙ୍କର ସମର୍ପଣ ଭାବ ରହିବା ଆବଶ୍ୟକ ବୋଲି ସେ ବକ୍ତବ୍ୟରେ କହିଥିଲେ। କାରଖାନା ସନ୍ନିକଟ ବିଭିନ୍ନ ପ୍ରାଥମିକ, ଏମ୍‌ଇ ଓ ହାଇସ୍କୁଲସ୍ତରର କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଶିକ୍ଷଣ କାର୍ଯ୍ୟକୁଶଳତା ଓ ଅଣଶୈକ୍ଷିକ ପାରଗତା ଦୃଷ୍ଟିକୋଣକୁ ବିଚାର କରି ପ୍ରତ୍ୟେକ ସ୍ତରରୁ ୩ଜଣ କରି ୯ଜଣ ଶ୍ରେଷ୍ଠଗୁରୁ ଏବଂ ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ୯ଟି ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ପ୍ରତିଭା ଭାବେ ଶିକ୍ଷାବିତ୍ ଭରତ ଚନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ରବୀନ୍ଦ୍ର ନାଥ ବାରିକ, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ବିଇଓ କାଳନ୍ଦ୍ରୀ ସୋରେନଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଲୋକକଳା ଆଧାରିତ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଏଜିଏମ୍ ତଥା ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ। କାରଖାନାର ବରିଷ୍ଠ କର୍ମକର୍ତ୍ତା, ମହିଳା ସଙ୍ଗଠନର କର୍ମକର୍ତ୍ତା ଓ କର୍ମଚାରୀ ପରିଚାଳନା କରିଥିଲେ।

## ୧୩ରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଜାତୀୟ ଲୋକ ଅଦାଲତ

TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ବାଲେଶ୍ୱର, ୯।୧୨(ବାଞ୍ଛାନିଧି ଦେ): ଟିପିଏନ୍‌ଓଡିଏଲ୍ ପକ୍ଷରୁ ଚତୁର୍ଥ ଜାତୀୟ ଲୋକ ଅଦାଲତ ତଥା ସମାଧାନ ଶିବିର ଆସନ୍ତା ଡିସେମ୍ବର ୧୩ତାରିଖରେ ଅନୁଷ୍ଠିତ ହେବ। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲାର ସମସ୍ତ ଡିଭିଜନ, ସବ୍-ଡିଭିଜନ କାର୍ଯ୍ୟାଳୟ ଏବଂ କଚେରୀ ପରିସରରେ ଏହି ଅଦାଲତ ଆୟୋଜିତ ହେବ। ଏଥିରେ ଉପଭୋକ୍ତାମାନେ ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ଆଦି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ହେବ। ଏହି ଲୋକ ଅଦାଲତ ସକାଳ ୯ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଉପଭୋକ୍ତାମାନେ ଏ ସମ୍ପର୍କିତ ଅଧିକ ସୂଚନା ଡିଭିଜନ କାର୍ଯ୍ୟାଳୟରେ ପାଇପାଇବେ। ଉପଭୋକ୍ତାମାନେ ଅଧିକ ବିବରଣୀ ପାଇଁ ନିକଟସ୍ଥ ଟିପିଏନଓଡିଏଲ୍ ଉପଖଣ୍ଡ କିମ୍ବା ଡିଭିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ଏ ସମ୍ପର୍କିତ ସହାୟତା ପାଇପାରିବେ। ବର୍ଷର ଅନ୍ତିମ ଲୋକ ଅଦାଲତକୁ ହାତଛଡ଼ା ନ କରି ଅନଧିକୃତ ବିଜୁଳି ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ଆଦି ସହିତ ଜଡିତ ପ୍ରବର୍ତ୍ତନ ମାମଲାଗୁଡ଼ିକର ସମାଧାନ ପାଇଁ ନିକଟସ୍ଥ ବିଦ୍ୟୁତ୍ ଉପଖଣ୍ଡ/ଡିଭିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଟିପିଏନଓଡିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ବିଦ୍ୟୁତ୍ ଚୋରିରୁ ନିବୃତ୍ତ ରହିବାକୁ ମଧ୍ୟ ଉପଭୋକ୍ତାମାନଙ୍କୁ କୁହାଯାଇଛି।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ବାଲେଶ୍ୱର, ୯।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ଟୁଲଙ୍ଗସାହି ଅଞ୍ଚଳର ଦାମୋଦର ପଣ୍ଡିତଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା (୩୧) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି ସେ ରବିବାର ରାତିରେ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉନ୍ମତ୍ତକାଣ୍ଡ

### ପୋଲିସକୁ ହତ୍ୟା ଧମକ, ଥାନାରେ ମାମଲା ରୁଜୁ

ବାହାନଗା, ୯।୧୨(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଶାସକ୍ତ ଅବସ୍ଥାରେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ସେ ନିଶାସକ୍ତ ହୋଇ କାର୍ ଚଳାଇବା ସହ ଗୋପାଳପୁର ବଜାରରେ ଦୁର୍ଘଟଣା ଘଟାଇବା ଓ ଉପସ୍ଥିତ ପୋଲିସ୍ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ଓ ଥାନା ଭିତରେ ସେମାନଙ୍କୁ ହତ୍ୟା ଧମକ ଦେବା ମହଙ୍ଗା ପଡିଛି। ଏନେଇ ଗୋପାଳପୁର ଥାନାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ତାଙ୍କ ସହଯୋଗୀଙ୍କ ନାମରେ ମାମଲା(ନଂ. ୨୧୦/୨୦୨୫) ରୁଜୁ କରାଯାଇଛି।

ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନପ୍ରକାଶ ପାଣିଗ୍ରାହୀ ପ୍ରତ୍ୟେକ ଦିନ ସରକାରୀ କାର୍ଯ୍ୟରେ ଅସହଯୋଗ କରିବା ଓ କାର୍ଯ୍ୟ ସବୁ ଠିକ୍ ଭାବେ ନ କରିବା ନେଇ ତାଙ୍କ ନାମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ କରିଛନ୍ତି। ସେହିପଞ୍ଚାୟତ ନିର୍ବାହୀ ଅଧିକାରୀ ପାଣିଗ୍ରାହୀ ଓ ବିଷ୍ଣୁପୁର ପଞ୍ଚାୟତର ଦେବେନ୍ଦ୍ରପୁର ଗ୍ରାମର ତାଙ୍କ ସହଯୋଗୀ ଗୌରୀଶଙ୍କର ପାଣିଗ୍ରାହୀ ସହିତ କାର୍ ଯୋଗେ ବାଲେଶ୍ୱର ଆଡୁ ଆସି ବିଷ୍ଣୁପୁର ଆଡକୁ ଯାଉଥିଲେ। ଉଭୟ ନିଶାସକ୍ତ ଅବସ୍ଥାରେ ରହି କାର୍ ଚଳାଉଥିବା ବେଳେ ଜଣେ ମହିଳା ସ୍କୁଟି ଆରୋହୀଙ୍କୁ ଗୋପାଳପୁର ବ୍ୟାଙ୍କ ସାମ୍ନାରେ ଧକ୍କା ଦେଇଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକ ମାନେ ରୁଣ୍ଡ ହୋଇ ଦୁର୍ଘଟଣା ଗ୍ରସ୍ତ କାର୍ କୁ ଅଟକ ରଖିବା ସହିତ ଆହତଙ୍କୁ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ଖବର ପାଇ ଗୋପାଳପୁର ଥାନା ପୋଲିସ୍ ପହଞ୍ଚି କାର୍‌କୁ ଜବତ କରିବା ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ପାଣିଗ୍ରାହୀ ଓ ସହଯୋଗୀ ଗୌରୀଶଙ୍କର ପାଣିଗ୍ରାହୀ ଉଭୟଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ଉଭୟ ଥାନାରେ ପୋଲିସ୍ ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ହତ୍ୟା ଧମକ ଦେବା ସହ ଥାନା କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ପରେ ପୋଲିସ୍ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାମଲା ରୁଜୁ କରିବା ସହିତ ଏକ ଲିଖିତ ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଛାଡିଥିଲେ। କାର୍‌କୁ ଜବତ କରାଯାଇଛି।

## ପଦ୍ମ ଧରିଲେ ଯୁବ କଂଗ୍ରେସର ପୂର୍ବତନ ସଭାପତି



ଭୋଗରାଇ, ୯।୧୨( ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ବନମାଳୀ ବେହେରା ଓ ଯୁବ ଉପସଭାପତି ଶିବଶଙ୍କର ମହାନ୍ତିଙ୍କ ସହିତ ଅନ୍ୟାନ୍ୟ କର୍ମୀ ସୋମବାର ସନ୍ଧ୍ୟାରେ ଥାନାଛକସ୍ଥିତ ଭାଜପା କାର୍ଯ୍ୟାଳୟରେ ଭାଜପା ନେତା ଆଶିଷ ପାତ୍ରଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ଦଳର ନେତା ତାଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଭାଜପାର ଶକ୍ତିବୃଦ୍ଧି ହେବା ସହିତ ଆଗକୁ ଅନେକ ବିଜେଡି ଓ କଂଗ୍ରେସ ଦଳର ନେତା ଓ କର୍ମୀ ଭାଜପାରେ ସାମିଲ ହେବେ ବୋଲି ସୂଚନା ଦେଇଥିଲେ। ଭାଜପାରେ ସାମିଲ ହୋଇଥିବା ୨ନେତା ଗତ ୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ କଂଗ୍ରେସରୁ କଣଠେସା ହୋଇ ରହିବା ପରେ ଦଳରୁ ଇସ୍ତଫା ଦେଇଥିଲେ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବାଲେଶ୍ୱର ଏମ୍‌ପିଙ୍କ କାର୍ଯ୍ୟଧାରାରେ ପ୍ରଭାବିତ ହୋଇ ଏହି ୨ ନେତା ଭାଜପାରେ ସାମିଲ ହୋଇଥିବା ପ୍ରକାଶ କରିଥିଲେ। ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ମଣ୍ଡଳ ସଭାପତି ଚନ୍ଦନ ପ୍ରଧାନ, ନୀଳକଣ୍ଠ ଘୋଷ, ଭବଶଙ୍କର ବେହେରା, ଅନନ୍ତ ଜେନା, ରାଜେନ୍ଦ୍ର ସେଠୀ, କନକ ପ୍ରଧାନ, ରବୀନ୍ଦ୍ର ରାଉତ, ସୁକୁମାର ଜେନା, ରବୀନ୍ଦ୍ର ରଣା, ସତ୍ୟ କୁମାର ସାମଲ, ବିଜୟ ମହାନ୍ତି, ଶ୍ରୀକୃଷ୍ଣ ପଣ୍ଡା ପ୍ରମୁଖ ଏହି ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଉର୍ଜା ମହୋତ୍ସବ

### 'ତରୁଣଙ୍କୁ ଗଢ଼ି ତୋଳିବାରେ ଏହା ମାଇଲଖୁଣ୍ଟ'

ବାଲେଶ୍ୱର, ୯।୧୨(ବାଞ୍ଛାନିଧି ଦେ)



ବିଜ୍ଞାନ ପ୍ରଦର୍ଶନୀରେ ପ୍ରଦର୍ଶିତ ପ୍ରକଳ୍ପ।

ବାଲେଶ୍ୱର ବ୍ରିଟ୍ କଲ୍ୟାଣମଣ୍ଡପ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ଉର୍ଜା ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଟିପିଏନଓଡ଼ିଏଲ୍ ଓ ବିକାଶ ସାଥୀ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବରେ ବିଭିନ୍ନ ପ୍ରାନ୍ତରୁ ୩୭ଟି ବିଦ୍ୟାଳୟରୁ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦକ୍ଷତା ଓ ଉର୍ଜା ସଞ୍ଚୟ ପ୍ରତି ସଚେତନତା ସମ୍ପର୍କୀୟ ଭାଷଣ, ରଚନା, କୁଇଜ୍, ଚିତ୍ରାଙ୍କନ ଏବଂ ବୈଜ୍ଞାନିକ ପ୍ରଦର୍ଶନୀ ହୋଇଥିଲା। ମୁଖ୍ୟଅତିଥି ଭାବରେ ଟିପିଏନଓଡିଏଲ୍‌ର ଚିଫ ଅଫ୍ କଣ୍ଟ୍ରାକ୍ଟସ ପ୍ରଦୀପ ମହାନ୍ତି ଯୋଗଦେଇ ଉର୍ଜା ସଞ୍ଚୟ ଓ ଶକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି କେକେଏସ୍ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା, ଡ. ଶୁଭସ୍ମିତା ମିଶ୍ର, ଆସିଷ୍ଟାଣ୍ଟ ପ୍ରଫେସର ଦେବାଶିଷ ନାୟକ ମଞ୍ଚାସୀନ ହୋଇ ଉର୍ଜା ସଞ୍ଚୟ, ପରିବେଶ ସୁରକ୍ଷା ଓ ଦାୟିତ୍ୱପୂର୍ଣ୍ଣ ନାଗରିକତା ପ୍ରତି ତରୁଣମାନଙ୍କ ମନୋଭାବ ଗଢ଼ି ତୋଳିବାରେ ଏହା ଏକ ମାଇଲଖୁଣ୍ଟ ବୋଲି କହିଥିଲେ। ଟିପିଏନଓଡିଏଲ୍‌ର ସିଏସ୍‌ଆର୍ ମୁଖ୍ୟ ରଞ୍ଜନ ଶର୍ମା ମହୋତ୍ସବର ଉଦ୍ଦେଶ୍ୟ ଓ ଗ୍ରାମ ସହର ଯୋଗସୂତ୍ର ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ସିଏସ୍‌ଆର୍ ଅଫିସର ଦୀପଞ୍ଜନ ଦାସ, ହିମାଂଶୁ ନାୟକ, ସ୍ମୃତି ପାଣିଗ୍ରାହୀ, ଶିବ ମୁଖୀ ଏବଂ ସୌରଜେନ୍ଦୁ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ସାଥୀର ସ୍ଥାପକ ଡ. ବିଶ୍ୱଜିତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

### କୋଷ୍ଟ କେନାଲରେ ପାଦଚଲା ସେତୁ ଉଦ୍‌ଘାଟିତ

ବାଲେଶ୍ୱର, ୯।୧୨(ବାଞ୍ଛାନିଧି ଦେ)



ଏକ ପ୍ରକଳ୍ପକୁ ବିଧାୟକ ମାନସ ଦତ୍ତ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅଧୀନ ବୁଆଁଳ ଓ ଓଲନ୍ଦା ସାରଗାଁ ପଞ୍ଚାୟତରେ ରବିବାର ବିଧାୟକ ମାନସ କୁମାର ଦତ୍ତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପ୍ରଥମେ ବୁଆଁଳ ପଞ୍ଚାୟତର ପାରଦୀପାଠାରେ ସଦର ବ୍ଲକ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ରାଧାକୃଷ୍ଣ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ପରେ ଓଲନ୍ଦା ସାରଗାଁ ପଞ୍ଚାୟତ ଅଧୀନ ଟିଆଁଖିଆ-ସୋଲପଟା ଓ ଗୁଡୁଦା ଛକ ଆଦିବାସୀ ସାହି ରାସ୍ତାର ଉନ୍ନତୀକରଣ ପ୍ରକଳ୍ପର ଶୁଭ ଦିଆଯାଇଥିଲା। ଜଳସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ୧ କୋଟି ୯୬ଲକ୍ଷ ୪୭ହଜାର ଟଙ୍କା ଖର୍ଚ୍ଚ ଅଟକଳ ହୋଇଛି। ଏହାପରେ ବିଧାୟକ ଦତ୍ତ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଅନ୍ତର୍ଗତ ୩ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଓଲନ୍ଦା ସାରଗାଁ ପଞ୍ଚାୟତର ଗୁଡୁଦା ୟୁଜିୟୁପି ସ୍କୁଲର ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ସେହିପରି ବଡ ଗୋବରାଠାରେ ନିର୍ମିତ କୋଷ୍ଟକେନାଲ ଉପରେ ବିଧାୟକ ଦତ୍ତ ପାଦଚଲା ସେତୁର ଉଦ୍‌ଘାଟନ କରିଥିଲେ। ଜଳସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ୪୪ଲକ୍ଷ ୨୪ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନା ଅନ୍ତର୍ଗତ ୨ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ମହାପଦା ଭଗବତୀ କମ୍ୟୁନିଟି ସେଣ୍ଟର, ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଅଧୀନ ୫ଲକ୍ଷ ୫୫ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ମହାପଦାଠାରେ ମା' ପରମ ବୈଷ୍ଣବୀ ନୂତନ ଭୋଗ ମଣ୍ଡପ, ବିଧାୟକଙ୍କ ହାତପାଣ୍ଠି ଅନୁଦାନରୁ ୨ଲକ୍ଷ ଟଙ୍କା ଓ ପଞ୍ଚଦଶ ସିଏଫ୍‌ସି ଅନୁଦାନରୁ ୩ଲକ୍ଷ ୫୦ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ମା' ପରମ ବୈଷ୍ଣବୀ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ବିଧାୟକ ଦତ୍ତ ଶିଳାନ୍ୟାସ କରିଥିଲେ।

ରାଜ୍ୟର ଲୋକପ୍ରିୟ ସରକାର ଲୋକଙ୍କ ହିତ ପାଇଁ ସର୍ବଦା ପ୍ରୟାସରତ ଅଛନ୍ତି ବୋଲି ଦତ୍ତ ମତବ୍ୟକ୍ତ କରିଥିଲେ। ଉତ୍ତମ ଗୁଣବତ୍ତା ଓ ଠିକ୍ ମାନଦଣ୍ଡରେ ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଗୟାଧର ବେହେରା, ବୁଆଁଳ ସରପଞ୍ଚ ଜିତେନ ଜେନା, ସମିତିସଭ୍ୟ ମାୟାଧର ମହାଳିକ, ଓଲନ୍ଦା ସାରଗାଁ ସରପଞ୍ଚ ଆରତୀ ଦାସ, ସମିତିସଭ୍ୟା ରଶ୍ମିତା ନାୟକ, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, କାର୍ତ୍ତିକ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବୁଆଁଳ ପଞ୍ଚାୟତର ଶ୍ରୀକାନ୍ତ ମହାପାତ୍ର, ଅନାଦି ସାହୁ, ଶଶିକାନ୍ତ ବାରିକ, ସନ୍ତୋଷ ଦଳେଇ, ଉମାକାନ୍ତ ରାଉତ, ଓଲନ୍ଦା ସାରଗାଁ ପଞ୍ଚାୟତର ପୀତାମ୍ବର ଭୂୟାଁ, ବିଷ୍ଣୁପଦ ପ୍ରଧାନ, ରଘୁନାଥ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ଜେନା, ତପନ କୁମାର ଦାସ ଓ ମନ୍ମଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିହାରରୁ ଗିରଫ ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣୁଛି ସିବିଆଇ

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

■ଲିଙ୍କ୍‌ରେ ଥିବା ଅଶ୍ୱିନୀଙ୍କୁ ନିମାଇଁ ଓ ଅର୍ଜୁନ ସହ ମୁହାଁମୁହିଁ ଜେରା

■ର୍‍ୟାକେଟ ପଛରେ ଥିବା ବଡ଼ ଅଧିକାରୀଙ୍କୁ ସୁରକ୍ଷା ନେଇ ଚର୍ଚ୍ଚା

ଭୁବନେଶ୍ୱର,୯।୧୨(ତ୍ରିନାଥ ମହାନ୍ତି)

ବହୁ ଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ତା'ର ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏହି ବଡ଼ ନିଯୁକ୍ତି ଜାଲିଆତିର ଲିଙ୍କ୍ ବିଭିନ୍ନ ରାଜ୍ୟରେ ଥିବାରୁ ସିବିଆଇ ଟିମ୍ ଚଢ଼ାଉ କରି ପଦକ୍ଷେପ ନେଉଛି। ଇତିମଧ୍ୟରେ ସିବିଆଇ ବିହାରରୁ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣୁଛି। ବିମାନ ସେବାରେ ସମସ୍ୟା ଥିବାରୁ ସିବିଆଇ ଟିମ୍ ତାଙ୍କୁ ଟ୍ରେନ୍‌ରେ ଆଣୁଥିବା ଜଣାପଡ଼ିଛି। ତାଙ୍କ ନାମ ଧର୍ମେନ୍ଦ୍ର ବୋଲି ଜଣାପଡିଛି। ତାଙ୍କୁ ପଚରାଉଚୁରା କରାଯିବା ପରେ ଅଧିକ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। କ୍ରାଇମ୍‌ବ୍ରାଞ୍ଚଠାରୁ ସିବିଆଇ ମାମଲାର ତଦନ୍ତ ଭାର ନେବା ପରେ ଏହା ହେଉଛି ଚତୁର୍ଥ ଗିରଫଦାରି।

ଅନ୍ୟପକ୍ଷରେ ଗିରଫ ଦଲାଲ ବିରଞ୍ଚି ନାରାୟଣଙ୍କ ଲିଙ୍କ୍‌ରେ ଥିବା ଅଶ୍ୱିନୀ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ସିବିଆଇ ସମନ କରିଥିଲା। ଏହି ଆଧାରରେ ଅଶ୍ୱିନୀ ମଙ୍ଗଳବାର ଆବଶ୍ୟକ ଦସ୍ତାବିଜ ସହ ସିବିଆଇ ଅଫିସ୍‌ରେ ହାଜର ହେବା ପରେ ତାଙ୍କୁ ପଚରାଉଚରା କରାଯାଇଛି। ପରୀକ୍ଷାର୍ଥୀଙ୍କୁ ଆଗୁଆ ପ୍ରଶ୍ନପତ୍ର ପ୍ରସ୍ତୁତି ପାଇଁ ଡିଲ୍ କରିଥିଲା ବିରଞ୍ଚି। ତାଙ୍କୁ ସହଯୋଗ କରିଥିଲେ ଅଶ୍ୱିନୀଙ୍କ ସହ ନିମାଇଁ ସାହୁ ଓ ଅର୍ଜୁନ ନାୟକ। ନିମାଇଁ ଓ ଅର୍ଜୁନ ଗିରଫ ହୋଇଥିବାବେଳେ ତାଙ୍କୁ ରିମାଣ୍ଡରେ ଆଣି ଜେରା କରୁଛି ସିବିଆଇ। ସେମାନଙ୍କଠାରୁ ସୂଚନା ପାଇବା ପରେ ଅଶ୍ୱିନୀଙ୍କୁ ଡକାଯାଇ ମୁହାଁମୁହିଁ ଜେରା କରାଯାଉଛି। ବଡ଼କଥା ହେଲା ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ, ଦଲାଲ ସହ ପୂରା ର୍‍ୟାକେଟ ପଛରେ ଜଣେ ବଡ଼ ଅଧିକାରୀଙ୍କ ହାତ ରହିଛି। ହେଲେ ଏଯାଏ ସିବିଆଇ ଅଧିକାରୀମାନେ ସେହି ବଡ଼ ଅଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହାନ୍ତି। ଏଥିପାଇଁ ଦୃଢ଼ ପ୍ରମାଣ ଯୋଗାଇ ଚାଲିଛି। କୌଣସି ଅଦୃଶ୍ୟ ଶକ୍ତି ଏହି ଅଧିକାରୀଙ୍କୁ ସୁରକ୍ଷା ଦେଉଥିବାରୁ ସିବିଆଇ ତାଙ୍କୁ ପଚରାଉଚରା କରିବା ପାଇଁ ସମନ କରିବାକୁ ପଛଘୁଞ୍ଚା ଦେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ପୋଲିସ ଏସ୍ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର କେନ୍ଦ୍ରୀୟ ସରକାରୀ ସଂସ୍ଥା ଆଇଟିଆଇକୁ ଟେଣ୍ଡର ମିଳିଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ ଟେକ୍ ଲ୍ୟାବ୍ ପ୍ରାଇଭେଟ ଲିମିଟେଡ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ ଏହାକୁ ସବ୍‌ଲେଟ୍‌ରେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ଦେଇଥିଲା। ସେଣ୍ଟର ତଦାରଖଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଞ୍ଚସଫ୍ଟକୁ ମିଳିଥିଲା। ପଞ୍ଚସଫ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ଜାଲିଆତି ପାଇଁ ଯୋଜନା କରିଥିଲେ। ଏହି ଅପରାଧ ସିଣ୍ଡିକେଟ୍‌ରେ ଦକ୍ଷିଣ ଓଡ଼ିଶାକୁ ମୁନା ମହାନ୍ତି ଓ ଉତ୍ତର ଓଡ଼ିଶାକୁ ଅରବିନ୍ଦ ଦାସ ସମ୍ଭାଳୁଥିଲେ। ଏମାନଙ୍କ ଅଧୀନରେ ୧୦ ଜଣ ଲେଖାଏ ଏଜେଣ୍ଟ ଥିଲେ। ସେମାନେ ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ଼ କରୁଥିଲେ। ଆଶାୟୀଙ୍କଠାରୁ ମୁନା ଆଗୁଆ ମୂଳ ପ୍ରମାଣପତ୍ର ହାତେଇବା ସହ ଶଙ୍କର ସହ ଯୋଗାଯୋଗ କରି ଏହାକୁ ସେ ହାଇଦ୍ରାବାଦ ସଂସ୍ଥା ପାଖକୁ ପଠାଉଥିଲା। ମୁନା ୧୧୪ ଜଣ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ପରେ ସେମାନଙ୍କୁ ହାଇଦ୍ରାବାଦର ଏକ ସଂସ୍ଥାରେ ପ୍ରଶ୍ନପତ୍ର ସମ୍ପର୍କରେ ତାଲିମ ଦେଇଥାନ୍ତା। ଯୋଜନା ମୁତାବକ ଆଶାୟୀମାନେ ପ୍ରଥମେ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ରହିଥିଲେ। ଗତ ଅକ୍ଟୋବର ୨୯ରେ ଖଣ୍ଡଗିରିରୁ ୧୧୪ ଆଶାୟୀଙ୍କୁ ବସ୍ ଯୋଗେ ବିଜୟନଗରମ୍ ନିଆଯାଇଥିଲା। ୩୦ ତାରିଖରେ ବ୍ରହ୍ମପୁର ପୋଲିସ ଏହି ବସ୍‌ଟିକୁ ଜବତ କରିବା ସହ ୧୧୪ ଆଶାୟୀ ଓ ୩ ଦଲାଲଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଥିଲା। ଇତିମଧ୍ୟରେ ଏହି ଗିରଫଦାରି ସଂଖ୍ୟା ୧୨୮ରେ ପହଞ୍ଚିଛି।

# ଚାଇନା ଲୋନ୍ ଆପ୍ 'ହାଇପି'ରେ କାରବାର

■ବଡ଼ବିଲରୁ ସାଇବର ଠକ ଗିରଫ

■୪ ମୋବାଇଲ, ଲାପ୍‌ଟପ୍ ଜବତ

ବଡ଼ବିଲ,୯।୧୨(ଜୟନ୍ତୀ ରଣା)



ସାଇବର ଠକେଇ ମାମଲାରେ ଗିରଫ ଅଭିଯୁକ୍ତ, ଜବତ ମୋବାଇଲ ଓ ଲାପ୍‌ଟପ୍।

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ମଙ୍ଗଳବାର ଜଣେ ସାଇବର ଠକକୁ ଗିରଫକରିବା ସହ ତାଙ୍କ ନିକଟରୁ ୪ଟି ମୋବାଇଲ, ଲାପ୍‌ଟପ୍ ଓ ପେନ୍ ଡ୍ରାଇଭ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅଧୀନ ଶ୍ରୀରାମନଗର ଅଞ୍ଚଳର ବିଶାଳ ସାଓ। ଥାନା ଇନ୍ସପେକ୍ଟର ଅଶୋକ କୁମାର ନାୟକଙ୍କ ଉପସ୍ଥିତିରେ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ମଙ୍ଗଳବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସାଇବର ଠକଙ୍କୁ ଧରିବା ନିମନ୍ତେ ଛାନ୍‌ଭିନ୍ ଆରମ୍ଭ କରିଥିଲା। ବଡ଼ବିଲ ସହରାଞ୍ଚଳରେ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହାୟତାରେ କେତେଜଣ ଗ୍ରାହକଙ୍କ କେୱାଇସି ଯାଞ୍ଚ କରିଥିଲା। ସେଥିରୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କର ବଡ଼ବିଲ ଶାଖାରୁ ମିଳିଥିବା ନଥିପତ୍ରରୁ ଅନେକ ମ୍ୟୁଲ୍ ଆକାଉଣ୍ଟ (ଜଣଙ୍କ ଅଜାଣତରେ ଆକାଉଣ୍ଟ ଚାଲୁ ରହିବା) ପରିଚାଳନା କରାଯିବା ସହ ୩ଟି ବିଭିନ୍ନ ଆକାଉଣ୍ଟରେ ବ୍ୟାପକ କାରବାର ହୋଇଥିବା ଜଣାପଡ଼ିଥିଲା। ଏ ନେଇ ପୋଲିସ ଗତ ୩ ତାରିଖରେ ଏକ ମାମଲା (ନଂ.୪୪୯/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଆକାଉଣ୍ଟଗୁଡ଼ିକୁ ପରିଚାଳନା କରୁଥିବା ସାଇବର ଠକଙ୍କୁ ବଡ଼ବିଲ ପୋଲିସ ଠାବକରିଥିଲା। ଶ୍ରୀରାମନଗର ଅଞ୍ଚଳର ବିଶାଲ ଏହି ଆକାଉଣ୍ଟଗୁଡ଼ିକ ପରିଚାଳନା କରୁଥିବା ଜାଣିବାକୁ ପାଇ ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିଲା। ବିଶାଲ କୌଣସି କାର୍ଯ୍ୟରେ ନିୟୋଜିତ ନ ଥିବାବେଳେ ଅଧିକାଂଶ ସମୟ ବିଭିନ୍ନ ଅଞ୍ଚଳକୁ ବୁଲିବାକୁ ଯାଉଥିବା ସ୍ଥାନୀୟ ଲୋକଙ୍କଠାରୁ ପୋଲିସ ଜାଣିବାକୁ ପାଇଥିଲା। ମଙ୍ଗଳବାର ସକାଳେ ପୋଲିସ ବିଶାଲଙ୍କୁ ଗିରଫ କରିଥିଲା। ପଚରା ଉଚରା ପରେ ବିଶାଲ ଅନଲାଇନ୍‌ରେ କାରବାର କରି ବହୁତ ଲାଭବାନ ହେଉଥିଲେ ଏବଂ କୌଶଳକ୍ରମେ ବିଭିନ୍ନ ସହଯୋଗୀଙ୍କ ସହାୟତାରେ ନଥିପତ୍ରଗୁଡ଼ିକର ନକଲ କରି ମ୍ୟୁଲ୍ ଆକାଉଣ୍ଟକରି ଟଙ୍କା ହଡ଼ପ କରୁଥିବା ସ୍ୱୀକାର କରିଥିଲେ। ଏଥିସହ 'କାଲି' ନାମକ ଏକ ଆପ୍ ଏବଂ ଏକ ଚାଇନା ଲୋନ୍ ଆପ୍ 'ହାଇପି' ଦ୍ୱାରା ଅନ୍‌ଲାଇନ ଜରିଆରେ ଠକିବାକୁ ସକ୍ଷମ ହେଉଥିଲେ ବୋଲି ପୋଲିସ କହିଛି।

ଅଭିଯୁକ୍ତ ବିଶାଲଙ୍କ ୩ଟି ବ୍ୟାଙ୍କ ଆକାଉଣ୍ଟ ସହ ପରିଚାଳନା କରୁଥିବା ୯ଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟରୁ ଅଧିକାଂଶ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିବା ପୋଲିସ କହିଛି। ବିଶାଲ ମେକାନିକାଲ ଇଞ୍ଜିନିୟରିଂରେ ଡିପ୍ଲୋମାକରି ଜୟପୁରର ଏକ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଏହାପରେ ସେ ୨୦୨୩ରେ ଦିଲ୍ଲୀରେ ରହିବା ସମୟରେ ସାଇବର ଠକଙ୍କ ସଂସ୍ପର୍ଶରେ ଆସି ସେଥିରେ ନିଜକୁ ନିୟୋଜିତ କରିଦେଇଥିଲେ। ଦେଶର ବିଭିନ୍ନ ସ୍ଥାନରେ ମୋଟ ୩୭ଟି ସଇବର ଠକେଇ ନେଇ ବିଶାଲଙ୍କ ନାମରେ ମାମଲା ରହିଥିବା ପୋଲିସ କହିଛି।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୧୨ ଗିରଫ

**୯ ବାଇକ୍, ୯ ମୋବାଇଲ, ଟଙ୍କା ଜବତ**

ଜଳେଶ୍ୱର, ୯।୧୨(ନବୀନ ସାହୁ)



ଗିରଫ ୧୨ ଜୁଆଡ଼ି।

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳରେ ଦିନକୁ ଦିନ ଜୁଆ ଖେଳ ବଢ଼ିଚାଲିଛି। ସୋମବାର ବିଳମ୍ବିତ ରାତିରେ ଝାଡ଼େଶ୍ୱରପୁର ବସ୍ତିରେ ଥିବା ମମତାଜ ଖାଁଙ୍କ ଘର ଛାତ ଉପର ଏକ ଘରେ ଜୁଆଖେଳ ଚାଲିଥିଲା ବେଳେ ଖବର ପାଇ ଜଳେଶ୍ୱର ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୧୨ ଜଣ ଜୁଆଡ଼ିଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୯ ବାଇକ୍ ସହିତ ୧୫ହଜାର ୯୬୦ ଟଙ୍କା, ୯ ମୋବାଇଲ ଜବତ ହୋଇଛି।

ଚଢ଼ାଉ ସମୟରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ଆଇଆଇସି ଅଶୋକ କୁମାର ବାରିକ, ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଏସ୍ଆଇ ଚିରଞ୍ଜୀବ ରାଉତଙ୍କ ସହିତ ପୋଲିସର ଗୋଟିଏ ଟିମ୍ ସାମିଲ ଥିଲେ। ଏହି ଜୁଆଡିମାନଙ୍କ ମଧ୍ୟରେ ଜଳେଶ୍ୱର ଅଞ୍ଚଳର ମମତାଜ ଖାଁ ମାଷ୍ଟରମାଇଣ୍ଡ କୁହାଯାଉଥିଲା ବେଳେ ସେକ ଇରସାଦ ମହମ୍ମଦ, ସେକ ସାରୁକ, ସେକ ଗମ୍ଭିରୁଦ୍ଦିନ, ସେକ ନିଜାମୁଦ୍ଦିନ, ସେକ ଗନିରୁଦ୍ଦିନ, ସମୀର ଖାଁ, ଫିର୍ଦ୍ଦସ ଖାଁ, ସେକ ରାଜେଶ ମହମ୍ମଦ, ସେକ ହିରୋ, ସେକ ମୟିରୁଦ୍ଦିନ, ଫିରଜ ଖାଁଙ୍କୁ ପୋଲିସ ଗିରଫ କରି କୋର୍ଟହାଜତକୁ ପଠାଇ ଦେଇଛି। ଏମାନେ ବିଭିନ୍ନ ସମୟରେ ଜାତୀୟ, ଅନ୍ତର୍ଜାତୀୟସ୍ତର ଆଇପିଏଲ୍ ଖେଳରେ ଟଙ୍କା ଲଗାଉଥିବା ଅଭିଯୋଗ ରହିଛି। ତେବେ ମଙ୍ଗଳବାର ବାରବାଟୀ ଷ୍ଟାଡିୟମ୍‌ରେ ଦକ୍ଷିଣ ଆଫ୍ରିକା ଏବଂ ଭାରତ ମଧ୍ୟରେ ଟି-୨୦ କ୍ରିକେଟ ମ୍ୟାଚ୍ ହେବାକୁ ଥିବା ବେଳେ କ୍ରିକେଟ ବେଟିଂ ହେଉଥିବା ନେଇ ଅନୁମାନ କରାଯାଉଛି।

## ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ରାଜଗାଙ୍ଗପୁର, ୯।୧୨(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଏକ ଗ୍ରାମରେ ୫ବର୍ଷର ଶିଶୁକନ୍ୟାକୁ ବଳାତ୍କାର କରାଯାଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ସେହି ଗ୍ରାମର ଅଭିଯୁକ୍ତ ସୁରେଶ ଲାକ୍ରା (୪୫)ଙ୍କୁ ଗିରଫ କରିଛି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଶିଶୁକନ୍ୟା ଜଣକ ଗାଁ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢ଼ନ୍ତି। ସୋମବାର ସ୍କୁଲ ଛୁଟି ପରେ ସେ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ଚକୋଲେଟ ଲୋଭ ଦେଖାଇ ଏକ ଘରକୁ ନେଇ ବଳାତ୍କାର କରିଥିଲେ। ଶିଶୁକନ୍ୟା ଘରକୁ ଫେରି ରାତିରେ ସବୁକଥା କହିଥିଲେ। ଶିଶୁକନ୍ୟାର ଘରଲୋକ ରାଜଗାଙ୍ଗପୁର ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲେ।

# ବାପପୁଅଙ୍କୁ ଆଜୀବନ କାରାଦଣ୍ଡ

**ଟିଁଠିପାଲି ଚୈତନ୍ୟ ରଣା ହତ୍ୟା ମାମଲା**

ସୋନପୁର, ୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଟିଁଠିପାଲି ଗ୍ରାମର ବହୁଚର୍ଚ୍ଚିତ ଚୈତନ୍ୟ ରଣା ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସାକ୍ଷ୍ୟ ପ୍ରମାଣ ଆଧାରରେ ମାମଲାର ବିଚାରକରି ଜିଲା ଓ ଦୌରାଜଜ୍ ଧନୁର୍ଦ୍ଧର ସେନାପତି ଉକ୍ତ ଗ୍ରାମର ଡମନ ରଣା ଓ ତାଙ୍କ ପୁଅ ଗଜପତି ରଣାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଦର୍ଶାଯାଇଛି। ତେବେ ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ସନ୍ତୋଷ ରଣାଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରି ଦିଆଯାଇଛି।

ମୃତ ଚୈତନ୍ୟଙ୍କ ସ୍ତ୍ରୀ ତରଭା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ୨୦୧୮ ମାର୍ଚ୍ଚ ୧୩ ତାରିଖ ସନ୍ଧ୍ୟାରେ ଉଭୟେ ଘରେ ଥିବାବେଳେ ଡମନ ଏବଂ ତାଙ୍କ ପୁଅ ଗଜପତି ତାଙ୍କ ଘରେ ପହଞ୍ଚିଥିଲେ। ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପରେ ଚୈତନ୍ୟଙ୍କୁ ଘରୁ ଟାଣି ନେଇଥିଲେ। ଡମନ ଏକ ଠେଙ୍ଗାରେ ଚୈତନ୍ୟଙ୍କ ମୁଣ୍ଡକୁ ପ୍ରହାର କରିଥିବା ବେଳେ ଗଜପତି ଏକ ଟାଙ୍ଗିଆରେ ଆକ୍ରମଣ କରିଥଲେ। ଘଟଣାସ୍ଥଳରେ ହିଁ ଚୈତନ୍ୟଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଡମନ, ଗଜପତି ଏବଂ ସନ୍ତୋଷଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ମାମଲା ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମୋଟ ୧୨ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

**Business**

# 'ସ୍ଲିପ୍‌ୱେଲ୍' ମଶାଧୂପରେ ମେପରଫ୍ଲୁଥ୍ରିନ୍

ଭୁବନେଶ୍ୱର, ୯।୧୨(ଅନୁରାଧା ମହାରଣା)




■୬୯ ଲକ୍ଷରୁ ଅଧିକ ମୂଲ୍ୟର ସାମଗ୍ରୀ ଜବତ

■ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ

'ସ୍ଲିପ୍‌ୱେଲ୍' ମଶାଧୂପରେ ମେପରଫ୍ଲୁଥ୍ରିନ୍ ବ୍ୟବାହାର କରାଯାଉଥିବାରୁ ସରକାରଙ୍କ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, କର୍ଣାଟକ, କେରଳ ଏବଂ ଗୁଜରାଟ ଆଦି ରାଜ୍ୟ ସହ ସାରା ଦେଶରେ ଏହି ମଶାଧୂପ ଅନ୍‌ଲାଇନରେ ବିକ୍ରି ହେଉଥିବାବେଳେ ରାଜ୍ୟ କୃଷି ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଏନ୍‌ଟିଆର୍ ଜିଲାର କୃଷି ଅଧିକାରୀମାନେ ବିଜୟୱାଡ଼ାର ଗୁଣଡାଲାରେ ସାଇ ହନୁମାନ ଏଜେନ୍ସିଗୁଡ଼ିକୁ ଯାଞ୍ଚ କରିଥିଲେ। ନମୁନାଗୁଡ଼ିକୁ ପରୀକ୍ଷା ପାଇଁ ହାଇଦ୍ରାବାଦର ଜାତୀୟ ଉଦ୍ଭିଦ ସ୍ୱାସ୍ଥ୍ୟ ପରିଚାଳନା ସଂସ୍ଥା (ଏନ୍ଆଇପିଏଚ୍ଏମ)କୁ ପଠାଯାଇଥିଲା। ପରୀକ୍ଷାଗାର ଫଳାଫଳରୁ ମେପରଫ୍ଲୁଥ୍ରିନ୍ ମିଳିଥିଲା। ଏହା ଏକ ରାସାୟନିକ ପଦାର୍ଥ ଯାହା କେନ୍ଦ୍ରୀୟ କୀଟନାଶକ ବୋର୍ଡ ଏବଂ ପଞ୍ଜିକରଣ କମିଟି (ସିଆଇବିଆର୍‌ସି) ଦ୍ୱାରା ମଶା ପ୍ରତିରୋଧକରେ ବ୍ୟବହାର ପାଇଁ ଅନୁମୋଦିତ ନୁହେଁ। ଚଢ଼ାଉ କରି କର୍ତ୍ତୃପକ୍ଷ ସମ୍ପ୍ରତି ବିଜୟୱାଡ଼ାର ଏକ ସଂରକ୍ଷଣ ସୁବିଧାରୁ ୬୯ ଲକ୍ଷରୁ ଅଧିକ ମୂଲ୍ୟର ସାମଗ୍ରୀ ଜବତ କରିଛନ୍ତି ଏବଂ ଏହି ଉତ୍ପାଦଗୁଡ଼ିକର ବିକ୍ରୟ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଓଡ଼ିଶା ସମେତ ରାଜ୍ୟଗୁଡ଼ିକରେ ମଶା ନିରୋଧକ ଭାବରେ ବଜାରକୁ ଆସୁଥିବା ଅଗରବତି କ୍ରୟ କରିବା ସମୟରେ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। କୀଟନାଶକ ନିୟନ୍ତ୍ରଣ ସଂଘ (ଏଚ୍ଆଇସିଏ) ଏହି କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛି ଏବଂ ସରକାରଙ୍କୁ ନିରନ୍ତର କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ଅନୁରୋଧ କରିଛି। ସଂଘର ସଚିବ ଜୟନ୍ତ ଦେଶପାଣ୍ଡେ କହିଛନ୍ତି, ସଚେତନତା ଅଭାବରୁ, ଲୋକମାନେ ଅଜାଣତରେ ସେମାନଙ୍କର କ୍ଷତିକାରକ ପ୍ରଭାବ ନ ବୁଝି ଏପରି ଉତ୍ପାଦ କିଣନ୍ତି। ଏଚ୍ଆଇସିଏ ନାଗରିକମାନଙ୍କୁ ଏହି ଅବୈଧ ଧୂପକାଠି ବ୍ୟବହାର ବନ୍ଦ କରିବାକୁ ଏବଂ ପ୍ୟାକେଜିଂରେ 'ସିଆଇଆର'ରୁ ଆରମ୍ଭ କରି ଉପଯୁକ୍ତ ପଞ୍ଜୀକରଣ ନମ୍ବର ବହନ କରୁଥିବା କେବଳ ସରକାରୀ ଅନୁମୋଦିତ ମଶା ପ୍ରତିରୋଧକ ବାଛିବାକୁ ଦୃଢ଼ ଅନୁରୋଧ କରୁଛି।

ସୂଚନା ଥାଉକି, ଭାରତରେ ବେଆଇନ ମଶା ଧୂପକାଠି ବଜାର, ଯାହା ପ୍ରାୟତଃ ବେଆଇନ ହୋଇଥାଏ ତାହା ଭାରତୀୟ ମୂଲ୍ୟ ଅନୁସାରେ ୧୬୦୦ କୋଟି ଟଙ୍କା ମୂଲ୍ୟର ରହିଛି। ପୂର୍ବ ଭାରତରେ, ଏହା ଭାରତୀୟ ମୂଲ୍ୟ ଅନୁସାରେ ୬୦୦ କୋଟି ଟଙ୍କା ଶିଳ୍ପରେ ପରିଣତ ହୋଇଛି। ମଶା ପ୍ରତିରୋଧୀ ଧୂପକାଠିରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଯେକୌଣସି ରାସାୟନିକ ପଦାର୍ଥ ଦେଶରେ ଉତ୍ପାଦନ, ଆମଦାନୀ କିମ୍ବା ବିକ୍ରୟ କରିବା ପୂର୍ବରୁ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ କେନ୍ଦ୍ରୀୟ କୀଟନାଶକ ବୋର୍ଡ ଏବଂ ପଞ୍ଜୀକରଣ କମିଟି (ସିଆଇବିଆର୍‌ସି) ସହିତ ପଞ୍ଜୀକୃତ ହେବା ଆବଶ୍ୟକ। ଏହା ବ୍ୟତୀତ, ଯେକୌଣସି ସରକାର-ଅନୁମୋଦିତ ମଶା ପ୍ରତିରୋଧୀ ସାଧାରଣତଃ ସିଆଇବିଆରସି ଦ୍ୱାରା କୌଣସି ଅନୁମୋଦନ ପୂର୍ବରୁ ଏକ ପରୀକ୍ଷଣ ପ୍ରକ୍ରିୟା ଦେଇ ଗତି କରିଥାଏ।

# ଅନନ୍ତ ଅମ୍ବାନୀଙ୍କୁ ଗ୍ଲୋବାଲ ହ୍ୟୁମାନିଟାରିୟନ ଆୱାର୍ଡ

ଭୁବନେଶ୍ୱର, ୯।୧୨



ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପ୍ରାଣୀ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆମେରିକାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ସମାରୋହରେ ଅନନ୍ତ ଅମ୍ବାନୀଙ୍କୁ ଗ୍ଲୋବାଲ ହ୍ୟୁମାନିଟାରିୟନ ଆୱାର୍ଡ ପ୍ରଦାନ କରାଯାଇଛି। ବନ୍ତାରା ମାଧ୍ୟମରେ ପ୍ରାଣୀମାନଙ୍କର ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ସଂରକ୍ଷଣରେ ତାଙ୍କର ନେତୃତ୍ୱ ପାଇଁ ଏହି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ଏହି ସଫଳତା ସହ ଅନନ୍ତ ଅମ୍ବାନୀ ଏକ ବିଶେଷ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ଏହି ସମ୍ମାନ ପାଇବାରେ ସବୁଠାରୁ କମ୍ ବୟସ୍କ ଏବଂ ଏସିଆରେ ପ୍ରଥମ। ପୂର୍ବରୁ ଏହି ପୁରସ୍କାର ହଲିଉଡ୍ ସେଲିବ୍ରିଟି ଏବଂ ଆମେରିକାର ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏବଂ ବିଲ୍ କ୍ଲିଣ୍ଟନଙ୍କ ସମେତ ଅନେକ ବିଶ୍ୱନେତାଙ୍କୁ ପ୍ରଦାନ କରାଯାଇଛି। ପୁରସ୍କାର ଗ୍ରହଣକରି ଅନନ୍ତ ଅମ୍ବାନୀ କହିଛନ୍ତି, ଏହି ସମ୍ମାନ ମୋତେ 'ସର୍ବଭୂତ ହିତ' ପଥରେ ଆହୁରି ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଛି। ପ୍ରାଣୀମାନେ ଆମକୁ ଜୀବନରେ ସନ୍ତୁଳନ ଏବଂ ସମ୍ବେଦନଶୀଳତା ଶିଖାନ୍ତି। ବନ୍ତାରା ମାଧ୍ୟମରେ, ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଜୀବଜନ୍ତୁଙ୍କୁ ସମ୍ମାନ, ଯତ୍ନ ଏବଂ ଏକ ଉତ୍ତମ ଜୀବନ ପ୍ରଦାନ କରିବା। ଆମ ପାଇଁ, ସଂରକ୍ଷଣ ଭବିଷ୍ୟତର ବିଷୟ ନୁହେଁ, ବରଂ ଆଜିର ଏକ ଦାୟିତ୍ୱ। ଏହି କାର୍ଯ୍ୟକ୍ରମରେ ଡ. ଜନ୍ ପଲ୍ ରୋଡ୍ରିଗ୍ରେଜ, ମାଥ୍ୟୁ ଜେମ୍ସ, ୱିଲିୟମ ଷ୍ଟ୍ରିଟ୍, ଥମାସ ସ୍କିମଡ୍, ଡ. ମାଇକେଲ ଏଡକେସନ ଏବଂ କ୍ୟାଥ୍‌ଲିନ ଡୁଡଜିଂସ୍କିଙ୍କ ସମେତ ବନ୍ୟପ୍ରାଣୀ ସଂରକ୍ଷଣର ଅନେକ ପ୍ରମୁଖ ବ୍ୟକ୍ତି ଯୋଗ ଦେଇଥିଲେ। ଭାରତରୁ ଡ. ନୀଲମ ଖୈର, ଡ.ଭି.ବି. ପ୍ରକାଶ ଏବଂ ଡ. କେ.କେ. ଶର୍ମା ମଧ୍ୟ ଉପସ୍ଥିତ ଥିଲେ।

# ଭାରତ ମଣ୍ଡପରେ ଜନମଙ୍ଗଳ ସମ୍ମିଳନୀ





ଭୁବନେଶ୍ୱର, ୯।୧୨

ନୂଆଦିଲ୍ଲୀର ଭାରତ ମଣ୍ଡପରେ ୧୨ ଓ ୧୩ ତାରିଖରେ ୨ଦିନିଆ ଜନମଙ୍ଗଳ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ରାମଦେବ ଓ ଜୈନ ସନ୍ଥ ଆଚାର୍ଯ୍ୟ ପ୍ରସନ୍ନ ସାଗରଙ୍କ ନେତୃତ୍ୱରେ 'ପ୍ରତି ମାସରେ ଦିନେ ଉପବାସ' ଅଭିଯାନର ଶୁଭାରମ୍ଭ ହେବ। ପ୍ରତି ମାସର ୭ ତାରିଖରେ ଏହି ଉପବାସ ରଖିବାକୁ ଆହ୍ୱାନ ଦିଆଯାଇଛି। କେବଳ ଭାରତ ନୁହେଁ ବରଂ ବିଦେଶରୁ ମଧ୍ୟ ଲକ୍ଷାଧିକ ଲୋକ ଏହି ଜନ ଆନ୍ଦୋଳନରେ ସାମିଲ ହେବେ। କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ, ଗଜେନ୍ଦ୍ର ସିଂହ ଶେଖାୱତ୍, ଭୂପେନ୍ଦର ଯାଦବ, ଦିଲ୍ଲୀ କ୍ୟାବିନେଟ୍ ମନ୍ତ୍ରୀ ପ୍ରଭେଶ ସାହିବ ସିଂହ, କପିଲ ମିଶ୍ର, ଏମ୍‌ପି ସୁଧାଂଶୁ ତ୍ରିବେଦୀ, ଯୋଗେନ୍ଦ୍ର ଚନ୍ଦୋଲିଆ, ଇଣ୍ଡିଆ ଟିଭି ଅଧ୍ୟକ୍ଷ ରଜତ୍ ଶର୍ମା, ଡା. ଏସ୍. କେ. ସରିନ୍, ଭାରତୀୟ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ଏନ୍. ପି. ସିଂହ, ପତଞ୍ଜଳି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡା. ଅନୁରାଗ ବାର୍ଷ୍ଣେୟ ପ୍ରମୁଖ ଯୋଗଦେବେ। ବାଗେଶ୍ୱର ସରକାର ଧୀରେନ୍ଦ୍ର ଶାସ୍ତ୍ରୀ, ଆଚାର୍ଯ୍ୟ ବାଲକ୍ରିଷ୍ଣା, ମହାମଣ୍ଡେଳଶ୍ୱର ଜ୍ଞାନାନନ୍ଦ ଓ ମହନ୍ତ ବାଲକନାଥ ଯୋଗୀ ପ୍ରମୁଖ ବାର୍ତ୍ତା ଦେବେ।

# ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ଛାତ୍ରବୃତ୍ତି ପୁରସ୍କାର

**ଡିଏଭି ବେଦାନ୍ତର ୨୨ ସମ୍ମାନିତ**

ଭୁବନେଶ୍ୱର, ୯।୧୨(ଅନୁରାଧା ମହାରଣା)




ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ଅଧୀନରେ ୨୦୨୪-୨୫ଶିକ୍ଷାବର୍ଷରେ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲର ମୋଟ ୨୨ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଲାଞ୍ଜିଗଡ଼ର ଗୋଷ୍ଠି ଉନ୍ନୟନ ଅଧିକାରୀ ବିଡିଓ ଅନିମେଶ ପ୍ରଧାନ ଯୋଗ ଦେଇଥିଲେ। ଛାତ୍ରବୃତ୍ତି ପଦକ୍ଷେପ ଭାବେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଟପ୍ପରମାନଙ୍କୁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ କୌଣସି ବିଷୟରେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଟପ୍ପରମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରତ୍ୟେକଙ୍କୁ ୮୦୦୦ଟଙ୍କା ସହିତ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ମାଧ୍ୟମରେ, ଆମେ ଉତ୍କର୍ଷତାକୁ ସ୍ୱୀକୃତି ଦେବା, ଲକ୍ଷ୍ୟ ହାସଲ ପାଇଁ ଅନୁପ୍ରାଣିତ କରିବା ଏବଂ ଯୁବ ମସ୍ତିଷ୍କକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଲାଞ୍ଜିଗଡ଼ ବିଡିଓ ଅନିମେଶ ପ୍ରଧାନ କହିଥିଲେ, ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିବା ଲାଗି ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶିକ୍ଷାକୁ ସମର୍ଥନ କରିବାରେ ବେଦାନ୍ତ ଲାଞ୍ଜିଗଡ଼ର ନିରନ୍ତର ପ୍ରୟାସ ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣୁଛି।

# ସିମେଣ୍ଟ ଶିଳ୍ପରେ ହେବ ୯% ଅଭିବୃଦ୍ଧି

ଭୁବନେଶ୍ୱର, ୯।୧୨(ଅନୁରାଧା ମହାରଣା)

ଆର୍ଥିକ ବର୍ଷ-୨୦୨୬ର ଦ୍ୱିତୀୟାର୍ଦ୍ଧରେ ଭାରତୀୟ ସିମେଣ୍ଟ ଶିଳ୍ପର ପରିମାଣ ୮ରୁ ୯ ପ୍ରତିଶତ ବୃଦ୍ଧି ପାଇବା ସମ୍ଭାବନା ରହିଛି। କ୍ରିସିଲ ଇଣ୍ଟେଲିଜେନ୍ସ ଏକ ରିପୋର୍ଟରେ ଏହି ଆକଳନ କରାଯାଇଛି। ଶିଳ୍ପର ମାର୍ଜିନ ୨୫୦-୩୦୦ ବିପିଏସ୍ ବୃଦ୍ଧି ପାଇବ, ଯାହାର ସହାୟତାରେ ଉଚ୍ଚ ପ୍ରାପ୍ତି, ସ୍ଥିର ମୂଲ୍ୟ, ଜିଏସ୍‌ଟି ହ୍ରାସ ଏବଂ ପରିମାଣ ବୃଦ୍ଧି ସମେତ ବିଭିନ୍ନ କାରଣ ସାହାଯ୍ୟ କରିବେ, ଯାହା ଉତ୍ପାଦକଙ୍କ ପାଇଁ ଚାପ କମ୍ କରିବ। ସ୍ଥିର ବିକ୍ରୟ ମୂଲ୍ୟ ଏବଂ ଇନ୍‌ପୁଟ ମୂଲ୍ୟ ମଧ୍ୟରେ ପରିମାଣ ଏହି ଆର୍ଥିକ ବର୍ଷରେ ସିମେଣ୍ଟ ଉତ୍ପାଦକଙ୍କ ଲାଭରେ ୨୫୦-୩୦୦ ବେସିସ୍ ପଏଣ୍ଟ (ବିପିଏସ୍) ଅଭିବୃଦ୍ଧି ଆଣିବ ବୋଲି ରିପୋର୍ଟରେ କୁହାଯାଇଛି।

# ଭାରତର ପ୍ରଥମ ନୂତନ-ଜେନ୍ ଟ୍ରାକ୍ଟର ପ୍ଲାଟଫର୍ମ ଉନ୍ମୋଚିତ

ଭୁବନେଶ୍ୱର, ୯।୧୨

ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ (ଆଇଟିଏଲ)ର ପ୍ରମୁଖ ବ୍ରାଣ୍ଡ ସୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ନୂତନ ସୋଲିସ ଜେପି ୯୭୫ ଉନ୍ମୋଚନ କରାଯାଇଛି। ଏକ ସମ୍ପୂର୍ଣ୍ଣ ନୂତନ ପ୍ରଯୁକ୍ତିବିଦ୍ୟା ପ୍ଲାଟଫର୍ମ ଉପରେ ବିକଶିତ, ଜେପି ୯୭୫ ପ୍ରଗତିଶୀଳ ଭାରତୀୟ କୃଷକମାନଙ୍କ ପାଇଁ ଉଚ୍ଚ-କାର୍ଯ୍ୟକ୍ଷମ, ବୁଦ୍ଧିମାନ ଏବଂ ପ୍ରୟୋଗ- ପ୍ରସ୍ତୁତ ଟ୍ରାକ୍ଟରର ଏକ ନୂତନ ଯୁଗର ଆରମ୍ଭକୁ ଚିହ୍ନିତ କରୁଛି। ଭାରତର 'ବିକଶିତ କିଷାନ୍'କୁ ସଶକ୍ତ କରିବା ପାଇଁ ନିର୍ମିତ, ସୋଲିସ୍ ଜେପି ୯୭୫ ଅତୁଳନୀୟ କାର୍ଯ୍ୟକ୍ଷମ ଆରାମ ଏବଂ ବର୍ଗ-ଅଗ୍ରଣୀ ବୈଶିଷ୍ଟ୍ୟଗୁଡ଼ିକ ପାଇଁ ଯୁଗାନ୍ତକାରୀ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରୁଛି । ନୂତନ ସୋଲିସ ଜେପି ୯୭୫ ଏହାର ଉନ୍ନତ ଜେପି ଟେକ୍ ୪-ସିଲିଣ୍ଡର ଇଞ୍ଜିନ୍, ଯାହା ହେଭି-ଡ୍ୟୁଟି ଅପରେସନରେ ସହଜ କାର୍ଯ୍ୟଦକ୍ଷତା ପାଇଁ ୧୦% ଅଧିକ ଟର୍କ ପ୍ରଦାନ କରେ ଯାହା ୨୦୫ ଏନ୍ଏମ ପର୍ଯ୍ୟନ୍ତ ସର୍ବାଧିକ ହୋଇଥାଏ। ଏହି ଶକ୍ତିଶାଳୀ ଏବଂ ଇନ୍ଧନ ଦକ୍ଷ ଇଞ୍ଜିନ୍ ସେଗମେଣ୍ଟରେ ଭାରତର ପ୍ରଥମ ୧୫ଏଫ + ୫ଆର ଏପିସାଇକ୍ଲିକ୍ ଟ୍ରାନ୍ସମିସନ୍ ସହିତ ଯୋଡ଼ି ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେସା ଫୁଟ୍‌ବଲ ଏକାଡେମୀକୁ ଯୋଗ୍ୟତା

**ଇଣ୍ଡିଆନ ଓମେନ୍ସ ଲିଗ୍**

ପଣଜୀ, ୯।୧୨(ପି.ଟି.)

ସେସା ମହିଳା ଫୁଟ୍‌ବଲ ଏକାଡେମୀ (ଏସ୍‌ଏଫ୍‌ଏ)ର ସିନିୟର ମହିଳା ଦଳ ପ୍ରଥମଥର ପାଇଁ ଇଣ୍ଡିଆନ ଓମେନ୍ସ ଲିଗ୍(ଆଇଡବ୍ଲ୍ୟୁଏଲ୍) ଲାଗି ଯୋଗ୍ୟତା ଅର୍ଜନ କରିଛି। ଗୋଆର ଏହି ଦଳ ନିକଟରେ ୩ ବର୍ଷ ପରେ ଜାତୀୟ ଲିଗ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଦଳ ବର୍ତ୍ତମାନ ଆଇଡବ୍ଲ୍ୟୁଏଲ୍‌ର ୯ମ ସଂସ୍କରଣରେ ଭାଗ ନେଉଥିବା ଭାରତର ୯ ଏଲିଟ୍ ଦଳରେ ସ୍ଥାନ ପାଇଛି। ଟୁର୍ନାମେଣ୍ଟ ପଶ୍ଚିମବଙ୍ଗରେ ଡିସେମ୍ବର ୨୦ରୁ ଜାନୁଆରୀ ୬ ପର୍ଯ୍ୟନ୍ତ ଖେଳାଯିବ। ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ତଥା ଏସ୍‌ଏଫ୍‌ଏର ପୂର୍ବତନ କୋଚ୍ ଆର୍ମାଣ୍ଡୋ କୋଲାକୋ ଅଗାଆରେ ମହିଳା ଫୁଟ୍‌ବଲର ପୁନରୁଦ୍ଧାରକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଇକୋସିଷ୍ଟମର ପୁନର୍ଗଠନ ନୂତନ ପିଢ଼ିର ମହିଳା ଫୁଟ୍‌ବଲରଙ୍କୁ ପ୍ରେରଣା ଯୋଗାଇଦେବ। ଏହାର ସମସ୍ତ ଶ୍ରେୟ ଏକାଡେମୀକୁ ଯିବ ବୋଲି ସେ କହିଛନ୍ତି।

# ଓଡ଼ିଶା ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୧୨ (ତପନ ସ୍ୱାଇଁ)


ଉଦ୍‌ଘାଟନୀ ଉତ୍ସବରେ ଖେଳାଳିଙ୍କ ସହ ଅତିଥି ବୃନ୍ଦ।

**ଭାଗନେଲେ ୧୬ ଦେଶର ୧୩୭ ମହିଳା ଓ ୧୪୭ ପୁରୁଷ ଖେଳାଳି**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାର ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ରାଜେଶ ପାଟିଲ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଭେନୁଗୋପାଳ ମହାଲିଙ୍ଗମ୍, କ୍ରୀଡ଼ା ସଚିବ ୟେଦୁଲା ବିଜୟ, କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏବଂ ଆୟୋଜକ କମିଟି ସମ୍ପାଦକ ନିଲେନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏବର୍ଷ ଓଡିଶା ମାଷ୍ଟର୍ସରେ ୧୪୭ ପୁରୁଷ ଓ ୧୩୭ ମହିଳା ଭାଗ ନେଇଛନ୍ତି। ଏମାନେ ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଟାଇଟଲ ପାଇଁ ଲଢେଇ କରିବେ। ପ୍ରଥମ ଦିନର ପୂର୍ବାହ୍ନରେ ୨୪ଟି କ୍ୱାଲିଫାଇଂ ମ୍ୟାଚ ହୋଇଥିବା ବେଳେ ଏଥିରୁ ୨୪ଟି ଦଳ ମୁଖ୍ୟ ଡ୍ର’କୁ ଉନ୍ନୀତ ହୋଇଛନ୍ତି । ଅପରାହ୍ନରେ ମୁଖ୍ୟ ଡ୍ରରେ ୨୦ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଯୋଗ୍ୟତା ପର୍ଯ୍ୟାୟରୁ ମୁଖ୍ୟ ଡ୍ର’କୁ ଉନ୍ନୀତ ହୋଇଥିବା ଭାରତୀୟ ସିଙ୍ଗଲ୍ସ ଖେଳାଳିମାନେ ହେଲେ ଅଂଶ ବିଶାଳ ଗୁପ୍ତା, ମାନବ ଚୌଧୁରୀ, ରୋନକ ଚୌହାନ, ନୁମେର ଶେଖ, ମେଧାବୀ ନଗର, ସଂସ୍କାର ସାରସ୍ୱତ ଆଦିତ୍ୟ ଦିବାକର, ଲୋକେଶ ରେଡ୍ଡୀ, ତାଇପେଇର ଚି ୟୁନ ଚେଙ୍ଗ, ଜାପାନର ନନାମୀ ସୋମେୟା ଓ ଇଣ୍ଡୋନେସିଆର ଡାଳିଆ ଅଘନିଆ ପୁଟେରୀ। ଡବଲ୍ସରେ ଭାରତ୍‌ର ବିମଲରାଜ ଆନ୍ନାଦୁରେଇ ଓ ଶ୍ରେୟା ବାଲାଜୀ ଯୋଡ଼ି, ରୋହିତ ମାରିସ୍ୱାମୀ-ରିଧି କୌର, ଭି. ରେଡ୍ଡି-କେ. ସେଲଭାମ, ଜେନିଥ ଅବିଗେଲ-ଲିଖିତା ଶ୍ରୀବାସ୍ତବ, ଡି. ଭେଲ ମୁରୁଗାନ-ପି.ନଟରାଜାନ, ନିତିନ କୁମାର-ହର୍ଷ ରଣା, କେ. କୁମାରଭେଲ-ଆର. ମୋହନ କୁମାର, ଭି ଆର ନର୍ଦ୍ଧନା-ରିଦୁବର୍ଶିନୀ ରାମାସ୍ୱାମୀ, ଅଦିତି ଭଟ୍ଟ-ଶ୍ରାବଣୀ ବାଲେକାର, ଏନ. ଇଶ୍ୱର ମୂର୍ତ୍ତୀ-ଡି. ଭେଲ ମୁରୁଗାନ, ମୁରଲୀ କ୍ରିଷ୍ଣା କନୁରୀ-ଅଭିଜିତ ମହାରଣା ଓ ସାକ୍ଷୀ ଗହ୍ଲାବତ-ତନୀଷା ସିଂ । ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ମୁଖ୍ୟ ଡ୍ର ପ୍ରତିଯୋଗିତାରେ ଭାରତୀୟ ଖେଳାଳି କେଭିନ ଥାଙ୍ଗମ, ସାନିଥ ଦୟାନନ୍ଦ, ତୁଷାର ସୁବିର, ଇଣ୍ଡୋନେସିଆ ଖେଳାଳି ମହମ୍ମଦ ୟୁସୁଫ, ରିଚି ରିକାର୍ଡୋ ପ୍ରମୁଖ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୧ ଲକ୍ଷ ୧୦ ହଜାର ଡ଼ଲାର ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତାକୁ ପରିଚାଳନା ପାଇଁ ୧୦ ଜଣିଆ ବିଡବ୍ଲ୍ୟୁଏଫ ମନୋନୀତ ଅଫିସିଆଲ ଦଳ, ୧୨ ଜଣ ଭାରତୀୟ ବ୍ୟାଡ୍‌ମିଣ୍ଟନ ସଙ୍ଘ ମନୋନୀତ ଅଫିସିଆଲ ଏବଂ ୪୬ ଜଣ ଓସବା ମନୋନୀତ ଅଫିସିଆଲ ପରିଚାଳନା କରୁଛନ୍ତି।

# ଭାରତୀୟ ଦଳରେ କମଳିନୀ, ବୈଷ୍ଣବୀ ନୂଆ ମୁହଁ

**ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ୍**

ନୂଆଦିଲ୍ଲୀ, ୯।୧୨(ପି.ଟି.)

ଶ୍ରୀଲଙ୍କା ବିପକ୍ଷ ଆସନ୍ତା ୫ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ୍ ଘରୋଇ ସିରିଜ୍ ପାଇଁ ମଙ୍ଗଳବାର ୧୫ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ପ୍ରଥମଥର ଦୁଇ ନୂଆ ଖେଳାଳି ଗୁନାଲାନ କମଳିନୀ ଓ ବୈଷ୍ଣବୀ ଶର୍ମାଙ୍କୁ ସ୍ଥାନ ମିଳିଛି। ଡିସେମ୍ବର ୨୧ରୁ ୩୦ ପର୍ଯ୍ୟନ୍ତ ଏହି ସିରିଜ୍ ଖେଳାଯିବ। ପ୍ରଥମ ଦୁଇ ଗେମ୍ ଯଥାକ୍ରମେ ବିଶାଖାପାଟଣା ଓ ଥିରୁଭାନନ୍ତପୁରମ୍‌ରେ ଖେଳାଯିବ। ୧୭ ବର୍ଷୀୟା ଉଇକେଟ୍‌କିପର-ବ୍ୟାଟର କମଳିନୀ ମହିଳା ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ୯ଟି ମ୍ୟାଚ୍ ଖେଳିଛନ୍ତି। ସେହିପରି ୧୯ ବର୍ଷୀୟା ବୈଷ୍ଣବୀଙ୍କ ନାମ ଅବଶ୍ୟ ଡବ୍ଲ୍ୟୁପିଏଲ୍ ନିଲାମି ତାଲିକାରେ ସ୍ଥାନ ପାଇ ନ ଥିଲା। ଗତମାସରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ସଫଳତା ପାଇଥିବା ଭାରତୀୟ ଦଳର ଦୁଇ ସଦସ୍ୟା ରାଧା ଯାଦବ ଓ ଉମା ଛେତ୍ରୀଙ୍କ ସ୍ଥାନରେ କମଳିନୀ ଏବଂ ବୈଷ୍ଣବୀଙ୍କୁ ଦଳରେ ନିଆଯାଇଛି। କମଳିନୀ ଓ ବୈଷ୍ଣବୀଙ୍କୁ ଛାଡ଼ିଦେଲେ ଦଳରେ ସ୍ଥାନ ପାଇଥିବା ଅନ୍ୟ ସମସ୍ତ ହେଉଛନ୍ତି ଜଣାଶୁଣା ଖେଳାଳି। ସେମାନଙ୍କ ମଧ୍ୟରେ ଅଛନ୍ତି ହରମନପ୍ରୀତ୍ କୌର। ସେ ଦଳର ଅଧିନାୟିକତ୍ୱ କରିବେ। ସ୍ମୃତି ମନ୍ଧାନା ଉପଅଧିନାୟିକା ଦାୟିତ୍ୱ ତୁଲାଇବେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ପୂର୍ବରୁ ଆଘାତପ୍ରାପ୍ତ ପ୍ରତିକା ରାଓ୍ୱଲଙ୍କ ସ୍ଥାନରେ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ବିଗ୍ ହିଟର ବ୍ୟାଟର ଶେଫାଳି ବର୍ମାଙ୍କୁ ମଧ୍ୟ ଦଳରେ ନିଆଯାଇଛି। ନଭି ମୁମ୍ବାଇରେ ଜାନୁଆରୀ ୯ରୁ ଡବ୍ଲ୍ୟୁପିଏଲ୍ ଆରମ୍ଭ ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଖେଳିବେ। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଗତଥର ଏକ ଅନ୍ତର୍ଜାତୀୟ ଟି୨୦ ୨୦୨୪ ଅକ୍ଟୋବରରେ ବିଶ୍ୱକପ୍‌ରେ ଖେଳାଯାଇଥିଲା। ସୂଚନାଯୋଗ୍ୟ, ପ୍ରକୃତରେ ଡିସେମ୍ବରରେ ଭାରତ ଓ ବାଂଲାଦେଶ ମହିଳା କ୍ରିକେଟ ଦଳ ମଧ୍ୟରେ ଏକ ହ୍ୱାଇଟ୍ ବଲ୍ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ସୁସମ୍ପର୍କ ନ ଥିବାରୁ ଏହାକୁ ବାତିଲ କରାଯାଇ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ୍‌ର ଆୟୋଜନ କରାଯାଇଛି।

**ଭାରତୀୟ ମହିଳା ଟି୨୦ କ୍ରିକେଟ୍ ଦଳ:** ହରମନପ୍ରୀତ୍ କୌର(ଅଧିନାୟିକା), ସ୍ମୃତି ମନ୍ଧାନା(ଉପଅଧିନାୟିକା), ଦୀପ୍ତି ଶର୍ମା, ସ୍ନେହ ରାଣା, ଜେମିମା ରୋଡ୍ରିଗ୍ସ, ଶେଫାଳି ବର୍ମା, ହର୍ଲିନ ଦେଓଲ, ଅମନଜୋତ୍ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼, ରେଣୁକା ସିଂ ଠାକୁର, ରିଚା ଘୋଷ୍(ଉଇକେଟ୍‌କିପର), ଜି. କମଳିନୀ (ଉଇକେଟ୍‌କିପର), ଶ୍ରୀ ଚାରନୀ ଓ ବୈଷ୍ଣବୀ ଶର୍ମା।

# ନିଲାମିରେ ଭାଗନେବେ ୩୫୦ ଖେଳାଳି

**ଆଇପିଏଲ୍ ୨୦୨୬**



ମୁମ୍ବାଇ, ୯।୧୨(ପି.ଟି.)

ଡିସେମ୍ବର ୧୬ରେ ଆବୁଧାବିଠାରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍) ନିଲାମି ଅନୁଷ୍ଠିତ ହେବ। ଏଥିରେ ୨୪୦ ଭାରତୀୟଙ୍କସମେତ ମୋଟ୩୫୦ଖେଳାଳି ଅଂଶଗ୍ରହଣ କରିବେ। ଶେଷ ମୁହୂର୍ତ୍ତରେ ଫାଇନାଲ ଲିଷ୍ଟରେ ଆଶ୍ଚର୍ଯ୍ୟଜନକ ଭାବେ ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ୍ ଡି’କକ୍‌ଙ୍କୁ ଏଥିରେ ସାମିଲ କରାଯାଇଛି। ନିକଟରେ ଅନ୍ତର୍ଜାତୀୟ ଦିନିକିଆ ଅବସରରୁ ଫେରିଥିବା ଉଇକେଟ୍‌କିପର-ବ୍ୟାଟର ଡି’କକ୍‌ଙ୍କ ବେସ୍ ପ୍ରାଇସ୍ ୧ କୋଟି ଟଙ୍କା ରଖାଯାଇଛି। ତାଲିକାରେ ଅଷ୍ଟ୍ରେଲିଆ ବ୍ୟାଟର ଷ୍ଟିଭ ସ୍ମିଥ୍‌ଙ୍କ ନାମକୁ ମଧ୍ୟ ସାମିଲ କରାଯାଇଛି। ସେ ଗତଥର ୨୦୨୧ ଖେଳାଳି ନିଲାମିରେ ତାଙ୍କ ନାମ ପଞ୍ଜୀକୃତ କରିଥିଲେ। ଖେଳାଳି ନିଲାମ ପାଇଁ ମୋଟ ୧,୩୯୦ ଜଣ ସେମାନଙ୍କ ନାମ ପଞ୍ଜୀକୃତ କରିଥିଲେ। ପ୍ରଥମେ ଏହି ତାଲିକାକୁ ୧,୦୦୫ ଏବଂ ପରେ ୩୫୦କୁ ସଂକ୍ଷିପ୍ତ କରାଯାଇଥିଲା। ୧୦ଟି ଦଳକୁ ନେଇ ବିଶ୍ୱର ଏହି ସବୁଠାରୁ ବଡ଼ ଟି୨୦ ଲିଗ୍‌ର ୧୯ତମ ସଂସ୍କରଣ ପାଇଁ ୭୭ଟି ସ୍ଥାନ ଉପଲବ୍ଧ ଅଛି। ତନ୍ମଧ୍ୟରେ ବିଦେଶୀ ଖେଳାଳିଙ୍କ ସଂଖ୍ୟା ୩୧ ରହିଛି। ପ୍ରଥମ ସେଟ୍‌ରେ ନିଲାମ ହେବାକୁଥିବା ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ମୁମ୍ବାଇ ଇଣ୍ଡିଆନ୍ ବ୍ୟାଟର ପୃଥ୍ୱୀ ଶ’ ଓ ସର୍ଫରାଜ ଖାନ୍। ଉଭୟଙ୍କ ବେସ୍ ପ୍ରାଇସ୍ ୭୫ ଲକ୍ଷ ଟଙ୍କା ଲେଖାଏ ରଖାଯାଇଛି। ଶ’ ୨୦୧୮ରୁ ୨୦୨୪ ପର୍ଯ୍ୟନ୍ତ ନିୟମିତ ଆଇପିଏଲ୍‌ର ଅଂଶବିଶେଷ ରହି ଆସିଛନ୍ତି। ଗତବର୍ଷ କିନ୍ତୁ ସେ ବିକ୍ରି ହୋଇପାରି ନ ଥିବାବେଳେ ସର୍ଫରାଜ ୨୦୨୧ ପରଠାରୁ ପ୍ରତିଯୋଗିତାରେ ଖେଳିନାହାନ୍ତି। ଖେଳାଳି ତାଲିକାରେ ସ୍ଥାନ ପାଇଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ ଦୁଇ ଅଷ୍ଟ୍ରେଲୀୟ କାମେରନ ଗ୍ରୀନ୍ ଓ ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ ପୂର୍ବତନ ଚେନ୍ନାଇ ସୁପର କିଙ୍ଗ୍ସ ଓପ୍‌ନର ଡେଭନ କନଓ୍ୱେ ଓ ଦକ୍ଷିଣ ଆଫ୍ରିକାର ଡେଭିଡ ମିଲର ଅନ୍ୟତମ ରହିଛନ୍ତି। ପ୍ରତ୍ୟେକ ଖେଳାଳିଙ୍କ ବେସ୍ ପ୍ରାଇସ୍ ୨ କୋଟି ରଖାଯାଇଛି। କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର)ରୁ ରିଲିଜ୍ ହୋଇଥିବା ଭେଙ୍କଟେଶ ଆୟାରଙ୍କ ବେସ୍ ପ୍ରାଇସ ୨ କୋଟି ଟଙ୍କା ରଖାଯାଇଛି। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ଘରୋଇ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି କୁନାଲ ଚାଣ୍ଡେଲା ଓ ଅଶୋକ କୁମାର। ସୟଦ ମୁସ୍ତାକ୍ ଅଲି ଟି୨୦ ଟ୍ରଫିରେ ଉଭୟ ଯଥାକ୍ରମେ ହେଉଛନ୍ତି ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର ଓ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ୩ଥର ଚାମ୍ପିୟନ କେକେଆର୍ ନିଲାମିକୁ ସବୁଠାରୁ ଅଧିକ ୬୪.୩ କୋଟି ଟଙ୍କା ନେଇ ଓହ୍ଲାଇବ। ଏହା ପଛକୁ ରହିଛି ୫ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ(ସିଏସ୍‌କେ)। ଥରେ ଆଇପିଏଲ ଟାଇଟଲ ଜିତିଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ତୃତୀୟ ସର୍ବାଧିକ ୨୫.୫ କୋଟି ଟଙ୍କା ନେଇ ନିଲାମିକୁ ଓହ୍ଲାଇବ। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ୨୧ଜଣ ଇଂଲଣ୍ଡ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଉଇକେଟ୍‌କିପର ବ୍ୟାଟର ଜେମି ସ୍ମିଥ୍, ପେସର ଗସ୍ ଆଟକିନ୍‌ସନ, ଲିଆମ ଲିଭିଂଷ୍ଟୋନ୍ ଏବଂ ଟେଷ୍ଟ ଓପ୍‌ନର ବେନ୍ ଡକେଟ। ନିଲାମିରେ ଗ୍ରୀନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଆଶା କରାଯାଉଛି। ତାଲିକାରେ ସ୍ଥାନ ପାଇଁ ୧୯ ଅଷ୍ଟ୍ରେଲୀୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଜୋଶ୍ ଇଂଲିଶ, ମାଥ୍ୟୁ ଶର୍ଟ, କୁପର କୋନୋଲି ଓ ବିୟୁ ୱେବଷ୍ଟର ଅନ୍ୟତମ। ଆଇପିଏଲ୍ ନିଲାମିରେ ସାମିଲ ହେବାକୁଥିବା ଦକ୍ଷିଣ ଆଫ୍ରିକାର ୧୫ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଫାଷ୍ଟ ବୋଲର ଏନ୍‌ରିଜ ନର୍ଜେ, ଲୁନ୍‌ଗି ଏନ୍‌ଗିଡ଼ି, ଜେରାଲ୍ଡ କୋଜି ଏବଂ ଅଲ୍‌ରାଉଣ୍ଡର ୱିଆନ ମଲ୍‌ଡର। ସେହିପରି ତାଲିକାରେ ସ୍ଥାନ ପାଇଥିବା ୯ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଫାଷ୍ଟ ବୋଲର ଅଲ୍‌ଜାରି ଯୋଶେଫ୍ ଓ ଶାମର ଜୋଶେଫ, ଆକିମ୍ ଅଗଷ୍ଟି, ଶାଇ ହୋପ୍ ଓ ରୋଷ୍ଟନ ଚେଜ୍। ଶ୍ରୀଲଙ୍କା ସ୍ପିନର ୱାନିନ୍ଦୁ ହସରଙ୍ଗା, ଦୁନିଥ ୱେଲାଲେଗ୍, ମାହିଶ ଥିକ୍‌ସାନା ଓ ଟ୍ରାଭିନ ମାଥ୍ୟୁ, ପାଥୁମ ନିଶାଙ୍କା, କୁଶାଲ ମେଣ୍ଡିସ ଓ କୁଶାଲ ପେରେରାଙ୍କ ସମେତ ୧୨ ଜଣ ଖେଳାଳି ନିଲାମିରେ ଅବତୀର୍ଣ୍ଣ ହେବେ।


**Classified Everyday**
0674-2580101, 9692975378


MATRIMONIAL

**BRIDE WANTED**

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେ କୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

Wanted Brahmin B-tech bride for boy 1999/5’6”, software Engineer, MNC Bangalore. 7008283078. D-2787

**GROOM WANTED**

Good Looking Bania girl 1997, 5’3”, MBA, Bank PO. 9853366347. D-2775

Proposals invited from Bank officers State/ Central Govt./ psu Engineers for an Asst. manager (SBI) Brahmin bride, 27 years, 5’7”. Contact No.- 8280857693. D-2776

ବ୍ରାହ୍ମଣ Govt Lab Technician, 49, ବୟସ୍କା divorce ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 6370471610. D-2790

34 ବୟସ୍କା ବିଧବା Govt. Lecture, ସୁନ୍ଦର, ଖଣ୍ଡାୟତ ଝିଅଙ୍କୁ ବରପାତ୍ର ଯୋଗାଯୋଗ କରନ୍ତୁ। 8249280543. D-2791

See Career Appointment on every Wednesday & Saturday


REAL ESTATE

**SALE**

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14




The massage felt totally professional! & comfortable at all times-7978109255. D-221

All types of physiotherapy with massage, Contact number 9556924059/ 7656969134. D-2766

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

IN THE COURT OF THE 1ST ADDL. CIVIL JUDGE, SENIOR DIVISION, BHUBANESWAR
C.S. No.1715/2019

Bishnu Mohan Dash .....Plaintiff
Versus
Jayasingh Tanka & others ...... Defendants

NOTICE U/S.5, RULE- 20 OF C.P.C.

To,
1. Jayasingh Tanka, aged about 54 years, S/o- Late Lata Tanka, Village- Bachharapatna, near Radha Krushna Temple, P.O./P.S- Jatni, Dist.- Puri (Now Khordha) (Grandson of Mithi Bai), 2. Bilasini Mallick, aged about 60 years, D/o- Rama Mallick, At- Godhisahi, P.O./P.S.- Jatni, Dist.- Puri (Now Khordha), 3. Narendra Mallick, aged about 70 years, 4. Kuntala Mallick, aged about 67 years, 5. Sutei Mallick, aged about 65 years, 6. Supa Mallick, aged about 63 years, 7. Jayanti Mallick, aged about 61 years, Sl. No.3 to 7 are son and daughter of Late Laxman Mallick respectively and residing at village- Godhi Sahi, P.O./ P.S.- Jatni, Dist.- Puri (Now Khordha).

Whereas, the plaintiff has instituted the aforesaid civil suit against you for declaration of right, title and interest over the suit land. You hereby summoned to appear in this court in person or by a pleader duly instructed and able to answer all material questions relating to the civil suit or shall accompany by some person able to answer all such question on the 27th day of January 2026 at 10.30 O’ clock to answer the claim.

SCHEDULE OF PROPERTY

Mouza- Bachharapatna, Sabak Khata No. 224, Leger Khata No. 311 and Settlement Khata No. 211/5 and Khata No. 306, Plot No. 440/581, measuring an area Ac0.050 decimals, out of Ac0.500 decimals from eastern side and Mouza- Bachharapatna, Khata No. 211/4, Plot No. 440/580, measuring an area Ac0.250 decimals, out of Ac0.500 decimals, the purchase area is Ac0.085 decimals from the South-West corner of aforesaid total area Ac0.300 decimals of Sub-Registrar/Tahasil/P.O./P.S.- Jatni, Dist.- Puri now Khordha, the plot comprising of wide 42ft. means 63 kadi, length from North to South 89ft. means 135 kadi.

Given under my hand and the seal of the Court this 23rd day of October 2025.

Sd./- Dt.23.10.2025
1st Addl. Civil Judge, Senior Division, Bhubaneswar
D-2789


# ପ୍ରଥମ ଟ୍ରାନ୍ସଜେଣ୍ଡର ଫୁଟ୍‌ବଲ ଲିଗ୍

ଜାମ୍‌ସେଦ୍‌ପୁର, ୯।୧୨(ପି.ଟି.)

ଜାମ୍‌ସେଦ୍‌ପୁର ସୁପର ଲିଗ୍ ଅଧୀନରେ ପ୍ରଥମଥର ୭ଟି ଟ୍ରାନ୍ସଜେଣ୍ଡର ଦଳକୁ ନେଇ ଏକ ସ୍ୱତନ୍ତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଭାରତୀୟ ଫୁଟ୍‌ବଲର ଏହା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଫାଇଭ୍-ଏ-ସାଇଡ୍ ଫର୍ମାଟ୍‌ରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକ ହେଲେ ଜାମ୍‌ସେଦ୍‌ପୁର ଏଫ୍‌ଟି, ଚାଇବସା ଏଫ୍‌ସି, ଚକ୍ରଧରପୁର ଏଫ୍‌ସି, ଜାମ୍‌ସେଦ୍‌ପୁର ଇନ୍ଦ୍ରନଗର ଏଫ୍‌ସି, ନାଓମୁଣ୍ଡି ଏଫ୍‌ସି, ସରାଇକେଲା ଏଫ୍‌ସି ଓ କୋଲହାନ ଟାଇଗର୍ସ ଏଫ୍‌ସି। ପ୍ରଥମେ ଏହି ଟୁର୍ନାମେଣ୍ଟ ୪ ଦଳକୁ ନେଇ ଆୟୋଜନ କରିବା ଲାଗି ସ୍ଥିର ହୋଇଥିଲା। ମାତ୍ର ପରେ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ହେଉଛି ଜାମ୍‌ସେଦ୍‌ପୁର ସୁପର ଲିଗ୍‌ର ଏକ ଅଂଶବିଶେଷ। ରବିବାର ଉଦ୍‌ଘାଟନୀ ଦିବସରେ ଜାମ୍‌ସେଦ୍‌ପୁର ଏଫ୍‌ସି ୭-୦ ଗୋଲ୍‌ରେ ଚାଇବସା ଏଫ୍‌ସିକୁ ହରାଇ ଦେଇଥିବା ବେଳେ ଚକ୍ରଧରପୁର ଏଫ୍‌ସି ବିପକ୍ଷରେ କୋଲହାନ ଟାଇଗର୍ସ ୩-୦ ଗୋଲରେ ବିଜୟଲାଭ କରିଛି। ଅନ୍ୟପକ୍ଷେ ଜାମ୍‌ସେଦ୍‌ପୁର ଇନ୍ଦ୍ରନଗର ଏଫ୍‌ସି ଓ ନୋଆମୁଣ୍ଡି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା।


**ମନେ ପଡ଼ନ୍ତି**

**ଏକାଦଶ ଶ୍ରାଦ୍ଧବାର୍ଷିକୀ**



**୰ ଚକ୍ରଧର ନନ୍ଦ**

ରାଣୀପଡ଼ା, ସାଲେପୁର
ଆବିର୍ଭାବ: ୧୬।୦୩।୧୯୩୪
ତିରୋଧାନ: ୧୨।୧୨।୨୦୧୪
ତୁମ ଅମର ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ
ଧ-୨୭୮୮


# ପୋଡିୟମ ଫିନିଶ ଲକ୍ଷ୍ୟରେ ଭାରତ

**ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ହକି**

ଚେନ୍ନାଇ, ୯।୧୨(ପି.ଟି.)

ଅନ୍ତର୍ଜାତୀୟ ହକି ମହାସଙ୍ଘ (ଏଫ୍‌ଆଇଏଚ୍) ପୁରୁଷ ଜୁନିୟର ବିଶ୍ୱକପ୍ ହକି ଟାଇଟଲ ହାସଲ କରିବାର ସ୍ୱପ୍ନ ହୁଏତ ଶେଷ ହୋଇଯାଇଥାଇପାରେ। କିନ୍ତୁ ଅତିକମ୍‌ରେ ପୋଡିୟମ ଫିନିଶ ସହ ଘରୋଇ ଦର୍ଶକଙ୍କ ମନରେ କିଛିଟା ଖୁସି ଆଣିଦେବାକୁ ଆଶା ରଖିଥିବ ନିଶ୍ଚୟ। ଭାରତ ବୁଧବାର ବ୍ରୋଞ୍ଜ୍ ପଦକ ମୁକାବିଲାରେ ଆର୍ଜେଣ୍ଟିନାକୁ ଭେଟିବ। ଭାରତ ୯ ବର୍ଷ ପୂର୍ବେ ୨୦୧୬ ଲକ୍ଷ୍ନୌ ସଂସ୍କରଣରେ ଟାଇଟଲ ବିଜୟୀ ହୋଇଥିଲା। ଦଳ ରବିବାର ସେମିଫାଇନାଲରେ ୭ଥର ଚାମ୍ପିୟନ ତଥା ଗତଥରର ଟାଇଟଲ ବିଜେତା ଜର୍ମାନୀଠାରୁ ୧-୫ ଗୋଲରେ ହାରିଯାଇଥିଲା। ମ୍ୟାଚ୍ ପରେ ଭାରତର ମୁଖ୍ୟ କୋଚ୍ ପି.ଆର୍. ଶ୍ରୀଜେଶ ସ୍ୱୀକାର କରିଥିଲେ ଯେ, ତାଙ୍କ ଦଳ ଯୋଜନା ମୁତାବକ ଖେଳିବାରେ ବିଫଳ ହୋଇଥିଲା। ଛୋଟ ଛୋଟ ତ୍ରୁଟି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା ଏବଂ ଭାରତର ଟାଇଟଲ ଆଶା ଧୂଳିସାତ୍ ହୋଇଯାଇଥିଲା। ତୃତୀୟ ସ୍ଥାନ ପାଇଁ ମୁକାବିଲାରେ ଥିବା ଦୁଇଥର ଚାମ୍ପିୟନ ଆର୍ଜେଣ୍ଟିନା ଆୟୋଜକ ଭାରତକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ମ୍ୟାଚ୍ ଜିତିବାକୁ ହେଲେ ଭାରତକୁ ଦଳଗତ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ୨୦୦୫ ଓ ୨୦୨୧ ଟାଇଟଲ ବିଜେତା ଆର୍ଜେଣ୍ଟିନା ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ସେମିଫାଇନାଲ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ଅଳ୍ପକେ ୨-୧ ଗୋଲରେ ହାରିଯାଇଥିଲା। ଏହି ପରାଜୟ ଦଳକୁ ଖୁବ୍ ଆଘାତ ଦେଇଥିବ। ଭଲ ପ୍ରଦର୍ଶନ ସହ ଟୁର୍ନାମେଣ୍ଟ ଶେଷ କରିବା ଲାଗି ଦଳ ବ୍ୟାକୁଳ ରହିଥିବ ନିଶ୍ଚୟ।

## ଗେଣ୍ଡୁଫୁଲର ଉନ୍ନତ କିସମ



ଶୀତଦିନିଆ ଗେଣ୍ଡୁଫୁଲ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଉନ୍ନତ କିସମ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍‌ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାରକରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତକରି ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ଼ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କିଗ୍ରା ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ।

## ଗାଁଗହଳିରେ କୁକୁଡ଼ା ପାଳନ

ଗାଁଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମ ପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନକରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କିଗ୍ରା ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦–୧୬୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପଲ୍ଲୀରାଜା ଏକ ରଙ୍ଗିନ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡାଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ।



## ଚିନାବାଦାମରେ ଜଳସେଚନ

ଆଗରୁ ଲଗାଯାଇଥିବା ଚିନା ବାଦାମ ୪ ସପ୍ତାହର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ ଏବଂ ତା' ପରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଛାଟନ୍ତୁ। ଯଦି ଗଛ ଧାଡ଼ିର ପାର୍ଶ୍ୱରେ ଲାଇନ କରି ପକାଯାଏ, ଏକର ପ୍ରତି କେବଳ ୫୦ କି.ଗ୍ରା. ଜିପ୍‌ସମ୍ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍ ସାରକୁ ଆମୋନିୟମ୍ ସଲ୍‌ଫେଟ୍ କିମ୍ବା ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରିଥିଲେ ଜିପ୍‌ସମ୍‌ର ଆବଶ୍ୟକତା ପଡ଼େ ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ରବି, ଚିନାବାଦାମ ପାଇଁ ଜମି ପ୍ରସ୍ତୁତ କରନ୍ତୁ ଓ ଉନ୍ନତ କିସମ ଯଥା ଏକେ ୧୨ – ୨୪, ସ୍ମୃତି କିମ୍ବା ଜେ.ଏଲ୍ .– ୨୪ ଆଦି ବ୍ୟବହାର କରନ୍ତୁ।



# ସମନ୍ୱିତ କୃଷି: ଏକ ସଫଳ ମଡେଲ



କେଶବ କୁମାର ମହାପାତ୍ର

କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଭାରତୀୟ କୃଷି ଓ ଅର୍ଥନୀତିର ମେରୁଦଣ୍ଡ। ତଥାପି ସେମାନେ ନିମ୍ନ ଉତ୍ପାଦକତା, ଅସ୍ଥିରବଜାର, ଜଳବାୟୁ ପରିବର୍ତ୍ତନ ଏବଂ ବୃଦ୍ଧି ପାଉଥିବା କୃଷି ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ସହ ନିରନ୍ତର ସଂଘର୍ଷ କରନ୍ତି।

ପାରମ୍ପରିକ ଏକକ ଫସଲ ଚାଷ ପ୍ରଣାଳୀ ପ୍ରାୟତଃ ସ୍ଥାୟୀ ଆୟ ସୃଷ୍ଟି କରିବାରେ ବିଫଳ ହୁଏ। ବିଶେଷକରି ସୀମିତ ଜମି ମାଲିକାନା ଥିବା ଚାଷୀଙ୍କ ପାଇଁ। ଏହି ଚ୍ୟାଲେଞ୍ଜଗୁଡ଼ିକର ସଫଳ ମୁକାବିଲା ପାଇଁ, ସମନ୍ୱିତ କୃଷି ପ୍ରଣାଳୀ କୃଷି ଲାଭ ବୃଦ୍ଧି କରିବା ପାଇଁ ଏକ ବୈଜ୍ଞାନିକ ଭାବରେ ପ୍ରମାଣିତ ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ଭବ ପଥ ପ୍ରଦର୍ଶନ କରେ। ସମାନ ଫାର୍ମ ମଧ୍ୟରେ ପରିପୂରକ କୃଷି ଉପାଦାନଗୁଡ଼ିକୁ ମିଶ୍ରଣକରି ଚାଷୀମାନେ ସମ୍ବଳ ପୁନଃ ଚକ୍ରଣ କରିପାରିବେ। ଅପଚୟକୁ କମ୍ କରିପାରିବେ, ଆୟ ଉତ୍ସଗୁଡ଼ିକୁ ବିବିଧ କରିପାରିବେ ଏବଂ ପରିବେଶଗତ ସ୍ଥାୟିତ୍ୱ ବୃଦ୍ଧି କରିପାରିବେ। ଏହି ଆଲୋଚ୍ୟ ବିଷୟଟି ଏକ ପାଞ୍ଚ–ଉପାଦାନ ସମନ୍ୱିତ କୃଷି ମଡେଲ – କୃଷି, ଉଦ୍ୟାନକୃଷି, ମାଛଚାଷ, ପଶୁପାଳନ ଏବଂ ମହୁମାଛି ପାଳନ ଉପରେ ବିଷଦ ତଥ୍ୟ ରହିଛି।

**କୃଷି**

କୃଷି ଉପାଦାନ ସମନ୍ୱିତ କୃଷି ପ୍ରଣାଳୀର ମୂଳଦୁଆ । କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଅମଳକୁ ସ୍ଥିର କରିବା ଏବଂ ଏକକ ଫସଲ ସହ ଜଡ଼ିତ ବିପଦକୁ ହ୍ରାସକରିବା ପାଇଁ ବିବିଧ ଫସଲ ଅତ୍ୟାବଶ୍ୟକ। ଶସ୍ୟ, ଡାଲି, ତୈଳବୀଜ ଏବଂ ପନିପରିବା ଏକତ୍ରିତ କରିବା ଦ୍ୱାରା ବର୍ଷ ସାରା ନିରନ୍ତର ଉତ୍ପାଦନ ସୁନିଶ୍ଚିତ ହୁଏ। ଡାଲିଜାତୀୟ ଫସଲ ସହ ଫସଲ ପରିବର୍ତ୍ତନ ପ୍ରାକୃତିକ ଭାବରେ ମାଟିର ଯବକ୍ଷାରଜାନକୁ ସମୃଦ୍ଧ କରିଥାଏ ଏବଂ ମହଙ୍ଗା ସାର ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ। ମକା ସହ ବରଗୁଡ଼ି, ମଟର ସହ ଚିନାବାଦାମ କିମ୍ବା ବାଜରା ସହ ଡାଲି ଭଳି ଆନ୍ତଃ ଫସଲ ପ୍ରଣାଳୀ କୀଟପତଙ୍ଗ ଆକ୍ରମଣକୁ ହ୍ରାସ କରିବା ସହ ଜମିର ଉତ୍ପାଦକତାକୁ ଅଧିକ କରିଥାଏ। ବାଜରା, ସ୍ୱଳ୍ପକାଳୀନ ଧାନ, ମରୁଡ଼ିସହଣି ମକା ଏବଂ ଉଚ୍ଚ–ଉତ୍ପାଦନକ୍ଷମ ଡାଲି ପରି ଜଳବାୟୁ ଅନୁକୂଳ ଫସଲ ପ୍ରଚଳନ ଅନିଶ୍ଚିତ ପାଣିପାଗକୁ ମୁକାବିଲା କରିଥାଏ।

ସମନ୍ୱିତ କୃଷି ପ୍ରଣାଳୀରେ, କୃଷି ଉପ–ଉତ୍ପାଦଗୁଡ଼ିକ ଅନ୍ୟ ଉପାଦାନ ପାଇଁ ମୂଲ୍ୟବାନ୍ ଉପଯୋଗୀ ହୋଇଯାଏ। ନଡ଼ା, କୁଟା, ବୋଡି ଏବଂ ଭୁସା ପରି ଫସଲ ଅବଶିଷ୍ଟାଂଶକୁ ପଶୁପାଳନ ପାଇଁ ଖାଦ୍ୟ,କମ୍ପୋଷ୍ଟ, ଛତୁ ଶଯ୍ୟା ପ୍ରସ୍ତୁତି ସାମଗ୍ରୀ କିମ୍ବା ମାଛ ପୋଖରୀରେ ପୁଷ୍ଟିସାର ଉତ୍ସ ଭାବରେ ବ୍ୟବହାର କରାଯାଏ। ଫାର୍ମ ମଧ୍ୟରେ ଉତ୍ପାଦିତ ଜୈବିକ ଅବଶିଷ୍ଟାଂଶ ଜିଆଖତ, ଗୋବରସାର, ବାୟୋଗ୍ୟାସ୍ ସ୍ଲରି ଏବଂ ସବୁଜସାର ମାଟି ଗଠନକୁ ଉନ୍ନତ କରିଥାଏ। ଜୀବାଣୁ କାର୍ଯ୍ୟକଳାପ ବୃଦ୍ଧି କରିଥାଏ ଏବଂ ଫସଲ ପାଇଁ ପୁଷ୍ଟିସାର ଉପଲବ୍ଧତାକୁ ବୃଦ୍ଧି କରିଥାଏ। ଏହା ରାସାୟନିକ ସାର ଉପରେ ନିର୍ଭରଶୀଳତା ହ୍ରାସକରେ ଏବଂ ଦୀର୍ଘକାଳୀନ ମାଟି ସ୍ୱାସ୍ଥ୍ୟକୁ ଉନ୍ନତକରେ। ଛାଦିକରଣ, ବୁନ୍ଦା ଜଳସେଚନ, ଶୂନ୍ୟଚାଷ ଏବଂ ସମନ୍ୱିତ କୀଟପତଙ୍ଗ ପରିଚାଳନା ଭଳି ସ୍ଥାୟୀ ଅଭ୍ୟାସଗୁଡ଼ିକ କେବଳ ଆନୁଷଙ୍ଗିକ ଖର୍ଚ୍ଚ ହ୍ରାସ କରନ୍ତି ନାହିଁ ବରଂ ସମ୍ପଦ ଅବକ୍ଷୟକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରନ୍ତି। ତେଣୁ କୃଷି ଉପାଦାନ ସେହି ଆଧାର ଭାବରେ କାର୍ଯ୍ୟକରେ ଯାହା ଉପରେ ଅବଶିଷ୍ଟ ଉପାଦାନଗୁଡ଼ିକ ସମନ୍ୱୟ ଗଠନ କରିବାରେ ସକ୍ଷମ ହୁଅନ୍ତି।

"କୃଷି ଉପାଦାନ ସମନ୍ୱିତ କୃଷି ପ୍ରଣାଳୀର ମୂଳଦୁଆ । କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଅମଳକୁ ସ୍ଥିରକରିବା ଏବଂ ଏକକ ଫସଲ ସହ ଜଡ଼ିତ ବିପଦକୁ ହ୍ରାସ କରିବା ପାଇଁ ବିବିଧ ଫସଲ ଅତ୍ୟାବଶ୍ୟକ। ଶସ୍ୟ, ଡାଲି, ତୈଳବୀଜ ଏବଂ ପନିପରିବା ଏକତ୍ରିତ କରିବା ଦ୍ୱାରା ବର୍ଷ ସାରା ନିରନ୍ତର ଉତ୍ପାଦନ ସୁନିଶ୍ଚିତ ହୁଏ। ଡାଲିଜାତୀୟ ଫସଲ ସହ ଫସଲ ପରିବର୍ତ୍ତନ ପ୍ରାକୃତିକ ଭାବରେ ମାଟିର ଯବକ୍ଷାରଜାନକୁ ସମୃଦ୍ଧ କରିଥାଏ ଏବଂ ମହଙ୍ଗା ସାର ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ।"



**ଉଦ୍ୟାନ କୃଷି**

ଉଦ୍ୟାନ କୃଷି ଉପାଦାନ ଉଚ୍ଚ–ମୂଲ୍ୟର ଫଳ, ପନିପରିବା ଏବଂ ବୃକ୍ଷରୋପଣ ଫସଲଯୋଡ଼ି କୃଷି ଆୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରେ। ଉଦ୍ୟାନକୃଷି ପାଇଁ ଉତ୍ସର୍ଗୀକୃତ ଏକ ଛୋଟ କ୍ଷେତ୍ର ମଧ୍ୟ ନିୟମିତ ନଗଦ ଆୟ ଏବଂ ପୁଷ୍ଟିକର ସୁରକ୍ଷା ପ୍ରଦାନ କରିପାରିବ। ଆମ୍ବ, ଗୁଆ,ଅମୃତଭଣ୍ଡା, କଦଳୀ, ସଜନା, ଲେମ୍ବୁ ଏବଂ ସୀତାଫଳ ପରି ଫଳଗଛ ଦୀର୍ଘକାଳୀନ, ସ୍ଥିର ଆୟ ପ୍ରଦାନ କରେ ଏବଂ ଅପେକ୍ଷାକୃତ କମ୍ ରକ୍ଷଣାବେକ୍ଷଣ ଆବଶ୍ୟକ କରେ। ଉଚ୍ଚ–ଘନତାରୋପଣ ପ୍ରଣାଳୀ ଏବଂ ବହୁସ୍ତରୀୟ ଉଦ୍ୟାନ ଚାଷୀମାନଙ୍କୁ ସୀମାନ୍ତ ଜମିରେ ମଧ୍ୟ ବିବିଧ ଫଳଫସଲ ଚାଷ କରିବାକୁ ଅନୁମତି ଦିଏ। ଏହା ସହ ପନିପରିବା ଚାଷ – ବିଲାତି, ଭେଣ୍ଡି, କଖାରୁ, ସବୁଜ ପତ୍ରଯୁକ୍ତ ପରିବା,ବିନ୍ସ ପ୍ରତ୍ୟେକ ଋତୁରେ ଭଲ କାରବାର ସୁନିଶ୍ଚିତ କରେ, ଯାହା ଚାଷୀମାନଙ୍କୁ ବର୍ଷସାରା ଆୟ ଅର୍ଜନ କରିବାକୁ ସକ୍ଷମ କରିଥାଏ।

ଉଦ୍ୟାନ କୃଷି ଏବଂ ଅନ୍ୟାନ୍ୟ ଉପାଦାନ ମଧ୍ୟରେ ସମନ୍ୱୟ ସମନ୍ୱିତ କୃଷିର ଏକ ପ୍ରମୁଖ ଶକ୍ତି। ପଡ଼ିଥିବା ଫଳ, ଚୋପା ଏବଂ ବଜାରରେ ଅଯୋଗ୍ୟ ପନିପରିବା ପଶୁପାଳନ ପାଇଁ ଉତ୍କୃଷ୍ଟ ଖାଦ୍ୟ କିମ୍ବା ଜିଆସାର ପାଇଁ ପ୍ରସ୍ତୁତି ଉପାଦାନ ଭାବରେ କାର୍ଯ୍ୟକରେ। ଫାର୍ମରେ ଉତ୍ପାଦିତ ପୁଷ୍ଟିକର ଭରପୂର ଜିଆଖତ ଉଦ୍ୟାନ ଫସଲର ବୃଦ୍ଧି, ଅମଳ ଏବଂ ଗୁଣବତ୍ତା ଉନ୍ନତ କରେ, ସାର ଖର୍ଚ୍ଚ ହ୍ରାସ କରେ। ବଗିଚାରେ ସ୍ଥାପିତ ବୁନ୍ଦାଜଳସେଚନ ପ୍ରଣାଳୀ ପ୍ରାୟତଃ ନିକଟବର୍ତ୍ତୀ ପନିପରିବା ଜମି ସହ ପାଣି ବାଣ୍ଟିଥାଏ, ଯାହା ଜଳ ବ୍ୟବହାର ଦକ୍ଷତା ବୃଦ୍ଧି କରେ। ବଗିଚାରେ ପନିପରିବା, ଔଷଧୀୟ ଗଛ କିମ୍ବା ଯବକ୍ଷାରଜାନ ବିବନ୍ଧନକାରୀ ବୃକ୍ଷ ଆନ୍ତଃ ଫସଲ କରିବା ଦ୍ୱାରା ମାଟିର ଉର୍ବରତା ଏବଂ ଆୟ ଆହୁରି ବୃଦ୍ଧି ହୁଏ। ଉଦ୍ୟାନ କୃଷିକୁ ସମନ୍ୱିତ କରି ଚାଷୀମାନେ କେବଳ ଶସ୍ୟ–କୃଷି ତୁଳନାରେ ପ୍ରତି ୟୁନିଟ୍ କ୍ଷେତ୍ରରେ ୨–୩ ଗୁଣ ଅଧିକ ଲାଭ ହାସଲ କରିପାରିବେ। ତାହା ଆୟ ଦ୍ୱିଗୁଣିତ କରିବାପାଇଁ ଏକ ରଣନୈତିକ କୌଶଳ ଭାବରେ ପ୍ରତିଷ୍ଠିତ କରିଥାଏ।

**ମାଛଚାଷ**

ମତ୍ସ୍ୟଚାଷ (ମାଛଚାଷ) ସମନ୍ୱିତ କୃଷିରେ ଏକ ଜଳୀୟ ଉପାଦାନ ଏବଂ ସମ୍ପଦ ପୁନଃ ଚକ୍ରଣ କରି ଅଧିକ ଆୟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବିଶେଷଭାବରେ ପୋଖରୀ, ନିମ୍ନଭୂମି କିମ୍ବା ଋତୁକାଳୀନ ଜଳାଶୟ ଥିବା ଚାଷୀଙ୍କ ପାଇଁ। ରୋହି, ଭାକୁଡ଼, ମିରିକାଳି, ଘାସକାର୍ପ, ରୁପାକାର୍ପ ଏବଂ ଜାପାନୀ କଉ ପରି ମଧୁର ଜଳ ମାଛ ପ୍ରଜାତିଗୁଡ଼ିକ ତୁଳନାତ୍ମକ ଭାବରେ କମ୍ ପରିଚାଳନା ଖର୍ଚ୍ଚରେ ଉଚ୍ଚ ଲାଭ ପ୍ରଦାନ କରନ୍ତି। ପଶୁପାଳନ ଏବଂ କୃଷି ସହ ସମନ୍ୱିତ ହେଲେ ମାଛ ଚାଷ ଦକ୍ଷ ଏବଂ ସ୍ଥାୟୀ ହୁଏ। ଉଦାହରଣ ସ୍ୱରୂପ ମାଛ ପୋଖରୀକୁ ସାର ଦେବା ପାଇଁ ମାପ ପରିମାଣରେ ପୁଷ୍ଟିକର ପଦାର୍ଥଯୁକ୍ତ ଗାଈ ଗୋବର କିମ୍ବା କୁକୁଡ଼ା ଖତ ବ୍ୟବହାର କରାଯାଏ, ଯାହା ପ୍ରାକୃତିକ ପ୍ଲାଙ୍କଟନ ବୃଦ୍ଧିକୁ ପ୍ରୋତ୍ସାହିତ କରେ, ଯାହା ମାଛ ଖାଦ୍ୟ ଭାବରେ କାର୍ଯ୍ୟକରେ। ଯେପରି ସମୟ ସହ ଜମାହେଉଥିବା ପୋଖରୀ ପଙ୍କ ଫସଲ ଏବଂ ଫଳଗଛ ପାଇଁ ଏକ ମୂଲ୍ୟବାନ୍ ଜୈବିକ ସାର ହୋଇଯାଏ। (କ୍ରମଶଃ...)

ମଧୁବାବୁ କମ୍ପ୍ଲେକ୍ସ, ଖନ୍ତାପଡ଼ା, ବାଲେଶ୍ୱର, ମୋ : ୯୪୩୭୧୧୭୪୦୬

## ଆଳୁରେ ହୁଡ଼ା ଦେଉଥିଲେ...



ଆଳୁ ଲଗାଇବାର ୩ ସପ୍ତାହ ହୋଇଯାଇଥିଲେ କିମ୍ବା ଗଛ ୧୦–୧୨ ସେ.ମି. ହୋଇଥିଲେ ପ୍ରଥମେ ହୁଡ଼ା ଦିଅନ୍ତୁ। ପ୍ରଥମେ ଭଲଭାବରେ କୋଡ଼ାଖୁସା କରି ଘାସ ବାଛନ୍ତୁ। ଏହାଦ୍ୱାରା ଆଳୁଗଛ ମୂଳର ମାଟି ହାଲୁକା ହୋଇଯିବ। ତା'ପରେ ଜମିରେ କିସମ ଦେଖି ବଳକା ୩୦–୪୫କି.ଗ୍ରା. ଯବକ୍ଷାରଜାନ ସାରକୁ ଆଳୁ ଗଛ ଧାଡ଼ର ୨ ପାଖରେ ୩–୪ସେ.ମି. ଦୂରତାରେ ୨–୩ସେ.ମି. ଗଭୀରରେ ହୁଡ଼ା ଦିଅନ୍ତୁ। ୧ଏକର ଜମିରେ ଆଳୁ ଲଗାଇବା ଲାଗି ୬–୮କୁଇଣ୍ଟାଲ(୨୫ଗ୍ରାମ୍ ଓଜନର ବିହନ ଆଳୁ) ସଂଗ୍ରହ କରି ଅନ୍ଧାରରେ ୭ଦିନ ଚଟାଣରେ ରଖି ଦିଅନ୍ତୁ। ପରେ ଲଗାଇବା ପୂର୍ବରୁ ବିହନକୁ ୧୦ଲିଟର ପାଣିରେ ୨୦ଗ୍ରାମ୍ ମାଙ୍କୋଜେବ୍ ସହ ୧ ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ମିଶାଇ ଦ୍ରବଣ ପ୍ରସ୍ତୁତକରି ୩୦ମିନିଟ୍ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ। ଜମି ପ୍ରସ୍ତୁତି ବେଳେ ସାଧାରଣ ଜମି ପାଇଁ ଏକର ପ୍ରତି ୮ଟନ୍ କମ୍ପୋଷ୍ଟ ଓ ନଈବାଲିରେ ୧୦ଟନ୍ କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ସାଧାରଣ ଜମି ପାଇଁ ଅନୁମୋଦିତ ସାର ଯଥା: ୬୦–୩୦–୪୦ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ଏବଂ ନଈବାଲିରେ ୯୦–୪୫–୬୦ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ଆଳୁ ଲଗାଇବା ବେଳେ ସବୁତକ ଫସ୍‌ଫରସ୍ ଓ ପଟାସ ଏବଂ ଅଧା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ତା' ସହ ଏକର ପ୍ରତି ୫ କି.ଗ୍ରା. ବ୍ଲିଚିଂ ପାଉଡର ଓ ୪କି.ଗ୍ରା. ଫୋରେଟ୍ ପ୍ରୟୋଗକଲେ ପ୍ରାଥମିକ ଅବସ୍ଥାରେ ପୋକ ଝାଉଁଳା, ଯାଦୁରା ରୋଗ ଦମନ ହୋଇଥାଏ।


## ପିଆଜ ଲଗାଉଥିଲେ...



ପିଆଜ ତଳିଗୁଡ଼ିକ ୧୨–୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଉପାଡ଼ି ଲଗାନ୍ତୁ। ଶୀତଦିନରେ ୮–୧୦ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିପଡ଼େ। ଜମିକୁ ଭଲଭାବରେ ୪–୫ଥର ଚାଷକରି ମାଟି ଗୁଣ୍ଡକରି ଦିଅନ୍ତୁ। ପାଣି ମଡ଼େଇବାର ସୁବିଧା ଦେଖି ୨ ମିଟର ଓସାରର ଛୋଟ ଛୋଟ ପଟାଳିକରି ଖତସାର ଦେଇ ଜମି ସମତୁଲ କରିଦିଅନ୍ତୁ। ପଟାଳି ପ୍ରସ୍ତୁତି ସମୟରେ ଏକର ପ୍ରତି ୧୦କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଉଇ ବା କଟାପୋକ ହେବେ ନାହିଁ। ଧାଡ଼ିକୁ ଧାଡ଼ି ୧୫ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ଚାରା ଲଗାନ୍ତୁ। ଏକର ପ୍ରତି ୮–୧୨ ଟନ ଶଢ଼ା ଗୋବରଖତ ଗୁଣ୍ଡ ତଳି ଲଗେଇବାର ୧ ସପ୍ତାହ ପୂର୍ବରୁ ଜମିରେ ପକାଇ ଭଲଭାବେ ମାଟିରେ ମିଶାଇ ଦିଅନ୍ତୁ। ପିଆଜ ଚାଷ ଲାଗି ଏକର ପ୍ରତି ୪୮କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ୍ ଓ ୨୪କି.ଗ୍ରା. ପଟାସ ସାର ଆବଶ୍ୟକ। ଅଧା ଯବକ୍ଷାରଜାନ, ସମୁଦାୟ ଫସ୍‌ଫରସ୍ ଓ ଅଧା ପଟାସ ସାରକୁ ମୂଳସାର ରୂପେ ତଳି ରୋଇବାର ୨ ଦିନ ଆଗରୁ ମାଟିରେ ମିଶେଇ ଦିଅନ୍ତୁ।

## ପନିପରିବା ଚାଷ

ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କିଗ୍ରା ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ। ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କିଗ୍ରା ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।



# ଶୀତକାଳୀନ ମାଛଚାଷ ପୋଖରୀର ପରିଚାଳନା



ଚିନ୍ମୟୀ ଷଡ଼ଙ୍ଗୀ

ଶୀତଦିନରେ ବିଶେଷତଃ ପୋଖରୀ ପାଣି ଗୋଳିଆ ହେବା ସହ ଦଳସବୁ ସ୍ଥିରହୋଇ ଉପରେ ଏକ ଚାଦର ଭଳି ବସିଯାଏ । ଏହା ଫଳରେ ମାଛମାନେ ଅନବରତ ଭାବେ ପାଣିରେ ଭଲଭାବେ ଓ ଚଳପ୍ରଚଳ କରିବାରେ ଅସୁବିଧା ହୋଇଥାଏ । ଏଣୁ ଅନେକ ଥର ଆମେ ଦେଖୁ ଯେ, ଶୀତଦିନେ ପୋଖରୀରେ ମାଛସବୁ ମରି ଭାସୁଥାନ୍ତି। ଏଭଳି ସ୍ଥିତିରେ ପୋଖରୀଗୁଡ଼ିକରେ ମାଛଚାଷ ସମୟରେ ପାଣିର ଉପଯୁକ୍ତ ପରିଚାଳନା ଆବଶ୍ୟକ ହୋଇଥାଏ। ଏହା ସହ ଅଧିକ ଶୀତ ପଡ଼ିଲେ ମଧ୍ୟ ପାଣିର ତାପମାତ୍ରା ଓ ଅମ୍ଳଜାନ ସାଧାରଣ ଦିନଠୁ କମିଯାଉଥିବାରୁ ମାଛମାନଙ୍କ ଉପରେ ଏକପ୍ରକାର ଚାପ ସୃଷ୍ଟିହୁଏ । ଫଳରେ ମାଛମାନଙ୍କୁ ବିଭିନ୍ନ ପ୍ରକାର ରୋଗ ହେବା ଦ୍ୱାରା ସେମାନେ ମରିଯିବା ସମ୍ଭାବନା ରହିଥାଏ।

**ଶୀତକାଳୀନ ମାଛଚାଷ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ**

ଶୀତଦିନରେ ପୋଖରୀ ପାଣିର ଗଭୀରତା ଅତିକମ୍‌ରେ ୬ ଫୁଟ ରଖିବା ଆବଶ୍ୟକ। ଏହିଦିନରେ ମାଛମାନଙ୍କର ଖାଦ୍ୟର ଆବଶ୍ୟକତା କମ୍ ଥାଏ। ସେଥିପାଇଁ ସାଧାରଣ ଖାଦ୍ୟ ପରିମାଣରୁ ୫୦–୭୫ ଭାଗ କମ୍ ଖାଦ୍ୟ ଦେବା ଆବଶ୍ୟକ । ଗୋବର, କୁକୁଡ଼ାମଳ, ପିଡ଼ିଆ ଭଳି ଜୈବିକ ଖାଦ୍ୟପୋଖରୀରେ ପକାନ୍ତୁ ନାହିଁ। କାରଣ ଏହା ପାଣିର ଗୁଣବତ୍ତା ହ୍ରାସ କରିଥାଏ। ଶୀତକାଳରେ କାର୍ପମାଛରେ ଅଲ୍ସର, ଫଙ୍ଗସ, ଗିଲ୍ରୋଟ ଅଧିକ ଦେଖାଯାଏ। ଏହା ସହ ଅନ୍ୟାନ୍ୟ ରୋଗ ମଧ୍ୟ ହୋଇଥାଏ। ଶୀତଦିନିଆ ରୋଗର ପ୍ରତିକାର ପାଇଁ ଶୀତଋତୁ ପୂର୍ବରୁ ଏକର ପିଛା ସିଫାକ୍ସ ୪୦୦ମି.ଲି., ପୋଟାସିୟମ ପରମଙ୍ଗାନେଟ (KMNO୪ ) ୧–୨ କି.ଗ୍ରା. କିମ୍ବା ଚୂନ (LIME ) ୫୦–୧୦୦ କି.ଗ୍ରା. ପୋଖରୀରେ ପ୍ରୟୋଗ କରନ୍ତୁ । ଏକର ପିଛା ୧୦୦ କି.ଗ୍ରା. ହାରରେ ସାଧାରଣ ଲୁଣ ପ୍ରୟୋଗ କରିବା ଦ୍ୱାରା ମଧ୍ୟ ମାଛର ଚାପ କମେ ଓ ପରଜୀବୀ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ପୋଖରୀ ପାଣିର ସର୍ବଦା ଉତ୍ତମ ଗୁଣବତ୍ତା ଓ ପରିଷ୍କାର ରଖିବା ଆବଶ୍ୟକ । ଏଥିପାଇଁ DO, PH ଓ ପାଣିର ଧୂଳିକଣା ସମୟ ସମୟରେ ପରୀକ୍ଷା କରାଇବା ଉଚିତ । ଶୀତରେ ମାଛକୁ ବେଶି ଜାଲ ଲଗାଇ ଧରିବା କିମ୍ବା ଅନାବଶ୍ୟକ ଚଳାଚଳ ଉପରେ ବାରଣ କରନ୍ତୁ । ପାଣିରେ ଅମ୍ଳଜାନର ପରିମାଣ ବଢ଼ାଇବା ପାଇଁ ସାଧାରଣ ଏରେଟର୍/ପ୍ୟାଡଲ୍‌ୱିଲ୍ ବ୍ୟବହାରକରନ୍ତୁ।



**ଖାଦ୍ୟ ପରିଚାଳନା**

➤ଥଣ୍ଡାରେ ମାଛ ଖାଇବା କମାଇ ଦେଇଥାଏ,ତେଣୁ ଖାଦ୍ୟ ୫୦–୭୫ % କମାଇବା ଉଚିତ।

➤ଖାଦ୍ୟର ଉପଯୁକ୍ତ ବ୍ୟବହାର, ପାଣିର ଗୁଣବତ୍ତା ଠିକ୍ ରଖିବା ଏବଂ ଖାଦ୍ୟ ନଷ୍ଟକୁ ରୋକିବାକୁ ସକାଳ ୧୦ଟା ପରଠୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖାଦ୍ୟ ଦେବା ଭଲ।

➤ଅତ୍ୟଧିକ ଖାଦ୍ୟ ଦେଲେ ପାଣି ଦୂଷିତ ହୋଇ ମାଛ ମରିଯିବା ସମ୍ଭାବନା ରହିଥାଏ।

ଶୀତକାଳରେ ମାଛର ବୃଦ୍ଧି କମ୍ ହୋଇଥାଏ,କିନ୍ତୁ ଠିକ୍ ପୋଖରୀ ପରିଚାଳନା ଦ୍ୱାରା ମାଛ ମୃତ୍ୟୁ,ରୋଗ ଓ ଉତ୍ପାଦନ କ୍ଷତିକୁ ରୋକାଯାଇପାରେ। ଖାଦ୍ୟ, ପାଣିର ଗୁଣବତ୍ତା ରକ୍ଷା, ଅକ୍ସିଜେନ୍ ଓ ରୋଗ ନିୟନ୍ତ୍ରଣ–ଏହି ଚାରିଟି ହିଁ ଶୀତ ପରିଚାଳନାର ମୂଳ ଆଧାର।

–ମତ୍ସ୍ୟବିଜ୍ଞାନ ଅଧିକାରୀ, ଓୟୁଏଟି,ଭୁବନେଶ୍ୱର
ମୋ : ୯୪୩୯୧୧୪୯୧୧

# ବାରବାଟୀରେ ଟି୨୦ ଉତ୍ସାହ

**ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ। ଏହି ଅନ୍ତର୍ଜାତୀୟ ମ୍ୟାଚଲାଗି ଦର୍ଶକଙ୍କ ମନରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି।**

## ମ୍ୟାଚ୍ ଦେଖିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ମ୍ୟାଚ୍ ଦେଖିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଗେଷ୍ଟ ଲାଉଞ୍ଜର ବ୍ୟବସ୍ଥା କରାଯାଇଥିଲା। ଏଥିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହିତ ରାଜ୍ୟର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବସି ମ୍ୟାଚ୍ ଉପଭୋଗ କରିଥିଲେ।



ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ ପୂର୍ବରୁ ଦୁଇ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଏଡେନ ମାରକ୍ରମଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।


ମ୍ୟାଚ ଅବସରରେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ।

## ଭାରତ-ଦକ୍ଷିଣ ଆଫ୍ରିକା ସ୍କୋର ବୋର୍ଡ

**ଭାରତ ଇନିଂସ**
ଅଭିଷେକ ଶର୍ମା-କ-ଜାନସେନ୍-ବୋ-ସିପାମ୍ଲା-୧୭
ଶୁବମନ ଗିଲ୍-କ-ଜାନସେନ-ବୋ-ଏନ୍‌ଗିଡ଼ି-୪
ସୂର୍ଯ୍ୟକୁମାର ଯାଦବ-କ-ମାରାକ୍ରମ-ବୋ-ଏନ୍‌ଗିଡ଼ି-୧୨
ତିଳକ ବର୍ମା-କ-ଜାନସେନ୍-ବୋ-ଏନ୍‌ଗିଡ଼ି-୨୬
ଅକ୍ଷର ପଟେଲ-କ-ଫେରିରା-ବୋ-ସିପାମ୍ଲା-୨୩
ହାର୍ଦ୍ଦିକ ପାଣ୍ଡ୍ୟା- ନଟ୍ ଆଉଟ୍-୫୯
ଶିବମ ଦୁବେ-ବୋ-ଫେରିରା-୧୧
ଜିତେଶ ଶର୍ମା-ନଟ୍ ଆଉଟ୍-୧୦
**ଅତିରିକ୍ତ**-୧୩
**ମୋଟ:** (୨୦ ଓଭର/୬ ଉଇକେଟ) ୧୭୫।
**ଉଇକେଟ ପତନ:**
୧/୫, ୨/୧୭, ୩/୪୮, ୪/୭୮,୫/୧୦୪,୬/୧୩୭।
**ବୋଲିଂ (ଦକ୍ଷିଣ ଆଫ୍ରିକା)**
ଲୁନ୍‌ଗି ଏନ୍‌ଗିଡ଼ି ୪-୦-୩୧-୩
ମାର୍କୋ ଜାନସେନ୍ ୪-୦-୨୩-୦
ଲୁଥୋ ସିପାମ୍ଲା ୪-୦-୩୮-୨
ଏନରିଚ ନର୍କିଆ ୪-୦-୪୧-୦
କେଶବ ମହାରାଜ ୨-୦-୨୫-୦
ଡୋନୋଭାନ ଫେରିରା ୨-୦-୧୩-୧।
**ଦକ୍ଷିଣ ଆଫ୍ରିକା ଇନିଂସ**
କ୍ୱିଣ୍ଟନ ଡି'କକ୍-କ-ଅଭିଷେକ-ବୋ-ଅର୍ଶଦୀପ-୦
ଏଡେନ ମାରକ୍ରମ-ବୋ-ଅକ୍ଷର-୧୪
ଷ୍ଟ୍ରିଷ୍ଟାନ ଷ୍ଟବ୍ସ-କ-ଜିତେଶ-ବୋ ଅର୍ଶଦୀପ-୧୪
ଡିୱାଲ୍ଡ ବ୍ରେଭିସ୍-କ-ସୂର୍ଯ୍ୟକୁମାର-ବୋ-ବୁମ୍‌ରା-୨୨
ଡେଭିଡ୍ ମିଲର-କ-ଜିତେଶ-ବୋ-ହାର୍ଦ୍ଦିକ-୧
ଡୋନୋଭାନ୍ ଫେରିରା-କ-ଜିତେଶ-ବୋ-ବରୁଣ-୫
ମାର୍କୋ ଜାନସେନ-ବୋ-ବରୁଣ-୧୨
କେଶବ ମହାରାଜ-କ-ଜିତେଶ-ବୋ-ବୁମ୍‌ରା-୦
ଏନ୍‌ରିଚ ନର୍କିଆ-ବୋ-ଅକ୍ଷର-୧
ଲୁଥୋ ସୁପାମ୍ଲା-କ-ଅଭିଷେକ-ବୋ-ଦୁବେ-୨
ଲୁନ୍‌ଗି ଏନ୍‌ଗିଡ଼ି-ନଟ୍ ଆଉଟ୍-୨
ଅତିରିକ୍ତ-୧
ମୋଟ: (୧୨.୩ ଓଭର/୧୦ ଉଇକେଟ) ୭୪।
ଉଇକେଟ ପତନ: ୧/୦, ୨/୧୬, ୩/୪୦, ୪/୪୫, ୫/୫୦, ୬/୬୮, ୭/୬୮, ୮/୭୦, ୯/୭୨, ୧୦/୭୪।
**ବୋଲିଂ (ଭାରତ)**
ଅର୍ଶଦୀପ ସିଂ ୨-୦-୧୪-୨
ଯଶପ୍ରୀତ୍ ବୁମ୍‌ରା ୩-୦-୧୭-୨
ବରୁଣ ଚକ୍ରବର୍ତ୍ତୀ ୩-୦-୧୯-୨
ଅକ୍ଷର ପଟେଲ ୨-୦-୭-୨
ହାର୍ଦ୍ଦିକ ପାଣ୍ଡ୍ୟା ୨-୦-୧୬-୧
ଶିବମ ଦୁବେ ୦.୩-୦-୧-୧।








ଭିନ୍ନଭିନ୍ନ ବାର୍ତ୍ତାନେଇ ବାରବାଟୀରେ ଉପସ୍ଥିତ ଉଲ୍ଲସିତ ଦର୍ଶକ। (ଫଟୋ: ରାଜକିଶୋର ମହାନ୍ତି)

## ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ଭାରତୀୟ ଖେଳାଳି ଓ କୋଚ୍

**ପୁରୀ, ୯।୧୨(ଅଜିତ୍ କୁମାର ମହାନ୍ତି)**

କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ମୁକାବିଲା ପୂର୍ବରୁ ଭୁବନେଶ୍ୱରରୁ ପୁରୀ ଆସି ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି ଭାରତୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍। ଟିମ୍ ଇଣ୍ଡିଆ ଅଧିନାୟକ ଏବଂ କୋଚ୍‌ଙ୍କ ସମେତ ଅନ୍ୟ କେତେଜଣ ଖେଳାଳି ମଙ୍ଗଳବାର ପୂର୍ବାହ୍ନରେ କଡ଼ା ସୁରକ୍ଷା ମଧ୍ୟରେ ପୁରୀ ଆସି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନକରି ଆଶୀର୍ବାଦ ନେଇଛନ୍ତି। ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ତାଙ୍କ ସ୍ତ୍ରୀ ଦେଭିସା ଶେଟ୍ଟି,, ତିଳକ ବର୍ମା, ଜିତେଶ ଶର୍ମାଙ୍କ ସମେତ ଅନ୍ୟାନ୍ୟ ସପୋର୍ଟ ଷ୍ଟାଫ୍ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସିଂହଦ୍ୱାର ସମ୍ମୁଖରେ ଟିମ୍ ଇଣ୍ଡିଆ ସଦସ୍ୟ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସମସ୍ତେ ବାଇଶିପାହାଚ ଦେଇ ଶ୍ରୀମନ୍ଦିର ଯାଇ ରତ୍ନ ସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଥିଲେ। ଏହି ଅବସରରେ କୋଚ୍ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାରଙ୍କୁ ସେବାୟତ ମହାପ୍ରଭୁଙ୍କ ନିକଟରୁ ଫୁଲମାଳ ଆଣି ପ୍ରଦାନ କରିଥିଲେ।




ମହାପ୍ରଭୁଙ୍କ ଦର୍ଶନପରେ ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର, ତିଳକ ବର୍ମା ଓ ଅନ୍ୟମାନେ।

ମହାପ୍ରଭୁଙ୍କ ଦର୍ଶନକରି କିଛି ସମୟ ମନ୍ଦିର ପରିସରରେ ଅତିବାହିତ କରିବାପରେ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ବାହାରେ ଖେଳାଳି ଓ ସମସ୍ତ ଷ୍ଟାଫ୍‌ଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁରୀ ଜିଲାପାଳ ଓ ଏସ୍‌ପି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଭାରତୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିସର ଏବଂ ସିଂହଦ୍ୱାରରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଥିଲା। ଏ ଅବସରରେ ଓସିଏ କର୍ମକର୍ତ୍ତା ରବି ଶଙ୍କର ପ୍ରତିହାରୀ କହିଛନ୍ତି, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ଭାରତୀୟ କ୍ରିକେଟ ଟିମ୍‌ର ଅଧିନାୟକଙ୍କ ସହ କୋଚ୍ ଏବଂ ବରିଷ୍ଠ ଖେଳାଳିମାନେ। ଭାରତ ମାଟିରେ ଭାରତର ଟେକ ରଖିବା ପାଇଁ ମହାପ୍ରଭୁଙ୍କ ଶରଣ ଯାଇ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଜୟ ବିଜୟ ଦ୍ୱାର ନିକଟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ ବୋଲି ପ୍ରତିହାରୀ କହିଛନ୍ତି। ଏନେଇ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଖେଳାଳିମାନଙ୍କୁ ମନ୍ଦିର ଭିତରେ ଜିଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ତରଫରୁ ଦର୍ଶନ ବ୍ୟବସ୍ଥା କରାଇଥିଲେ। ସମସ୍ତେ ଭଲରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଭକ୍ତମାନେ ମଧ୍ୟ ଏଥିରେ ସହଯୋଗ କରିଛନ୍ତି ବୋଲି ଏସ୍‌ପି ସିଂ ପ୍ରକାଶ କରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ